ଧରିତ୍ରୀ
DHARITRI
ବ୍ରହ୍ମପୁର, ମଙ୍ଗଳବାର, ଅକ୍ଟୋବର ୪/୨୦୨୨ (୧୬ ପୃଷ୍ଠା) | Berhampur, Tuesday, October 4/2022 | Page 16 | ₹ 7.00 | ★★★
୧୮ଶ ଭାଗ ୨୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 18 ISSUE 247 | ମୂଲ୍ୟ ₹୭/-




Arundhati JEWELLERS
ODISHA'S LARGEST JEWELLERY BRAND

MY IDENTITY-MY CULTURE
MY PRIDE-MY ODISHA
ARKA
"INSPIRED BY SUN TEMPLE KONARK"
To honour, tribute & promote our rich heritage & sculpture,
~~₹999/-~~ ₹499/- mc per gm
exclusively for "ARKA"
THIS FESTIVE SESSION ONLY.






UPTO 50% OFF ON MC GOLD JEWELLERY
UPTO 30% OFF ON DIAMOND VALUE
UPTO 50% OFF ON MC SILVER ITEAMS

BHUBANESWAR | BERHAMPUR | ROURKELA | SAMBALPUR | BALANGIR | BARGARH | BHAWANIPATNA
CUTTACK & PURI (OPENING SHORTLY)
TOLL FREE:1800 345 0018 | www.arundhatijewellers.com



"ଏହି ପଲିସୀରେ, ବିନିଯୋଗ ପୋର୍ଟଫୋଲିଓରେ ବିନିଯୋଗର ଆପଦ ପଲିସୀଧାରକ ବହନ କରନ୍ତି"

ଆସିଗଲା

ଆଜିର ଏକ **ସ୍ମାର୍ଟ** ବିନିଯୋଗ,
ଆଣିବ ଆଗାମୀକାଲିର ସୁରକ୍ଷିତ ଭବିଷ୍ୟତ ।

ଏଲଆଇସି'ର
ନ୍ୟୁ ପେନସନ ପ୍ଲସ୍
Plan No.: 867 UIN: 512L347V01
(ଏକ ୟୁନିଟ-ଜଡ଼ିତ, ନନ୍-ପାର୍ଟିସିପେଟିଙ୍ଗ,
ବ୍ୟକ୍ତିଗତ ପେନସନ ପ୍ଲାନ)



ଅନ୍‌ଲାଇନ୍‌ରେ ବି ଉପଲବ୍ଧ

ନିଜ ପେନସନ ଯୋଜନାବଦ୍ଧ କରନ୍ତୁ, ନିଅନ୍ତୁ ଏଲଆଇସି'ର ନ୍ୟୁ ପେନସନ ପ୍ଲସ୍

- ବୟସ ପାତ୍ରତା : 25–75 ବର୍ଷ
- ନମନୀୟ ପ୍ରିମିଅମ ପେମେଣ୍ଟ
- ଗ୍ୟାରଣ୍ଟୀଡ୍ ଆଡିଶନ୍‌ସ
- ଡିଫରଡ ଆନୁଇଟୀ
- ମାର୍କେଟ-ଜଡ଼ିତ ପେଆଉଟ୍
- ଆଂଶିକ କଢ଼ାଣଯୋଗ୍ୟ

LIC/P1/2022-23/13/Ori

ଡାଉନ୍‌ଲୋଡ୍ କରନ୍ତୁ ଏଲଆଇସି ମୋବାଇଲ ଆପ "MyLIC" | ଦେଖନ୍ତୁ: licindia.in | କଲ୍ ସେଣ୍ଟର ସର୍ଭିସ (022) 6827 6827

LIC
ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ
LIFE INSURANCE CORPORATION OF INDIA

ଆମକୁ ଦେଖନ୍ତୁ ଏଠାରେ: LIC India Forever | IRDAI Regn No.: 512 |
ପ୍ରତି କ୍ଷଣ ଆପଣଙ୍କ ସାଥିରେ

ନକଲି ଫୋନ କଲ୍ ତଥା ଅବାସ୍ତବ/ପ୍ରତାରଣାପୂର୍ଣ୍ଣ ଅଫର ପ୍ରତି ସାବଧାନ । ଆଇଆରଡିଏଆଇ ଇନ୍‌ସ୍ୟୋରାନ୍‌ସ ପଲିସୀ ବିକ୍ରି, ବୋନସ ଘୋଷଣା ବା ପ୍ରିମିଅମସବୁ ବିନିଯୋଗ କରିବା ଭଳି କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ନଥାଏ । ଏଭଳି ଫୋନ କଲ୍ ପାଇବା ବ୍ୟକ୍ତି ପୁଲିସରେ ଅଭିଯୋଗ ଦାୟର କରିବାକୁ ଅନୁରୋଧ । ଆପଦ ତଥ୍ୟାବଳୀ, ସର୍ତ୍ତ ଓ ନିୟମାବଳୀ ସମ୍ପର୍କରେ ଅଧିକ ବିବରଣୀ ପାଇଁ ବିକ୍ରୟ ସମ୍ପନ୍ନ କରିବା ଆଗରୁ ବିକ୍ରୟ ପୁସ୍ତିକା ମନଦେଇ ପଢ଼ିବାକୁ ଅନୁରୋଧ ।




DADLS - 45

## 'ପବିତ୍ର ବିଜୟା ଦଶମୀ - ୨୦୨୨' ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ବିଜୟା ଦଶମୀ ହେଉଛି ଅସତ୍ୟ ଉପରେ ସତ୍ୟର, ଅନ୍ୟାୟ ଉପରେ ନ୍ୟାୟର ଏବଂ ଅଶାନ୍ତି ଉପରେ ଶାନ୍ତିର ବିଜୟ ପ୍ରତୀକ । ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ତଥା ସମାଜରେ ସତ୍ୟ, ନ୍ୟାୟ ଏବଂ ଶାନ୍ତିର ପ୍ରତିଷ୍ଠା ଦିଗରେ ନିଷ୍ଠାପର ଭାବେ କାର୍ଯ୍ୟ କରନ୍ତୁ ।

ଗଣେଶୀ ଲାଲ
(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR-15001/13/0143/2223

ଓଡ଼ିଶା ସରକାର



DADLS - 45

## ମୁଖ୍ୟମନ୍ତ୍ରୀଙ୍କ ଶାରଦୀୟ ଅଭିନନ୍ଦନ

ମାତୃଶକ୍ତିର ଆରାଧନା ଆମ ସଂସ୍କୃତିର ଅନନ୍ୟ ବିଭବ । ଆଶ୍ୱିନର ଶୁଭଲଗ୍ନରେ ଜଗତ୍‌ଜନନୀ ମା'ଙ୍କର ଧରାବତରଣ ଜଗତକୁ କରିଛି ଉତ୍ସବ ମୁଖର । ପାର୍ବଣର ଏହି ଆନନ୍ଦମୟ ପରିବେଶରେ ଆସନ୍ତୁ, ସବୁ ଭେଦଭାବ ଭୁଲି ଓଡ଼ିଶାର ବିକାଶ ପାଇଁ ଶପଥ ନେବା ଏବଂ ଏକ ସମୃଦ୍ଧ ଓଡ଼ିଶା ଓ ସଚେତନ ସମାଜ ଗଠନ ଦିଗରେ ସାମୂହିକ ଉଦ୍ୟମ ଜାରି ରଖିବା ।

ସମସ୍ତଙ୍କୁ ପାର୍ବଣର ଶୁଭ ଅଭିନନ୍ଦନ । ମା'ଙ୍କ ଆଶୀର୍ବାଦ ସମସ୍ତଙ୍କ ଜୀବନକୁ ଆନନ୍ଦମୟ କରୁ, ଏତିକି ପ୍ରାର୍ଥନା ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0143/2223



DADLS - 45

## ଶାରଦୀୟ ଦୁର୍ଗାପୂଜା - ୨୦୨୨ ଅବସରରେ ବାର୍ତ୍ତା

ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ମୁଁ ସମସ୍ତ ଓଡ଼ିଆ ଭାଇଭଉଣୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଦୁର୍ଗତିନାଶିନୀ ମା' ଦୁର୍ଗାଙ୍କ ଆଶୀର୍ବାଦରୁ ଅସତ୍ୟ ଉପରେ ସତ୍ୟର ଏବଂ ଅନ୍ୟାୟ ଉପରେ ନ୍ୟାୟର ଜୟ ହୋଇ ପ୍ରତି ଘରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରି ଯାଉ, ଏହା ମୋର ମମତାମୟୀ ମା'ଙ୍କ ନିକଟରେ ପ୍ରାର୍ଥନା ।

ପ୍ରଦୀପ କୁମାର ଅମାତ
(ପ୍ରଦୀପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR-15001/13/0143/2223

Symbol of Trust

ELECTRONICS | MOBILE | LAPTOP | HOME APPLIANCES | FURNITURE

Festival Offer

LIMITED STOCKS!!

Home & Office Furniture
AVAILABLE AT :
Patrapada-Bhubaneswar | Puri | CDA-Cuttack | Jagatsinghpur | Nayagarh | Kalapathar | Balugaon | Jajpur Town | Chandikhole | Athagarh

UPTO 40% OFF
Additional 10% DISCOUNT ON EXCHANGE Old Furniture



Cost-to-Cost Sale

UPTO 40% DISCOUNT*

Assured Free Gifts* with every purchase

COMPANY FREE GIFTS and Offers

CASH BACK OFFER

HDFC BANK upto 22.5% Cashback (On select debit/ credit cards)

BAJAJ FINSERV UPTO 10000 cash back* Spl. Offer for EMI Card Holders

HDB UPTO 10000 CASH BACK Loaded of Benefits on New Platinum Card

IDFC FIRST Bank Avail Voucher worth 2x of the product price CASH BACK upto ₹10000* 1 EMI OFF*

0% EASY SPOT FINANCE*

GET UPTO 3years EXTENDED WARRANTY on all products*

MEGA EXCHANGE OFFER Save Upto ₹10000 on exchange*

LG Life's Good

25 Years Anniversary

Diwali full of innovations Life's Good Celebrations



|| Celebrate Diwali with the best of offers on exclusive LG products. ||

FESTIVE OFFERS

Up to 20%* Cashback (On select debit/ credit cards)

Fixed EMI ₹999* Onwards

0* Down Payment (Rest in EMIs)

1 EMI FREE*

HOME APPLIANCES OFFERS

EXTENDED CARE
ADDITIONAL 2 YEAR MAINTENANCE STARTING AT ₹2* PER DAY
(On select components, categories & models)

PROMOTIONS
FREE*
MINI BAR (On select models of Side-by-Side Refrigerator)
GLASS BOWL KIT (On select models of Microwave Oven)
STAINLESS STEEL TUMBLER (On purchase of LG Water Purifier)
DISHWASHING KIT (On purchase of LG Dishwasher)

HOME ENTERTAINMENT OFFERS

ASSURANCE & PROMOTIONS
5 YEAR* ASSURANCE (On purchase of select LG TVs)
OLED CIRCLE An exclusive alliance Get benefits up to ₹50000*
FREE* SOUNDBAR worth up to ₹64990* (With select OLED TVs)
SPECIAL PRICE at ₹2990* (On all LG OLED TVs)

Care Delight LG Service | LG 24 x 7 CUSTOMER CARE 1800-315-9999 1800-180-9999 (Toll Free) 5757554 (Send SMS) www.lg.com/in/support | LG WhatsApp No. 9711709999 LG Service India Mobile App Available at Google Play | www.facebook.com/lgindiapage/ www.twitter.com/LGIndia | To know more about LG, visit www.lg.com/in For Corporate/Institutional enquiries, please write to corp.enquiries@lge.com

AXIS BANK | Bank of Baroda | citi | FEDERAL BANK | HDFC BANK | ICICI Bank | kotak | one | SBI card | standard chartered

Regd. Office: LG Electronics India Pvt. Ltd., A-24/6, Mohan Cooperative Industrial Estate, Mathura Road, New Delhi-110044 CIN No. U32107DL1997PTC220109

Odisha's Most Trusted Electronics, Home Appliances ,Digital Products & Home Furniture Dealer Since 1972

GUPTA DISTRIBUTORS

No.1 Retail Chain Stores

( A Unit Of GUPTA ELECTRO TRADE PVT. LTD.)

BHUBANESWAR- PATRAPADA : Near ICICI Bank, Patrapada Bus Stop, Mob. : 7008989313 , BARAMUNDA : Main Road, Front of Kali Mandir, Mob: 7008989309, PATIA : KIIT Square, In front of Khimji Honda, Mob: 7008989302, LAXMI SAGAR (Cuttack Road) : Mob: 7008989301, SAHEED NAGAR : Beside PNB Bank, Mob-8144920830, SAMANTARAPUR : Near Sanjeevani Medicare Hospital, Mob : 9692316302, CUTTACK-DOLMUNDAI : Mob: 2424932/7008989303, BUXI BAZAR : Mob : 7008989304, CDA : Near Judicial Academy (Utkal Hyundai), Mob: 7008989312, PURI : Medical Chhack, Grand Road, Mob: 7008989310, JATNI : Near Axis Bank, Mob: 2492932/7008989305, NIMAPADA : Near Dolabedi Chhaka, Mob:7008989307, BALUGAON : Main Road, Near Digantika Hotel, Mob:7008989308, KHORDHA : Main Road, Palla Chhaka, Mob: 7008989311, NAYAGARH : Khandapada Road, Mob:7008989306, BHADRAK : Main Road, Chappulia, Mob: 7008989314, JAGATSINGHPUR : Main Bus Stand, Mob: 7008989317, Gandhi Chhack, Jagatsinghpur, JAJPUR TOWN : N C College Road, Boula Mula Chhack, Mob: 8144920820, KALAPATHAR : Near Dhabaleswar Temple, Mob: 7008989315, PARADEEP : Dochaaki, Udaybata, Mob: 7008989316, BARIPADA : Near Roxy Cinema Hall, Mob: 7008989347, ANGUL : NH-55, Kandasar, Nalco Nagar (Near Kargil Petrol Pump), Mob: 9692316300, CHANDIKHOLE : Jena Premium, National Highway, Near Railway Overbridge, Mob : 9692316301, ATHAGARH : Birakishorpur, Near (Chandabali Chhak), Mob :9692316303, GUPTA WHOLESALE OUTLET - HANSPAL : Puri Canal Road, Near Hanuman Mandir, Mob: 7735455009.

*T&C Apply. Price/ EMI mentioned are subject to change. Offer applicable on selected brand/ product only. Pictures are indicative only/ CASH BACK IS SUBJECT TO BANK .T&C apply

ଧରିତ୍ରୀ
DHARITRI
ମଙ୍ଗଳବାର, ଅକ୍ଟୋବର ୪/୨୦୨୨ (୧୬ ପୃଷ୍ଠା) Tuesday, October 4/2022 Page 16 | ପୃଷ୍ଠା-୧



## ଦୀନେଶ କୁମାରଙ୍କୁ ୨ ସ୍ୱର୍ଣ୍ଣ

ଗୁଜରାଟରେ ଚାଲିଥିବା ଜାତୀୟ କ୍ରୀଡ଼ାର ୪ର୍ଥ ଦିବସ ସୋମବାର ଓଡ଼ିଶା ସାଇକ୍ଲିଷ୍ଟ ଦୀନେଶ କୁମାର ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୧୪ ୦୯

## ୱେବ୍ ସିରିଜ୍‌ରେ ଉର୍ମିଳା

'ତିୱାରି' ଜରିଆରେ ବଲିଉଡ୍ ଅଭିନେତ୍ରୀ ଉର୍ମିଳା ମାତୋଣ୍ଡକର ୱେବ୍ ସିରିଜ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି।






### ପାର୍ବଣ ଶୁଭେଚ୍ଛା

ପବିତ୍ର ମହାନବମୀ ଓ ଦଶହରା ଅବସରରେ ଧରିତ୍ରୀ ପରିବାର ତା'ର ଅଗଣିତ ପାଠିକାପାଠକ, ଲେଖିକାଲେଖକ, ବିଜ୍ଞାପନଦାତା, ଏଜେଣ୍ଟ, ବିତରକ ଓ ଶୁଭେଚ୍ଛୁମାନଙ୍କୁ ଶାରଦୀୟ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

### ଧରିତ୍ରୀର ଛୁଟି

ମହାନବମୀ ଓ ଦଶହରା ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ଅକ୍ଟୋବର ୪ ଓ ୫ ତାରିଖ (ମଙ୍ଗଳବାର, ବୁଧବାର) ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂସ୍କରଣ ୭ ତାରିଖ ଶୁକ୍ରବାର ସକାଳେ ପ୍ରକାଶ ପାଇବ।

### ଆଜିର ସମ୍ପାଦକୀୟ

ଘୃଣା ଡାକିଆଣେ ଘୃଣା



ଆଜି ମହାନବମୀ: କଟକ ଖାନ୍‌ନଗର ଖପୁରିଆ ଶିଳ୍ପାଞ୍ଚଳ ପୂଜା ମଣ୍ଡପରେ ପୂଜା ପାଉଥିବା ମହିଷମର୍ଦ୍ଦିନୀ ମା' ଦୁର୍ଗା ସୁନା ମୁକୁଟ ଓ ଚାନ୍ଦିମେଢ଼ରେ ଝଲସୁଛନ୍ତି।

# ପୁରୁଣାଙ୍କୁ ପୁଣି ସୁଯୋଗ

## ଖାଲି ପଦବୀରେ ୫୦% ଅବସରପ୍ରାପ୍ତ କର୍ମଚାରୀ ପାଇବେ ନିଯୁକ୍ତି

ଭୁବନେଶ୍ୱର, ୩।୧୦

ରାଜ୍ୟରେ ବେରୋଜଗାରି ବଢ଼ିବାରେ ଲାଗିଛି। ଯୁବଗୋଷ୍ଠୀ ସରକାରୀ ଚାକିରିଟିଏ ପାଇବା ପାଇଁ ଦୀର୍ଘ ବର୍ଷ ଧରି ଅପେକ୍ଷା କରି ରହୁଛନ୍ତି। ସେଣ୍ଟ୍ରାଲ୍ ଫର ମନିଟରିଂ ଇଣ୍ଡିଆନ ଇକୋନୋମି(ସିଏମ୍‌ଆଇଇ) ରିପୋର୍ଟ ଅନୁଯାୟୀ, ସାରା ଦେଶରେ ବେକାର ହାର ଗତ ଅଗଷ୍ଟରେ ୮.୩% ଥିବାବେଳେ ଓଡ଼ିଶାରେ ଏହା ୨.୬% ରହିଛି। ସମାନ ସମୟରେ ପଡ଼ୋଶୀ ରାଜ୍ୟ ଛତିଶଗଡ଼ରେ ଏହି ହାର ମାତ୍ର ୦.୪% ରହିଛି। ସେପ୍ଟେମ୍ବରରେ ଓଡ଼ିଶାର ବେକାରି ହାର ୨.୯%କୁ ବୃଦ୍ଧି ପାଇଥିବାବେଳେ ଛତିଶଗଡ଼ରେ ଏହା ୦.୧%କୁ ଖସିଥିବା ସିଏମ୍‌ଆଇଇ ତଥ୍ୟରୁ ଜଣାପଡ଼ିଛି। ଗତ ବିଧାନସଭା ଅଧିବେଶନରେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଦେଇଥିବା ତଥ୍ୟ ଅନୁସାରେ ରାଜ୍ୟରେ ଗତ ଏପ୍ରିଲ ୩୦ ସୁଦ୍ଧା ମୋଟ ୮ଲକ୍ଷ ୮୦ହଜାର ୧୭୫ଜଣ ଯୁବବର୍ଗ ଚାକିରି ପାଇବା ପାଇଁ କର୍ମ ନିଯୋଜନ ସଂସ୍ଥାରେ ପଞ୍ଜୀକୃତ କରିଛନ୍ତି। ସେମାନଙ୍କ ମଧ୍ୟରେ ୫ଲକ୍ଷ ୮୧ହଜାର ୬୭୬ଜଣ ଯୁବକ ଥିବାବେଳେ ୨ଲକ୍ଷ ୯୮ହଜାର ୪୯୯ ଯୁବତୀ ଅଛନ୍ତି। ସରକାରୀ ତଥ୍ୟକୁ ଛାଡ଼ିଦେଲେ ବହୁ ନିଯୁକ୍ତି ଆଶାୟୀ ରହିଥିବା କୁହାଯାଉଛି। ଏଭଳି ସ୍ଥିତିରେ ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୃଷ୍ଟି ନେଇ ସରକାରଙ୍କ ପଦକ୍ଷେପ ଅସ୍ପଷ୍ଟ ରହିଥିବାବେଳେ ଅବସର ନେଇଥିବା କର୍ମଚାରୀଙ୍କୁ କାର୍ଯ୍ୟରେ ପୁନଃ ଥଇଥାନ ପାଇଁ ସରକାର ନିକଟରେ

### ୮.୮ଲକ୍ଷ ପଞ୍ଜୀକୃତ ନିଯୁକ୍ତି ଆଶାୟୀ ଯୁବବର୍ଗ ନିରାଶ



ନୂଆ ବ୍ୟବସ୍ଥା ସାଙ୍ଗକୁ ପାରିଶ୍ରମିକ ଧାର୍ଯ୍ୟ କରିଛନ୍ତି, ଯାହାକୁନେଇ ନିଯୁକ୍ତିଆଶାୟୀ ଯୁବଗୋଷ୍ଠୀ ଅସନ୍ତୋଷ ପ୍ରକାଶ କରିଛନ୍ତି, ସେମାନଙ୍କ ମତରେ ସରକାର ଅନେକ ଥର ଖାଲି ଥିବା ପଦବୀରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ଆଗେଇ ଆସିଛନ୍ତି। ଏବେ ପୁଣି ସେହି ପୁରୁଣାଙ୍କୁ ସୁଯୋଗ ଦେଉଛନ୍ତି।

ମିଳିଥିବା ତଥ୍ୟ ଅନୁସାରେ, ଜାତୀୟ ହାର ତୁଳନାରେ ଓଡ଼ିଶାରେ ୧୫ରୁ ୨୯ ବର୍ଷ ବର୍ଗଙ୍କ ମଧ୍ୟରେ ବେରୋଜଗାରି ଦ୍ୱିତୀୟ ସର୍ବାଧିକ ଅର୍ଥାତ୍ ୩୨.୮% ରହିଛି। ଏଭଳିସ୍ଥିତିରେ ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ଗତ ୨୯ତାରିଖରେ ପତ୍ର ସଂଖ୍ୟା. ୨୪୫୩୩ରେ ପ୍ରକାଶ ପାଇଥିବା ନିର୍ଦ୍ଦେଶନାମା ନିଯୁକ୍ତି ଆଶାୟୀ ଯୁବବର୍ଗଙ୍କ ଠାରୁ ଚାକିରି ଛଡ଼ାଇନେବା ସଦୃଶ ବୋଲି ଅଭିଯୋଗ ହେଉଛି। ଅର୍ଥ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ନିର୍ଦ୍ଦେଶନାମା ଅନୁସାରେ ଏବେ କୌଣସି ପ୍ରଶାସନିକ ବିଭାଗରେ ଖାଲିଥିବା ପଦବୀର ୫୦% ପର୍ଯ୍ୟନ୍ତ ଅବସରପ୍ରାପ୍ତ ଅଧିକାରୀ ବା କର୍ମଚାରୀଙ୍କୁ ସେହି ବିଭାଗ ନିଯୁକ୍ତି ଦେଇପାରିବ। ଏଥିପାଇଁ ଅର୍ଥ ବିଭାଗ ପକ୍ଷରୁ କୌଣସି ଅନୁମତି ନିଆଯିବା ଆବଶ୍ୟକ ନାହିଁ। ☞ପୃଷ୍ଠା–୨

# ପାବୋଙ୍କୁ ମେଡିସିନ୍‌ରେ ନୋବେଲ

ଷ୍ଟକ୍‌ହୋମ,୩।୧୦

ସୁଇଡେନ୍ ବୈଜ୍ଞାନିକ ସ୍ୱାଣ୍ଟେ ପାବୋଙ୍କୁ ୨୦୨୨ ବର୍ଷ ଲାଗି ମେଡିସିନ୍‌ରେ ନୋବେଲ ପୁରସ୍କାର ପ୍ରଦାନ ଲାଗି ମନୋନୀତ କରାଯାଇଛି। ଆଧୁନିକ ମାନବ ଓ ବିଲୁପ୍ତ ପୂର୍ବ ବଂଶଜଙ୍କ ଜିନୋମ୍ ଏବଂ ମାନବ ବିବର୍ତ୍ତନ ଉପରେ ଗବେଷଣା ପାଇଁ ତାଙ୍କୁ ସବୁଠୁ ମର୍ଯ୍ୟାଦାଜନକ ପୁରସ୍କାର ପ୍ରଦାନ କରାଯିବ ବୋଲି ସୋମବାର ନୋବେଲ ଚୟନ କମିଟି ପକ୍ଷରୁ ଘୋଷଣା କରାଯାଇଛି। ଏହି ପୁରସ୍କାରର ମୂଲ୍ୟ ୧୦ ନିୟୁତ ସୁଇଡିସ୍ କ୍ରାଉନ୍ (୯,୦୦,୩୫୭ ଡଲାର)। ସୁଇଡେନ୍‌ର ଖ୍ୟାତନାମା ଉଦ୍‌ଭାବକ ତଥା ଧନୀ ବ୍ୟବସାୟୀ ଆଲ୍‌ଫ୍ରେଡ ନୋବେଲଙ୍କ ଇଚ୍ଛା କ୍ରମେ ଏହି ପୁରସ୍କାର ପ୍ରତିଷ୍ଠା କରାଯାଇଥିଲା। ୧୯୦୧ରୁ ପ୍ରତିବର୍ଷ ବିଜ୍ଞାନ, ସାହିତ୍ୟ ଓ ଶାନ୍ତି ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇ ଆସୁଥିବାବେଳେ ପରେ ଅର୍ଥନୀତିକୁ ଏଥିରେ ସାମିଲ କରାଯାଇଥିଲା।

ସ୍ୱାଣ୍ଟେ ପାବୋଙ୍କ ବାପା ସୁନେ ବର୍ଜଷ୍ଟ୍ରମ୍ ମଧ୍ୟ ୧୯୮୨ରେ ମେଡିସିନ୍‌ରେ ନୋବେଲ ପୁରସ୍କାର ବିଜୟୀ

### ବାପା ପାଇଥିଲେ, ଏବେ ପୁଅ



ବୈଜ୍ଞାନିକ ସ୍ୱାଣ୍ଟେ ପାବୋ

ହୋଇଥିଲେ। ପାବୋ ଏବେ ମାକ୍ସ ପ୍ଲାଙ୍କ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଇଭଲ୍ୟୁଶନାରି ଆନ୍ଥ୍ରୋପୋଲୋଜିର ନିର୍ଦ୍ଦେଶକ ଅଛନ୍ତି। ବିଲୁପ୍ତ ନେଣ୍ଡେର୍ଥାଲ ଏବଂ ଡେନିସୋଭାନ ଏବଂ ଆଧୁନିକ ମନୁଷ୍ୟର ଡିଏନ୍‌ଏ ମଧ୍ୟରେ ସାମଞ୍ଜସ୍ୟ ରହିଥିବା ସେ ଗବେଷଣାରୁ ଜାଣିପାରିଛନ୍ତି। ଏହା ବ୍ୟତୀତ ଆମର ରୋଗ ପ୍ରତିରୋଧକ ବ୍ୟବସ୍ଥା (ଇମ୍ୟୁନ୍ ସିଷ୍ଟମ) ଏବଂ ବିଲୁପ୍ତ ବଂଶଜଙ୍କ ସହ ଏହାର ତୁଳନା କରି କେତେକ ଗୂଢ଼ ତଥ୍ୟ ଦେଇଛନ୍ତି।

# ବାୟୁସେନାରେ 'ପ୍ରଚଣ୍ଡ'

ଯୋଧପୁର, ୩।୧୦



୧୯୯୯ ମସିହା କାର୍‌ଗିଲ ଯୁଦ୍ଧବେଳେ ଭାରତୀୟ ବାୟୁସେନା (ଆଇଏଏଫ୍) ଯାହାର ଆବଶ୍ୟକତାକୁ ଅଧିକ ଅନୁଭବ କରିଥିଲା ତାହା ଏବେ ପୂରଣ ହୋଇଛି। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଲାଇଟ୍ କମ୍ବାଟ୍ ହେଲିକପ୍ଟର (ଏଲ୍‌ସିଏଚ୍) 'ପ୍ରଚଣ୍ଡ' ସୋମବାର ଆଇଏଏଫରେ ସାମିଲ ହୋଇଛି। ରାଜସ୍ଥାନର ଯୋଧପୁରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ବାୟୁସେନା ମୁଖ୍ୟ ମାର୍ଶଲ ଭି. ଆର୍, ଚୌଧୁରୀ ଏବଂ ସେନାର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏକ ସମାରୋହରେ ପ୍ରଚଣ୍ଡ ହେଲିକପ୍ଟରକୁ ଭାରତୀୟ ସେନାରେ ସାମିଲ କରାଯାଇଛି। ଯୋଧପୁର ଏୟାରଫୋର୍ସ ଷ୍ଟେଶନରୁ ଏହି ହେଲିକପ୍ଟର ଉଡ଼ାଣ ଭରିଛି।

ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍) ଦ୍ୱାରା ବିକଶିତ ଏହି ହେଲିକପ୍ଟର ସାମିଲ ହେବା ଦ୍ୱାରା ସେନାର ଦକ୍ଷତା ବଢ଼ିବ ବୋଲି ରାଜନାଥ ସିଂ କହିଛନ୍ତି। ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ଭାରତ ନିଜର କ୍ଷମତା ପ୍ରତିଫଳନ କରୁଛି। ଭାରୀ ଯୁଦ୍ଧାସ୍ତ୍ର ଓ ପରିବହନକାରୀ ଯାନ ଅନେକ ସମୟରେ ଯୁଦ୍ଧକ୍ଷେତ୍ରରେ ପହଞ୍ଚି ଶତ୍ରୁକୁ ଟାର୍ଗେଟ କରିବା କଷ୍ଟକର ହୋଇପଡ଼େ। ଏହାସହ ସେଗୁଡ଼ିକୁ ଶତ୍ରୁପକ୍ଷ ମଧ୍ୟ ଟାର୍ଗେଟ କରିବା ଆଶଙ୍କା ରହିଥାଏ ବୋଲି ୟୁକ୍ରେନ୍ ଏବଂ ଅନ୍ୟ ସଦ୍ୟ ବିବାଦରୁ ଆମକୁ ଶିକ୍ଷା ମିଳିଛି। ଏଭଳି ଚ୍ୟାଲେଞ୍ଜର ମୁକାବିଲା ପାଇଁ ଲାଇଟ୍ କମ୍ବାଟ୍ ହେଲିକପ୍ଟର ବେଶ୍ ଦକ୍ଷତାର ସହ କାମ କରିପାରିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ। ☞ପୃଷ୍ଠା–୨

# ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ପରଲୋକ

## ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବାଚସ୍ପତିଙ୍କ ଶୋକ

ଭୁବନେଶ୍ୱର,(ବ୍ୟୁରୋ)/ ପଦ୍ମପୁର,୩।୧୦(ଡି.ଏନ୍.ଏ.)

ପୂର୍ବତନ ମନ୍ତ୍ରୀ ତଥା ବରଗଡ଼ ଜିଲା ପଦ୍ମପୁରର ବିଜେଡି ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ରବିବାର ବିଳମ୍ବିତ ରାତିରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା। ସେ କିଛିଦିନ ହେବ ଅସୁସ୍ଥ ଥିଲେ। ତାଙ୍କୁ ହସ୍ପିଟାଲରେ ରଖି ଚିକିତ୍ସା କରାଯାଉଥିଲା। ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ହୋଇ ନ ଥିବାବେଳେ ରାତି ପ୍ରାୟ ୧ଟାରେ ତାଙ୍କର ଦେହାନ୍ତ ହୋଇଥିବା ସୂଚନା ଦିଆଯାଇଛି। ବିଜୟ ରଞ୍ଜନ ସିଂ ବରିହାଙ୍କ ପରଲୋକରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି।

ସୋମବାର ସ୍ୱର୍ଗତ ବରିହାଙ୍କ ମରଶରୀରକୁ ପ୍ରଥମେ ବିଜୁ ଯୁବ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସକାଳ ୯ଟା ୩୦ରେ ବିଧାନସଭା ପରିସରରେ ପହଞ୍ଚିବା ପରେ ବିଧାନସଭା ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଅତନୁ ସବ୍ୟସାଚୀ ନାୟକ, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ଏମ୍‌ପି ସୁଲତା ଦେଓ, ବିଜେଡି ସାଂଗଠନିକ ସମ୍ପାଦକ ତଥା ବିଧାୟକ ☞ପୃଷ୍ଠା–୨



ବିଧାୟକ ବିଜୟ ରଞ୍ଜନ ସିଂ ବରିହା

# ନଭେମ୍ବର ୩ରେ ଧାମନଗର ଉପନିର୍ବାଚନ

- ୭ରେ ପ୍ରକାଶ ପାଇବ ବିଜ୍ଞପ୍ତି, ୧୪ ତାରିଖ ନାମାଙ୍କନ ଦାଖଲର ଶେଷ ଦିନ
- ୧୫ରେ ପ୍ରାର୍ଥିପତ୍ର ଯାଞ୍ଚ, ୧୭ ତାରିଖ ନାମାଙ୍କନ ପ୍ରତ୍ୟାହାରର ଶେଷ ଦିନ
- ଭଲ ପ୍ରଦର୍ଶନ କରିବେ ବୋଲି ସବୁ ଦଳର ଦମ୍ଭୋକ୍ତି
- ବିଷ୍ଣୁଙ୍କ ପରିବାର କେଉଁ ଦଳରୁ ପ୍ରାର୍ଥୀ ହେବେ ତାକୁ ନେଇ ଚର୍ଚ୍ଚା ବଢ଼ୁଛି

ଭୁବନେଶ୍ୱର,୩।୧୦(ବ୍ୟୁରୋ)

ଭଦ୍ରକ ଜିଲା ଧାମନଗର ଉପନିର୍ବାଚନ ପାଇଁ ସୋମବାର ନିର୍ବାଚନ କମିଶନ ତାରିଖ ଘୋଷଣା କରିଛନ୍ତି। ନଭେମ୍ବର ୩ ରେ ଏହି ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ଆସନ୍ତା ୭ରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ନିର୍ବାଚନ କମିଶନଙ୍କ ଘୋଷଣା ଅନୁଯାୟୀ, ଏହି ଉପନିର୍ବାଚନ ପାଇଁ ଅକ୍ଟୋବର ୧୪ ହେଉଛି ନାମାଙ୍କନ ଦାଖଲର ଶେଷ ଦିନ। ଅକ୍ଟୋବର ୧୫ରେ ପ୍ରାର୍ଥିପତ୍ର ଯାଞ୍ଚ ଏବଂ ୧୭ ତାରିଖ ହେଉଛି ନାମାଙ୍କନ ପ୍ରତ୍ୟାହାରର ଶେଷ ଦିନ। ନଭେମ୍ବର ୬ରେ ଭୋଟ୍ ଗଣତି ହୋଇ ଫଳ ପ୍ରକାଶ ପାଇବ।

ଗତ ସେପ୍ଟେମ୍ବର ୧୯ରେ ଧାମନଗର ଭାଜପା ବିଧାୟକ ତଥା ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀଙ୍କ ପରଲୋକ ହୋଇଥିଲା। ଏହାପରଠାରୁ ଉକ୍ତ ଆସନଟି ଖାଲି ପଡ଼ିଛି। ତେବେ ବିଧାନସଭାରେ ବିରୋଧୀ ଦଳ ଉପନେତା ଥିବା ବିଷ୍ଣୁ ସେଠୀ ଜଣେ ଚର୍ଚ୍ଚିତ ଚେହେରା। ୨୦୦୦ ମସିହାରେ ସେ ଚାନ୍ଦବାଲି ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଏହାପରେ ୩ ଥର ସେ ବିଧାନସଭା ନିର୍ବାଚନ ଲଢ଼ି ହାରିବା ପରେ ୨୦୧୯ରେ ପୁଣିଥରେ ବିଜୟୀ ହୋଇଥିଲେ। ସେଥିରେ ସେ ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ଦାସଙ୍କୁ ୪,୬୨୫ ଖଣ୍ଡ ଭୋଟ୍‌ରେ ପରାସ୍ତ କରିଥିଲେ। ଏବେ ଏହି ନିର୍ବାଚନମଣ୍ଡଳୀ ଆସନ କାହା ହାତକୁ ଯିବ ତାକୁ ନେଇ ଚର୍ଚ୍ଚା ଚାଲିଛି। ଉପନିର୍ବାଚନ ତାରିଖ ଘୋଷଣା ପରେ କେଉଁ ଦଳ କାହାକୁ ପ୍ରାର୍ଥୀ କରିବ ତାହା ସବୁଠାରୁ ବଡ଼ ଆଲୋଚନାର ବିଷୟ। ରାଜ୍ୟ ରାଜନୀତିରେ ବିଜେଡି ସବୁବେଳେ ଉପନିର୍ବାଚନରେ ଜିତି ଆସୁଛି। ଅନ୍ୟପଟେ ବିଜେଡି ସବୁବେଳେ ଅନୁକମ୍ପା ଭୋଟ୍ ଉପରେ ନଜର ରଖିଥାଏ। ହେଲେ ଏଠାରେ ବିଷ୍ଣୁଙ୍କ ପରିବାର କେଉଁ ଦଳରୁ ପ୍ରାର୍ଥୀ ହେବେ ତାକୁ ନେଇ ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି। ବିଗତ ଦିନରେ ବିଜେପୁରର କଂଗ୍ରେସ ବିଧାୟକ ସୁବଳ ସାହୁଙ୍କ ଦେହାନ୍ତ ପରେ ତାଙ୍କ ସ୍ତ୍ରୀ ରୀତା ସାହୁ ବିଜେଡିରୁ ପ୍ରାର୍ଥୀ ଜିତିଥିଲେ। ଏବେ ସେ ମନ୍ତ୍ରୀ ହୋଇଛନ୍ତି। ତେଣୁ ରୀତାଙ୍କ ଭଳି ବିଜେଡି ବିଷ୍ଣୁଙ୍କ ପରିବାରରୁ କାହାକୁ ପ୍ରାର୍ଥୀ କରିବାକୁ ଚାହିଁବ ନା ବାହାରୁ କାହାକୁ ଟିକେଟ ଦେବ ତାକୁ ନେଇ ଏବେ ରାଜନୈତିକ ମହଲରେ ବେଶ୍ ଚର୍ଚ୍ଚା ଲାଗି ରହିଛି। ଅନ୍ୟପକ୍ଷରେ ୨ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ☞ପୃଷ୍ଠା–୨

# ମହିଷାସୁର ସ୍ଥାନରେ ମହାତ୍ମା ଗାନ୍ଧୀ

## ଦୁର୍ଗାପୂଜା ମଣ୍ଡପରେ ମୂର୍ତ୍ତିକୁ ନେଇ ବିବାଦ

### ଆମ ପାଇଁ ଗାନ୍ଧୀ ଅସୁର: ହିନ୍ଦୁ ମହାସଭା ମୁଖ୍ୟ

କୋଲକାତା,୩।୧୦

କରୋନା ମହାମାରୀ ସଂକ୍ରମଣ କମିବା ପରେ ଚଳିତବର୍ଷ ସାରା ଦେଶରେ ଧୁମଧାମରେ ଶାରଦୀୟ ଦୁର୍ଗାପୂଜା ପାଳନ ହେଉଛି। କୋଲକାତାର ଦୁର୍ଗାପୂଜା ବିଶ୍ୱ ପ୍ରସିଦ୍ଧ ହୋଇଥିବାବେଳେ ଏହିବର୍ଷ ମୂର୍ତ୍ତିକୁ ନେଇ ପଶ୍ଚିମବଙ୍ଗ ରାଜଧାନୀରେ ବିବାଦ ଦେଖିବାକୁ ମିଳିଛି। କୋଲକାତାର ଅଖିଳ ଭାରତୀୟ ହିନ୍ଦୁ ମହାସଭା ମଣ୍ଡପରେ ତିଆରି ହୋଇଥିବା ମୂର୍ତ୍ତିକୁ ନେଇ ଉଠିଥିଲା ଏହି ବିବାଦ। ମହିଷାସୁରକୁ ବଧ କରୁଥିବା ଦୁର୍ଗାଙ୍କ ମୂର୍ତ୍ତି ହିନ୍ଦୁ ମହାସଭା ପୂଜା କମିଟି ପକ୍ଷରୁ ମଣ୍ଡପରେ ତିଆରି ହୋଇଥିବାବେଳେ ମହିଷାସୁର ସ୍ଥାନରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଦେଖିବାକୁ ମିଳିଥିଲା।

ମୂର୍ତ୍ତିକୁ ନେଇ ଅଞ୍ଚଳରେ ଜୋର୍ ଚର୍ଚ୍ଚା ହେବା ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏ ବିଷୟରେ ଅବଗତ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ ମୂର୍ତ୍ତିକୁ ପରିବର୍ତ୍ତନ କରିବା ପାଇଁ ମନ୍ତ୍ରଣାଳୟ ପକ୍ଷରୁ କୁହାଯିବା ପରେ ହିନ୍ଦୁ ପରିଷଦ ପରବର୍ତ୍ତୀ ସମୟରେ ମୂର୍ତ୍ତି ବଦଳାଇ ମହିଷାସୁର ମୁହଁ ଲଗାଇଥିଲେ।

ମହାସଭାର କାର୍ଯ୍ୟକାରୀ ସଭାପତି ଚନ୍ଦ୍ରଚୂଡ଼ ଗୋସ୍ୱାମୀ କହିଛନ୍ତି, ଆମ ପାଇଁ ମହାତ୍ମା ଗାନ୍ଧୀ ହେଉଛନ୍ତି ଅସୁର। ସେଥିପାଇଁ ମଣ୍ଡପରେ ତିଆରି ମୂର୍ତ୍ତିରେ ଆମେ ଅସୁର ସ୍ଥାନରେ ମହାତ୍ମା ଗାନ୍ଧୀଙ୍କ ମୂର୍ତ୍ତି ରଖିବା ଠିକ୍ ବୋଲି ଭାବିଥିଲୁ। କେନ୍ଦ୍ର ସରକାର ଗାନ୍ଧିଜୀଙ୍କ ☞ପୃଷ୍ଠା–୨



**ଆଜିର ମନ୍ତବ୍ୟ**

"ଧର୍ମୀୟ ସଦ୍‌ଭାବନା ଭାରତର ଶାନ୍ତିପୂର୍ଣ୍ଣ ଏବଂ ସମୃଦ୍ଧ ଭବିଷ୍ୟତର ମୂଳଦୁଆ।
– ରାହୁଲ ଗାନ୍ଧୀ, କଂଗ୍ରେସ ନେତା



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ରିଙ୍କୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଳ ବିହୁନେ ସୃଷ୍ଟି ନାଶ,
ଜଳ ଗହଳେ ସୃଷ୍ଟି ନାଶ ।**

ପ୍ରକୃତିର କ୍ରୁର ରୂପ ଆଗରେ ମଣିଷ ଅତ୍ୟନ୍ତ ଅସହାୟ ହୋଇଥାଏ। ବର୍ଷା ନ ହେଲେ ମରୁଡି ପଡ଼େ, ଜଳ ଅଭାବରୁ ଫସଲ ନଷ୍ଟ ହୋଇଯାଏ। ସେହିପରି ଅଧିକ ବର୍ଷା ହେଲେ ବଢି ହୁଏ, ଫସଲ ବଢି ବା ବନ୍ୟାରେ ଧୋଇଯାଏ। ଯେ କୌଣସି କଥା ମାତ୍ରାଧିକ୍ୟ ହେଲେ ସୁପରିଣାମ ନଦେଇ କୁପରିଣାମ ଦେଇଥାଏ। ତା'ର ଭଲ ଗୁଣ ବଦଳରେ ଖରାପ ଗୁଣ ପ୍ରକାଶ ପାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଜୁଆ, ନାରୀ, ଚୋରି;
ନାଶେ ପୁରୁଷର ଶିରୀ ।**

ଜୁଆ ଖେଳୁଥିବା ବ୍ୟକ୍ତି, ପରନାରୀ ପ୍ରତି କୁନଜର ପକାଉଥିବା ବ୍ୟକ୍ତି ଏବଂ ଚୋରି କରୁଥିବା ବ୍ୟକ୍ତି ଜୀବନକାଳରେ କେବେ ସୁଖ ସମୃଦ୍ଧି ଲାଭ କରିପାରିନଥାନ୍ତି। ଦୁର୍ଭାଗ୍ୟ ଏମାନଙ୍କ ଚିର ସହଚର। ଏପରି କୁକାର୍ଯ୍ୟ କରୁଥିବା ବ୍ୟକ୍ତି ସମାଜରେ କେବଳ ନିନ୍ଦା ଅପବାଦ ପାଇବା ସାର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଦାଦନଙ୍କ ଗୋଡ଼, ହାତପାପୁଲି କାଟିଲେ ଦଲାଲ

## ଥାନାରେ ଅଭିଯୋଗ କଲେ ହତ୍ୟା ଧମକ

**ପାରଳାଖେମୁଣ୍ଡି,୩।୧୦(ଡି.ଏନ୍.ଏ.)**

କିଛିବର୍ଷ ତଳେ କଳାହାଣ୍ଡି ଜିଲାର ଜଣେ ଦାଦନ ଶ୍ରମିକଙ୍କ ହାତ କାଟିଦିଆଯାଇଥିଲା। ଗଜପତି ଜିଲା ଅଡ଼ବା ଥାନା କଲବା ଗାଁର ଶାଙ୍କ ମୁର୍ମୁଙ୍କ କ୍ଷେତ୍ରରେ ଏହାର ପୁନରାବୃତ୍ତି ହୋଇଛି। ଶାଙ୍କଙ୍କୁ ୪ ଜଣ ଦଲାଲ ଦାଦନ ଖଟିବାକୁ ଡାକି ନେଇ ପଇସା ନ ଦେଇ ଗୋଟିଏ ଗୋଡ଼ ଓ ହାତ ପାପୁଲି କାଟି ଦେଇଛନ୍ତି। ବର୍ବରତାର ସୀମା ଟପିଥିବା ଦଲାଲ ଶାଙ୍କଙ୍କୁ ତାଙ୍କ ଗାଁରେ ଛାଡ଼ି ଦେବା ସହ ଥାନାରେ ଜଣାଇଲେ ହତ୍ୟା କରିଦେବେ ବୋଲି ଧମକ ଦେଇଛନ୍ତି।

କଲବା ଗାଁର ଶାଙ୍କ ବହୁ ଅଭାବରେ ଚଳୁଥିଲେ ମଧ୍ୟ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବାକୁ ଚାହୁଁ ନ ଥିଲେ। ୧୩ ତାରିଖରେ ନିକଟସ୍ଥ ଗାଁର ୪ ଯୁବକ ଆସି ତାଙ୍କୁ ଉତ୍ତରପ୍ରଦେଶର ଏକ କମ୍ପାନୀରେ କାମ କଲେ ମାସିକ ୨୦ ହଜାର ଟଙ୍କା ମିଳିବ ବୋଲି କହିଥିଲେ। ସେମାନେ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇବାରୁ ଶାଙ୍କ ଯିବାକୁ ରାଜି ହୋଇଥିଲେ। ଦଲାଲଙ୍କ କଥାରେ ଅନ୍ୟ କେତେଜଣ ଯୁବକଙ୍କ ସହ ଉତ୍ତରପ୍ରଦେଶ ଯାଇ ଏକ ସିମେଣ୍ଟ କମ୍ପାନୀରେ କାମ କଲେ। ୨ ଦିନ କାମ କରିବା ପରେ ନିଜେ ଚଳିବା ପାଇଁ ଦଲାଲଙ୍କୁ ତାଙ୍କ ପାରିଶ୍ରମିକ ମାଗିଥିଲେ। ଦଲାଲ ଟଙ୍କା ଦେବା ବଦଳରେ ଶାଙ୍କଙ୍କୁ ମାର୍‌ପିଟ କରିଥିଲେ। ଏପରିକି ତାଙ୍କର ବାମ ଗୋଡ଼ ଓ ଡାହାଣ ହାତପାପୁଲି କାଟି ଦେଇଥିଲେ। ଏହାପରେ ତାଙ୍କୁ ଝାନ୍‌ସିର ଏକ ମେଡିକାଲକୁ ନେଇଥିଲେ। ସେଠାରେ ୨ ଦିନ ପକାଇ ରଖିବା ପରେ ଗତ ୩୦ ତାରିଖରେ ଆଣି ଗାଁରେ ଛାଡ଼ି ଦେଇ ପଳାଇଛନ୍ତି। ଥାନାରେ କୌଣସି ଅଭିଯୋଗ ନ କରିବାକୁ ଦଲାଲ୍ ଧମକ ଦେଇଛନ୍ତି। ସେପଟେ ଚିକିତ୍ସା ପାଇଁ ଅର୍ଥ ଅଭାବରୁ କେଉଁଆଡ଼େ ନେଇ ନ ପାରି ସ୍ତ୍ରୀ ସୁଶୀଳା ଚେରମୂଳି ଔଷଧ ଆଣି ଦେଉଛନ୍ତି। ସ୍ୱାମୀ ଅସହ୍ୟ ଯନ୍ତ୍ରଣାରେ ଛଟପଟ ହେବାରୁ ଆମ୍ବୁଲାନ୍ସ ଡକାଇ ତାଙ୍କୁ ମୋହନା ଡାକ୍ତରଖାନାକୁ ନେଇଛନ୍ତି। ସୁଶୀଳା କହିଛନ୍ତି ଯେ, ସ୍ୱାମୀ ଫୋନ କରି ଘରକୁ ପ୍ରଥମେ ୧୦ ହଜାର ଟଙ୍କା ପଠାଇବେ ବୋଲି କହିଥିଲେ। ଏହା ପରଦିନ ତାଙ୍କ ହାତଗୋଡ଼ କଟି ଯାଇଥିବା ସ୍ୱାମୀଙ୍କୁ ଗାଁରୁ ନେଇଥିବା ଲୋକ ଜଣକ ଫୋନରେ ଜଣାଇଥିଲେ। ଗାଁରେ ଛାଡିବା ବେଳେ ତାଙ୍କୁ ଏ ସମ୍ପର୍କରେ ପଚାରିବାରୁ ଶାଙ୍କ ଟ୍ରେନ ଲାଇନରେ କଟି ଗୋଡ ହରାଇଥିବା କହି ଦଲାଲ ଜଣକ ପଳାଇଥିଲେ ବୋଲି ସୁଶୀଳା କହିଛନ୍ତି। ତେବେ ଏ ନେଇ ପୋଲିସରେ ଅଭିଯୋଗ ହୋଇ ନ ଥିବା ଗଜପତି ଆରକ୍ଷୀ ଅଧୀକ୍ଷକ ଜୟରାମ ଶତପଥୀ କହିଛନ୍ତି। ସୂଚନାଯୋଗ୍ୟ, କିଛିବର୍ଷ ପୂର୍ବରୁ କାଶୀନଗର ଏବଂ ଆର. ଉଦୟଗିରି ବ୍ଲକର ଦାଦନ ଶ୍ରମିକ ରାଜ୍ୟ ବାହାରକୁ ଯାଇ ଦୁର୍ଘଟଣାରେ ପ୍ରାଣ ହରାଇଥିବା ନଜିର ରହିଛି। ଏପରିକି ୩ ନାବାଳକଙ୍କ ମଧ୍ୟ ଜୀବନ ଯାଇଛି। ସାମାଜିକ କର୍ମୀ ଓ ବୁଦ୍ଧିଜୀବୀମାନେ ଦଲାଲଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# ଏଟିଏମ୍ ତାଡ଼ି ୨୨ଲକ୍ଷ ଟଙ୍କା ଲୁଟ୍

## କାର୍ ଜବତ, ତଦନ୍ତ ଜାରି

**ଢେଙ୍କାନାଳ ଅଫିସ,୩।୧୦**

ଢେଙ୍କାନାଳ ଜିଲା ଗଁଦିଆ ଥାନା ବରପଦା ଗ୍ରାମସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ଏଟିଏମ୍‌କୁ ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ତାଡ଼ି ୨୨ଲକ୍ଷ ଟଙ୍କା ଲୁଟି ନେଇଯାଇଛନ୍ତି। ଖବରପାଇ ପୋଲିସ ରାତିରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ନିକଟସ୍ଥ ରାସ୍ତାପାର୍ଶ୍ୱ କାଜୁ ଜଙ୍ଗଲରୁ ଏକ କାର୍ ଜବତ କରିଛି। ଘଟଣାରୁ ଜଣାପଡିଛି ଯେ, ପୂଜା ପାଇଁ ୪ଦିନ ଛୁଟି ପଡୁଥିବାରୁ ଏଟିଏମ୍‌ରେ ଅଧିକ ଟଙ୍କା ଭର୍ତ୍ତି କରାଯାଇଥିଲା। ଏହା ଉପରେ ନଜର ରଖିଥିବା ଦୁର୍ବୃତ୍ତମାନେ ରାତିରେ ଏଟିଏମ୍ ପଛପଟ କଂକ୍ରିଟ କାନ୍ଥ ଭାଙ୍ଗି ଭିତରେ ପଶି ଗ୍ୟାସ୍ କଟର ସାହାଯ୍ୟରେ ମେଶିନକୁ କାଟି ୨୨ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଏ ସଂକ୍ରାନ୍ତରେ ବ୍ୟାଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯିବା ପରେ ନଂ. ୨୫୦।୨୨ରେ ଏକ ମାମଲା ରୁଜୁ କରି ଗଁଦିଆ ପୋଲିସ ତଦନ୍ତ ଚଳାଇଛି। ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ଅଞ୍ଚଳରେ ଚଢାଉ ଜାରି ରହିଥିବା ପୋଲିସ ପ୍ରକାଶ କରିଛି।



ଦୁର୍ବୃତ୍ତମାନେ ଏଟିଏମ୍‌କୁ ତାଡ଼ି ଦେଇଛନ୍ତି।


# classifieds Everyday

0674-2580101, 2549302




**SALE**

**Site ଦେଖନ୍ତୁ, Govtroad, project beautiful, ସହଜ କିଣିବାକୁ, 6,80,000/- DPରେ 2000sqft. plot registration 12,75,000/-, loan- 15,301/- EMI- 10 ବର୍ଷ, ଏବେ 1050/- 10 ବର୍ଷ ପରେ କିଣା ଆସିବ, sqft.- 1258/- loanରେ। ଯେତେବେଳେ କି Market price ହୋଇଥିବ sqft.- 5000/-. Contact: 9040045759.** D-74134

**ଭୁବନେଶ୍ୱର ଗ୍ୟାରେଜ ଛକରେ 30 ରୋଡ୍ ଥାଇ ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। 9827119799.** D–1651

1200sqft. gharabari plot with boundary wall at Satyavamapur near BJEM School-2. 9853760097. D-73981

**Sum Hospital ପାଖରେ (60x40) BDA plotରେ ୩ ମହଲା ଘର ଓ ଏକ 3BHK Apartment ବିକ୍ରିହେବ। 7978124465, 7991006699.** D-1702

N.H. side ORERA Approved project at Twincity, Telengapentha, Cuttack near Panda Cancer Hospital. 2BHK flats available Unit Price Rs.- 61,00,000.00 onwards. Delivery Shortly. Contact Number- 9238315816. D-73976

**Commercial Cum residential plot at Brahmanjharilo Cuttack (Niali Road) 6km. to Phulanakhara, 11km. to Bhubaneswar. 7809525452.** D-73979

ଭୁବନେଶ୍ୱର ନଖରା ଘରବାରି SC plot sqft.-130/- general-350/-. 9439660381. D-74124

ଘରବାରି **boundary plot** ନଖରା ତ୍ରିନାଥବଜାରରୁ ୨କିଲୋମିଟର ମେନ୍‌ରୋଡ୍‌ରୁ ୧୦୦ମିଟର **1300** ବର୍ଗ ଫୁଟକୁ **13,00,000/-. 9437306208.** D-74130

GA freehold plot 3750sqft. at Bharatpur GA Colony for sale. Owner- 7978214375. D-71657

**Layout approval (30'road)** ସହିତ **Bank Finance** ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି **(100% clean) plot @9,00,000/-**ରେ କିଣନ୍ତୁ। **OD GROUP. 9437033320.** D-74112

**Duplex sale at Bhubaneswar @45 lakhs and apartment @63lakhs. 9439206202.** D-74129

**Gharabari Bank finance plot sale at Janla-Gangapada NH side, Bhubaneswar. 9437522339.** D-74132

ଭୁବନେଶ୍ୱର ହଂସପାଳ ଛକ ନିକଟରେ **3BHK Duplex Modern Amenities** ସହିତ ମିଳୁଛି। 9658122456, 8327785834. D–74122

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

GA freehold plot 2400sqft. at Bharatpur GA Colony for immediate sale. Owner- 7978214375. D-71656

**Gated community society plot sale at Puri-Pipili Bypass just Rs.-7,80,000/-. 8114935847.** D-74133




**2BHK flat 2nd Floor, Shravani Enclave-4, Kapila Prasad, Sundarpada, rent 7,000/- with garage. Contact: 8984286856, 9937557194.** D-71655




Newly open full body massage ladies and gents. 9040171280. D-73977

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73982

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପୁରୁଣାଙ୍କୁ ପୁଣି...

ପ୍ରଥମ ପୃଷ୍ଠାରୁ...

ହେଲେ ୫୦%ରୁ ଅଧିକ ନିଯୁକ୍ତି କ୍ଷେତ୍ରରେ ଅର୍ଥ ବିଭାଗର ଅନୁମତି ଜରୁରୀ ବୋଲି ଉଲ୍ଲେଖ କରାଯାଇଛି। ଏପରି କି ସେମାନଙ୍କ ପାଇଁ ୫ଟି ବର୍ଗରେ ନିର୍ଦ୍ଦିଷ୍ଟ ପରିମାଣର ପାରିଶ୍ରମିକ ବା କନ୍‌ସୋଲିଡେଟେଡ୍ ରେମୁନେରେଶନ ମଧ୍ୟ ଧାର୍ଯ୍ୟ କରାଯାଇଛି। ରାଜ୍ୟରେ ଏତେ ସଂଖ୍ୟାରେ ପଞ୍ଜୀକୃତ ନିଯୁକ୍ତି ଆଶାୟୀ ରହିଥିବାବେଳେ ସରକାର ସେମାନଙ୍କୁ ସୁଯୋଗ ନ ଦେଇ ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଏଭଳି ପ୍ରୋତ୍ସାହନ ଦେବାର ରହସ୍ୟ ସହଜରେ ବୁଝାପଡୁ ନ ଥିବା କୁହାଯାଉଛି। ଛାତ୍ରୀଛାତ୍ରମାନେ ଅକ୍ଳାନ୍ତ ପରିଶ୍ରମ କରି ପଢୁଛନ୍ତି, ଏପରି କି ଏଥିପାଇଁ ଲକ୍ଷାଧିକ ଟଙ୍କା ମଧ୍ୟ ଖର୍ଚ୍ଚ କରୁଛନ୍ତି। ପ୍ରତିବର୍ଷ ବହୁ ସରକାରୀ ପଦବୀ ଖାଲି ପଡୁଥିଲେ ମଧ୍ୟ ନିଯୁକ୍ତି ପାଇଁ ଆଶାୟୀଙ୍କୁ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡୁଛି। ଫଳରେ ସେମାନେ ମାନସିକ ଏବଂ ଆର୍ଥିକସ୍ତରରେ ଏକ ପ୍ରକାର ଭାଙ୍ଗି ପଡୁଛନ୍ତି ବୋଲି କଟକ ଜଗତପୁର ଅଞ୍ଚଳର ରାମଚନ୍ଦ୍ର ବେହେରା ନାମକ ଜଣେ ଯୁବକ ପ୍ରକାଶ କରିଛନ୍ତି। ନିଯୁକ୍ତି ପାଇଁ ଆଶାୟୀମାନେ କରୁଥିବା ଫର୍ମ ପୂରଣରେ କୋଟି କୋଟି ଟଙ୍କା ରାଜସ୍ୱ ଆକାରରେ ପାଉଛନ୍ତି। ଯଦି ଖାଲି ପଡ଼ିଥିବା ପଦବୀରୁ ୫୦% ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ଦିଆଯିବ, ତେବେ ନିଯୁକ୍ତି ଆଶାୟୀ ଯୁବଗୋଷ୍ଠୀ କ'ଣ ରାସ୍ତା ଏବଂ ରେଳ ଷ୍ଟେଶନରେ ଭିକ୍ଷାବୃତ୍ତି କରିବେ କି ବୋଲି ଚାକିରି ଆଶାୟୀ ରାଜେଶ ପ୍ରଧାନ କହିଛନ୍ତି। ଅପରପକ୍ଷରେ ଅର୍ଥ ବିଭାଗର ଜଣେ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଅବସର ନେଇଥିବା କର୍ମଚାରୀମାନଙ୍କ କାର୍ଯ୍ୟ କ୍ଷେତ୍ରରେ ଅଭିଜ୍ଞତା ରହିଥିବାରୁ ସେମାନଙ୍କୁ ସୁଯୋଗ ମିଳୁଛି। ଏପରିକି ନୂଆ ନିଯୁକ୍ତି ପରିବର୍ତ୍ତେ ଅବସରପ୍ରାପ୍ତ ଅଧିକାରୀଙ୍କ ପୁନଃନିଯୁକ୍ତି ଏକ ନିର୍ଦ୍ଦିଷ୍ଟ ପରିମାଣର ପାରିଶ୍ରମିକରେ କରାଯାଉଛି।

ତେବେ ଅବସରପ୍ରାପ୍ତଙ୍କୁ ପୁନଃ ନିଯୁକ୍ତି ନେଇ ଅର୍ଥ ବିଭାଗ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶକୁ ବିରୋଧୀ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ନିନ୍ଦା କରାଯାଇଛି। ଅନେକ ଲକ୍ଷ ବେକାରୀ ଯୁବତୀଯୁବକ ରାଜ୍ୟରେ ଚାକିରି ପାଇଁ ଚେଷ୍ଟା କରୁଥିବାବେଳେ ସେମାନଙ୍କୁ ସୁଯୋଗ ନ ଦେଇ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଥଇଥାନ କରିବା ରାଜ୍ୟ ସରକାରଙ୍କ ଏକ ଚାଲ୍ ବୋଲି ଭାଜପା ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି। ସେହିପରି ସରକାରଙ୍କ ଏହି ନିଷ୍ପତ୍ତି ଶିକ୍ଷିତ ଯୁବକଙ୍କ ପ୍ରତି ଏହା ଛୁରାଘାତ ସଦୃଶ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି। ତେବେ ଏନେଇ ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ଏସମ୍ପର୍କରେ ପଚରାଯିବାରେ ସେ ତାଙ୍କର ବ୍ୟସ୍ତତା ଦେଖାଇ ପ୍ରସଙ୍ଗକୁ ଏଡ଼ାଇ ଦେଇଛନ୍ତି।

## ବିଧାୟକ ବିଜୟ...

ପ୍ରଣବ ପ୍ରକାଶ ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ପୂର୍ବତନ ବିଧାୟକ ରମାରଞ୍ଜନ ବଳିଆରସିଂ, ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା, ବିଧାନସଭା ସଚିବ ଦାଶରଥି ଶତପଥୀ, ସଂସଦୀୟ ବ୍ୟାପାର ବିଭାଗର ଅତିରିକ୍ତ ଶାସନ ସଚିବ ମନମୋହନ ବାରିକ, ଭୁବନେଶ୍ୱର ଡିସିପିଙ୍କ ସମେତ ବିଧାନସଭାର ବହୁ ବରିଷ୍ଠ ଅଧିକାରୀ ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ତାଙ୍କ ମରଶରୀରକୁ ପଦ୍ମପୁର ନିଆଯାଇଥିଲା। ପଦ୍ମପୁର ବିଜେଡି କାର୍ଯ୍ୟାଳୟରେ ଶେଷ ଦର୍ଶନ ପରେ ମୃତଦେହକୁ ସେଠାରେ ରଖାଯାଇଛି। ମଙ୍ଗଳବାର ସକାଳ ୯ଟାରେ ସଂସ୍କାର କରାଯିବ ବୋଲି ସୂଚନା ଦିଆଯାଇଛି।

ପଶ୍ଚିମ ଓଡ଼ିଶାର ଜଣେ ସୁସଙ୍ଗଠକ ଓ ଟାଣୁଆ ନେତା ଭାବେ ସ୍ୱର୍ଗତ ବରିହା ଜଣାଶୁଣା ଥିଲେ। ସେ ଛାତ୍ର ଜୀବନରୁ ରାଜନୀତି ସହ ଜଡ଼ିତଥିଲେ। କଲେଜ ଛାତ୍ର ସଂସଦ ସଭାପତି ହୋଇଥିଲେ। ଜେଏନ୍‌ୟୁରେ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ପରେ ଗାଁକୁ ଫେରି ଗନ୍ଧମାର୍ଦ୍ଦନ ଆନ୍ଦୋଳନରେ ସାମିଲ ହୋଇଥିଲେ। ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜନତା ଦଳରେ ଯୋଗଦେଇଥିଲେ। ବରଗଡ଼ ଜିଲା ପଦ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ସେ ୫ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୧୯୯୦ରୁ ୨୦୦୦ ପର୍ଯ୍ୟନ୍ତ ଜନତା ଦଳ ଟିକେଟରେ, ୨୦୦୦, ୨୦୦୯ ଏବଂ ୨୦୧୯ରେ ବିଜେଡି ଟିକେଟରେ ବିଜୟୀ ହୋଇଥିଲେ। ୨୦୦୯ରେ ସେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ପଛୁଆବର୍ଗ ଓ ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୧୪ ବିଧାନସଭା ନିର୍ବାଚନରେ ସେ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କଠାରୁ ପରାସ୍ତ ହୋଇଥିଲେ ମଧ୍ୟ ୨୦୧୯ରେ ପୁଣି ଜିତିଥିଲେ। ସେ ମଧ୍ୟ ବରଗଡ଼ ଜିଲା ବିଜେଡିର ସଭାପତି ଭାବେ କାର୍ଯ୍ୟ କରୁଥିଲେ।

ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ପଶ୍ଚିମ ଓଡ଼ିଶା ସମେତ ସାରା ରାଜ୍ୟରେ ଶୋକର ଲହରି ଖେଳିଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଶୋକପ୍ରକାଶ କରିବା ସହ ସ୍ୱର୍ଗତ ବରିହାଙ୍କୁ ଜଣେ ଲୋକପ୍ରିୟ ନେତା ଭାବେ ବର୍ଣ୍ଣନା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ଲୋକଙ୍କ କଲ୍ୟାଣ ପାଇଁ ଜନପ୍ରତିନିଧି ଭାବେ ବିଜୟ ରଞ୍ଜନ ସିଂ ବରିହା କରିଯାଇଥିବା କାର୍ଯ୍ୟ ସର୍ବଦା ସ୍ମରଣୀୟ ହୋଇ ରହିବ। ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ସମବେଦନା ଜଣାଇବା ସହ ମୁଖ୍ୟମନ୍ତ୍ରୀ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ବାଚସ୍ପତି ବିକ୍ରମ କେଶରୀ ଆରୁଖ, ଉପବାଚସ୍ପତି ରଜନୀକାନ୍ତ ସିଂହ, ରାଜ୍ୟ ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ ଏବଂ ବିଧାୟିକା/ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ପରଲୋକରେ ଶୋକ ପ୍ରକାଶ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସେହିପରି ରାଜ୍ୟ ଭାଜପା ପକ୍ଷରୁ ସଭାପତି ସମୀର ମହାନ୍ତି, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଏବଂ ପିସିସି ସଭାପତି ଶରତ ପଟ୍ଟନାୟକ ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

## ବାୟୁସେନାରେ 'ପ୍ରଚଣ୍ଡ'...

୧୦ ମେକ୍ ଇନ୍ ଇଣ୍ଡିଆ ଆଟାକ୍ ହେଲିକପ୍ଟର ୟୁନିଟ୍‌କୁ ୧୪୩ ହେଲିକପ୍ଟର ୟୁନିଟ୍ (ଧନୁଷ) ନାମକରଣ କରାଯାଇଛି। ୩,୮୮୭ କୋଟି ଟଙ୍କା ବ୍ୟୟ ଅଟକଳରେ ୧୫ ଏଲ୍‌ସିଏଚ୍ ନିର୍ମାଣ ପାଇଁ ଗତ ମାର୍ଚ୍ଚରେ ବସିଥିବା ସୁରକ୍ଷା ସମ୍ବନ୍ଧିତ କ୍ୟାବିନେଟ୍ କମିଟି (ସିସିଏସ୍) ବୈଠକରେ ମଞ୍ଜୁରୀ ମିଳିଥିଲା।

### ପ୍ରଚଣ୍ଡର ବୈଶିଷ୍ଟ୍ୟ

ପ୍ରଚଣ୍ଡ ହେଲିକପ୍ଟରରେ ୫.୮ ଟନ୍‌ର ଦୁଇଟି 'ଶକ୍ତି ଇଞ୍ଜିନ୍' ରହିଛି। ଏଥିରେ ଏୟାର-ଟୁ-ଏୟାର ମିଶାଇଲ ସହ ୨୦ ଏମ୍‌ଏମ୍ ଟରେଟ୍ ଗନ୍, ରକେଟ୍ ସିଷ୍ଟମ ଏବଂ ଅନ୍ୟ ଯୁଦ୍ଧାସ୍ତ୍ର ରହିଛି। ଏହା ଶତ୍ରୁର ଟ୍ୟାଙ୍କ୍, ବଙ୍କର୍, ଡ୍ରୋନ୍ ଏବଂ ଅଧିକ ଉଚ୍ଚତାରୁ ବିଭିନ୍ନ କ୍ଷେତ୍ରକୁ ଟାର୍ଗେଟ କରିପାରିବ। ଘଣ୍ଟାପ୍ରତି ୨୬୮ କିଲୋମିଟର ବେଗରେ ୫୦୦ କିଲୋମିଟର ଦୂରତା ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ। ପ୍ରାୟ ୧୬,୪୦୦ ଫୁଟ ଉଚ୍ଚତାରୁ ଏହା ଉଡ଼ାଣ ଭରିବା ସହ ଲ୍ୟାଣ୍ଡିଂ ମଧ୍ୟ କରିପାରିବ। ଏଥିରେ ଏୟାର-ଟୁ-ଏୟାର ମିଶାଇଲ ମିଷ୍ଟ୍ରଲ-୨, ଆଣ୍ଟି ଟ୍ୟାଙ୍କ୍ ଗାଇଡେଡ୍ ମିଶାଇଲ ଧ୍ରୁବାସ୍ତ୍ର ଏବଂ ୭୦ ଏମ୍‌ଏମ୍ ରକେଟ୍ ରହିପାରିବ। ଅତ୍ୟନ୍ତ ଥଣ୍ଡା ତଥା ଖରାପ ପାଣିପାଗରେ ମଧ୍ୟ ଏହା ପୂର୍ଣ୍ଣ ଦକ୍ଷତାରେ କାର୍ଯ୍ୟ କରିପାରିବ। ବିଶେଷକରି ଶିଆଚେନ୍‌ରେ ଏହାକୁ ମୁତୟନ କରିହେବ। ଭାରତ ପାଖରେ ଅଧିକ ଦକ୍ଷତା ସମ୍ପନ୍ନ ଅମେରିକୀୟ ଆପାଚି ହେଲିକପ୍ଟର ଥିଲେ ବି ଦେଶର ଆବଶ୍ୟକତା ଦୃଷ୍ଟିରୁ ପ୍ରଚଣ୍ଡ ବିଶେଷ ଭାବେ ନିଜର କରାମତି ଦେଖାଇବ। ଲଦାଖରେ ଏହାର ସଫଳ ପରୀକ୍ଷଣ ସରିଛି। ଏହା ଆକାଶରୁ ଭୂମିକୁ ମଧ୍ୟ ଟାର୍ଗେଟ କରିପାରିବ।

## ମହିଷାସୁର ସ୍ଥାନରେ...

ବିଷୟରେ ପ୍ରଚାର କରୁଥିବାବେଳେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମୂର୍ତ୍ତି ବଦଳାଇବା ପାଇଁ ତାଙ୍କ ଉପରେ ଚାପ ପକାଇଥିବା ସେ କହିଛନ୍ତି। ଗାନ୍ଧୀଙ୍କ ସ୍ଥାନରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ଅନ୍ୟ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ରଖିବାକୁ ଚାହୁଁଥିବା ଗୋସ୍ୱାମୀ କହିଛନ୍ତି। ଏ ପ୍ରକାର ଘଟଣା ମହାତ୍ମା ଗାନ୍ଧୀ ଓ ପ୍ରତ୍ୟେକ ଦେଶବାସୀଙ୍କ ପାଇଁ ଅପମାନ ବୋଲି ତୃଣମୂଳ ନେତା କୁନାଲ ଘୋଷ କହିଛନ୍ତି। ସେହିପରି ଭାଜପା ରାଜ୍ୟ ସଭାପତି ସୁକାନ୍ତ ମଜୁମଦାର କହିଛନ୍ତି, ଏହା ଏକ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ କାର୍ଯ୍ୟ।

## ନଭେମ୍ବର ୩ରେ...

ବିଷ୍ଣୁ ସେଠୀଙ୍କ ଘରକୁ ଯାଇ ତାଙ୍କ ପରିବାର ବର୍ଗଙ୍କୁ ଭେଟି ସାରିଛନ୍ତି। ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି, ଭାଜପା ସବୁବେଳେ ନିର୍ବାଚନ ପାଇଁ ପ୍ରସ୍ତୁତ ଅଛି। ୨୦୨୪ ଫାଇନାଲ ପୂର୍ବରୁ ଏହା ସେମିଫାଇନାଲ୍। ଆମେ ଜିତିବୁ। ମଇଦାନରେ ବର୍ତ୍ତମାନ ଦୁଇଟି ଦଳ ଭାଜପା ଓ ବିଜେଡି। ଆମେ ଫାଇନାଲରେ ଜିତିବା ପାଇଁ ପ୍ରସ୍ତୁତି କରୁଛୁ। ଏହି ଉପନିର୍ବାଚନ ଆମ ପାଇଁ ପ୍ରାକ୍ଟିସ୍ ମ୍ୟାଚ୍ ହେବ। ଲୋକମାନେ ବିଷ୍ଣୁ ଭାଇଙ୍କୁ ବହୁତ ଭଲ ପାଆନ୍ତି। ଆମର ବିଜୟ ସୁନିଶ୍ଚିତ ବୋଲି ଜୟନାରାୟଣ କହିଛନ୍ତି।

ବିଜେଡି ବିଧାୟକ ସଞ୍ଜୀବ ମଲ୍ଲିକ କହିଛନ୍ତି, ଉଭୟ ପୌର ଏବଂ ପଞ୍ଚାୟତ ନିର୍ବାଚନରେ ବିଜେଡି ଧାମନଗରରେ ଭଲ ପ୍ରଦର୍ଶନ କରିଛି। ଏନ୍‌ଏସି ଏବଂ ପଞ୍ଚାୟତ ନିର୍ବାଚନରେ ବହୁ ପରିମାଣରେ କାଉନସିଲର, ସରପଞ୍ଚ, ସମିତି ସଭ୍ୟା ଓ ଜିଲା ପରିଷଦ ଆସନ ବିଜେଡି ହାତକୁ ଯାଇଛି। ତେଣୁ ବିଜେଡି ନିଶ୍ଚୟ ଉପନିର୍ବାଚନରେ ଭଲ ପ୍ରଦର୍ଶନ କରିବ ବୋଲି ସଞ୍ଜୀବ କହିଛନ୍ତି।

ବ୍ରଜରାଜନଗର ଉପନିର୍ବାଚନରେ କଂଗ୍ରେସ ଦ୍ୱିତୀୟ ସ୍ଥାନ ଦଖଲ କରିବା ପରେ ଏବେ ଧାମନଗର ଉପନିର୍ବାଚନରେ ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଦଳ ଯୁକ୍ତି ରଖିଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ପଞ୍ଚାୟତସ୍ତରରେ କିପରି ପର୍ଯ୍ୟବେକ୍ଷକ ରହିବେ ସେନେଇ ବନ୍ଦୋବସ୍ତ ସରିଛି। ନିର୍ବାଚନ ପାଇଁ କଂଗ୍ରେସ ପ୍ରସ୍ତୁତ ଅଛି। ନିର୍ବାଚନ ଆସିଲେ ବିଜେଡି-କଂଗ୍ରେସ ମଧ୍ୟରେ ଟକ୍କର ହେବ ବୋଲି ବିଶ୍ୱାସ ଥିବା ଶରତ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ଅତ୍ୟଧିକ ଭ୍ରମଣଜନିତ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଘର ସାଜସଜ୍ଜାରେ ମଜି ରହିପାରନ୍ତି। କେତେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି। ଧାରକରଜ କରି କାମ ଚଳାଇ ନେବେ। ମହିଳାମାନେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

**ବୃଷ** – ଆସନ୍ତାକାଲିର ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଦୌଡ଼ କରିବାକୁ ପଡ଼ିବ। କୌଣସି ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଅଜୀର୍ଣ୍ଣଦୋଷରୁ ପେଟ ଗୋଳମାଳରୁ ପୀଡ଼ା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**ମିଥୁନ** – ପରିସ୍ଥିତିକୁ ଆଖିଆଗରେ ରଖି ଇଚ୍ଛା ନ ଥିଲେ ସୁଦ୍ଧା ଦୂରକୁ ଯିବାକୁ ପଡ଼ିବ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ, ଅବଶ୍ୟ ବିଭିନ୍ନ ବାଧାବିଘ୍ନ ମଧ୍ୟ ଦେଇ । କହିବାକୁ ଇଚ୍ଛା ଥିଲେ ମଧ୍ୟ ସଙ୍କୋଚବଶତଃ ବନ୍ଧୁଙ୍କ ନିକଟରେ ମନକଥା ପ୍ରକାଶ କରିପାରିବେ ନାହିଁ। ଆରଦ୍ରା ନକ୍ଷତ୍ରର ମନ ଭଲ ନ ରହିଲେ ମଧ୍ୟ ବୃଥା ସନ୍ଦେହକରି ମନ ଅଶାନ୍ତ ରହିବ।

**କର୍କଟ** – ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ, ଏଣୁ ସାମୟିକ ଖୁସି ରହିବେ। ପୁନର୍ବସୁ ନକ୍ଷତ୍ରର ମୂଲ୍ୟବାନ୍ ଦ୍ରବ୍ୟ ଲାଭ ହୋଇପାରେ। ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ନିକଟ ସମ୍ପର୍କୀୟଙ୍କ ଉପରେ ସ୍ନେହ ଶ୍ରଦ୍ଧା ଓ ପ୍ରେମାନୁରାଗୀ ହୋଇପାରନ୍ତି ।

**ସିଂହ** – ଆଗାମୀ ସମୟର ପରିସ୍ଥିତି ବିଷୟକୁ ନେଇ ଖସଡ଼ା ପ୍ରସ୍ତୁତ କରିପାରନ୍ତି। ବରାଦ ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। ବହୁଦିନ ପରେ ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ। କୌଣସି ନୂତନ କାର୍ଯ୍ୟରେ ହାତଦେବାକୁ ସ୍ଥିର କରିବେ। କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ।

**କନ୍ୟା** – ବିଭିନ୍ନ ପ୍ରକାର କାରଣକୁ ନେଇ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ତରବର ନ ହୋଇ ଧୀରସ୍ଥିର ମନ ନେଇ କାମକଲେ ସମସ୍ୟାର ସରଳ ସମାଧାନ ହେବ। ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚାଇବା ପାଇ ହଇରାଣରେ ପଡ଼ିପାରନ୍ତି ।

**ତୁଳା** – ବିଭିନ୍ନ ପ୍ରକାର ଅସୁବିଧା ଭିତରେ ଗତି କରୁଥିବାରୁ ଧୀରେ ଧୀରେ ମାନସିକ ଅବସ୍ଥା ଖରାପ ଦିଗକୁ ଗତି କରିବ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**ବିଛା** – ପାରିବାରିକ କ୍ଷେତ୍ରର କୌଣସି ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡ଼ିତ କରିବ। ଫଳରେ ମନଟା କାହିଁକି କେମିତି କେମିତି ଲାଗିବ ଓ ଭଲ ଲାଗିବ ନାହିଁ । ଏଣେ କର୍ମକ୍ଷେତ୍ର କିମ୍ବା ପ୍ରଶାସନିକ ସ୍ତରରେ ମଧ୍ୟ ବିଭିନ୍ନ ପ୍ରକାର ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। ପ୍ରତିଟି କ୍ଷେତ୍ରରେ ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ।

**ଧନୁ** – ଅଯଥା ଏଣୁତେଣୁ ଗୁଡ଼ାଏ ଚିନ୍ତାକରି ବିବ୍ରତ ହୁଅନ୍ତୁ ନାହିଁ। ବନ୍ଧୁ ଗହଣରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ । ଘରର ବରାଦ ଅନୁଯାୟୀ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିବାକୁ ବାଧ ହେବେ।

**ମକର** – ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମ ଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ। ମାତ୍ର ସଂଯମ ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। କଳା, ସାହିତ୍ୟରେ ଉନ୍ନତି କରି ସଭାସମିତିରେ ପ୍ରଶଂସିତ ହେବେ। ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇ ପଡ଼ିବେ।

**କୁମ୍ଭ** – ଯେକୌଣସି ପରିସ୍ଥିତି ହେଉନା କାହିଁକି, ଆପଣ ଜମା ବ୍ୟସ୍ତ ହୁଅନ୍ତୁ ନାହିଁ, ଯଥା ସମୟରେ ସବୁ କିଛି ଠିକ୍ ହୋଇଯିବ । ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ।

**ମୀନ** – ପ୍ରତ୍ୟେକ କ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣିହୋଇଯିବେ । ପୁନଶ୍ଚ ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହାକି ବ୍ୟସ୍ତତାର କାରଣ ହେବ । ଅପରାହ୍ନରେ ଚେଷ୍ଟା କରୁଥିବା କାମରେ ଓ ସଫଳତାରେ ଆନନ୍ଦ ଅନୁଭବ କରିବେ। ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି।

ଆଜି ଅକ୍ଟୋବର ୪ତାରିଖ ମଙ୍ଗଳବାର, ରାଶି ନକ୍ଷତ୍ର- ଉତ୍ତରାଷାଢ଼ା/ମକର, ପୀଠେ ଦଶହରା, ରାଜାଧିରାଜ ବେଶ, ବିଜୟା ଦଶମୀ ମୃଣ୍ମୟୀ ଦେବୀଙ୍କ ମହାନବମୀ ପୂଜା, ବିଶ୍ୱ ପଶୁକଲ୍ୟାଣ ଦିବସ, ନବମୀର ଏକୋଦ୍ଦିଷ୍ଟ ଓ ଦଶମୀର ପାର୍ବଣ ଶ୍ରାଦ୍ଧ। ସକାଳ.ଘ.୦୫।୨୮ ଗତେ, ଘ. ୦୭।୨୮ ମଧ୍ୟେ, ଘ.୦୮। ୩୮ ଗତେ, ଘ.୧୧।୧୧ ମଧ୍ୟେ ଶୁଭ ଶୁଭବେଳା। ଅପରାହ୍ନ ଘ.୦୨।୨ ଗତେ, ଘ.୦୪।୦୦ ମଧ୍ୟେ ରାହୁକାଳ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୨,୩୫,୯୧,୫୨୭ | ୬୫,୫୧,୦୮୦ | ୬୦,୩୬,୨୧,୨୮୧ |
| ଭାରତ | ୪,୪୫,୯୭,୪୯୮ | ୫,୨୮,୭୦୧ | ୪,୪୦,୩୨,୬୭୧ |
| ଓଡ଼ିଶା | ୧୩,୩୪,୪୩୪ | ୯୧୯୭(+୫୩) | ୧୩,୨୪,୦୩୬ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଅସ୍ତ୍ରୋପଚାର ନିଷ୍ଫଳ: ଅସୁସ୍ଥ ହାତୀର ଜୀବନ ଗଲା

■ ତ୍ରୁଟିପୂର୍ଣ୍ଣ ଚିକିତ୍ସା, ହାଇଡୋଜ୍ ନିଶ୍ଚେତକ କାରଣରୁ ମୃତ୍ୟୁ ଆଶଙ୍କା

■ ବନ ବିଭାଗର ଅବହେଳାକୁ ଦାୟୀ କଲେ ପରିବେଶବିତ୍

ବାରିପଦା ଅଫିସ/ବେତନଟୀ, ୩।୧୦(ସ୍ୱ.ପ୍ର.)



ମୃତ ହାତୀ।

ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ ମଣିଣାକାଟି ସଂରକ୍ଷିତ ଜଙ୍ଗଲରେ ସୋମବାର ଏକ ଅସୁସ୍ଥ ଦନ୍ତାହାତୀର ମୃତ୍ୟୁ ହୋଇଛି। ଓୟୁଏଟି ବିଶେଷଜ୍ଞଙ୍କ ଦ୍ୱାରା ଅସ୍ତ୍ରୋପଚାରର ୨୪ ଘଣ୍ଟା ନ ପୂରୁଣୁ ଉକ୍ତ ଦନ୍ତାର ମୃତ୍ୟୁ ହେବା ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ତ୍ରୁଟିପୂର୍ଣ୍ଣ ଚିକିତ୍ସା ଏବଂ ହାଇଡୋଜ୍ ନିଶ୍ଚେତକ କାରଣରୁ ହାତୀର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ କ୍ଷତ ନ ଶୁଖି ସେପ୍ଟିସେମିଆ ହୋଇଯିବାରୁ ଦନ୍ତାର ମୃତ୍ୟୁ ହୋଇଥିବା ବନବିଭାଗ ସଫେଇ ଦେଇଛି।

ସୂଚନା ଅନୁଯାୟୀ, ଦୁଇମାସ ପୂର୍ବରୁ ଜଙ୍ଗଲୀଜନ୍ତୁ ଶିକାର ପାଇଁ ବସାଯାଉଥିବା ଫାଶରେ ଛନ୍ଦି ହୋଇପଡ଼ିବାରୁ ଦନ୍ତା ଗୋଡ଼ରେ ଏକ ପ୍ଲାଷ୍ଟିକ ରଶି ଚାପି ହୋଇ ରହିଯାଇଥିଲା। ଗୋଠଛଡ଼ା ଏହି ବିଶାଳ ଦନ୍ତା ବେତନଟୀ ରେଞ୍ଜ ଅଧୀନ ବିଭିନ୍ନ ଗ୍ରାମ୍ୟ ଓ ସଂରକ୍ଷିତ ଜଙ୍ଗଲ ସନ୍ନିକଟ ଗାଁଗଣ୍ଡାରେ ବିଚରଣ କରୁଥିଲା। ମୋଟା ପ୍ଲାଷ୍ଟିକ ରଶି ଗୁଡ଼ାଇ ହୋଇ ରହିଯିବାରୁ ଧୀରେ ଧୀରେ କ୍ଷତ ବଢ଼ିବା ସହିତ ହାତୀଟି ଠିକ୍ ଭାବେ ଚଳପ୍ରଚଳ କରିପାରୁ ନ ଥିଲା। କ୍ଷତରୁ ରକ୍ତସ୍ରାବ ହେବା ସହିତ ଦୁର୍ଗନ୍ଧ ବାହାରୁଥିଲା। ଏହାକୁ ନେଇ ବନବିଭାଗର କର୍ମଚାରୀମାନେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଥିଲେ। ୱାଇଲ୍ଡ ଲାଇଫ ଟ୍ରଷ୍ଟ ଅଫ୍ ଇଣ୍ଡିଆର ଡା.ବ୍ରଜରାଜ ଏବଂ ରୁଦ୍ରନାରାୟଣ ମହାପାତ୍ରଙ୍କ ସମେତ ଓୟୁଏଟିର ପ୍ରଫେସର ଇନ୍ଦ୍ରମଣି ନାଥ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ରିଜର୍ଭର ଡା.ପିୟୂଷ ସୋରେନ ପ୍ରମୁଖ ଡାକ୍ତରୀ ଦଳ ରବିବାର ସକାଳେ ହାତୀର ଚିକିତ୍ସା ଆରମ୍ଭ କରିଥିଲେ। ଟ୍ରାଙ୍କୁଲାଇଜ୍ ପରେ ୪ଘଣ୍ଟା ଧରି ଦନ୍ତାର ଅସ୍ତ୍ରୋପଚାର କରାଯାଇଥିଲା। ତେବେ ଏହି ଅସ୍ତ୍ରୋପଚାର ନିଷ୍ଫଳ ସାବ୍ୟସ୍ତ ହୋଇଛି। ୨୪ଘଣ୍ଟା ନ ପୂରୁଣୁ ହାତୀର ମୃତ୍ୟୁ ହୋଇଗଲା। ବନବିଭାଗ କର୍ମଚାରୀଙ୍କ ସମେତ ପ୍ରାଣୀ ଚିକିତ୍ସକ ଡା. ଭବନାଥ ପ୍ରସାଦ ବହିଆ, ପ୍ରାଣୀଧନ ନିରୀକ୍ଷକ ସାଇକୃଷ୍ଣ ମହାନ୍ତ, ଅଜୟ କୁମାର ସୋରେନ ପ୍ରମୁଖ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରିଥିଲେ। ତେବେ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଓ ହାଇଡୋଜ୍ ନିଶ୍ଚେତକ ପାଇଁ ଦନ୍ତାର ମୃତ୍ୟୁ ହୋଇଥିବା ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ଭାନୁମିତ୍ର ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି। ସେହିପରି ବନ ବିଭାଗର ଅବହେଳାରୁ ଦନ୍ତାର ମୃତ୍ୟୁ ହୋଇଥିବା ବେତନଟୀ ବ୍ଲକ ଅଞ୍ଚଳର ବିଶିଷ୍ଟ ପରିବେଶବିତ୍ ପୁରୁଷୋତ୍ତମ ପଣ୍ଡା କହିଛନ୍ତି। ହାତୀ ଅସୁସ୍ଥ ଥିବା ନେଇ ବହୁ ପୂର୍ବରୁ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଅବହେଳା ଓ ଚିକିତ୍ସାରେ ବିଳମ୍ବ କାରଣରୁ ହାତୀର ମୃତ୍ୟୁ ହେବା ଘଟଣାକୁ ପରିବେଶବିତ୍‌ମାନେ କଡ଼ା ସମାଲୋଚନା କରୁଛନ୍ତି। ତେବେ ୧୫ଦିନ ମଧ୍ୟରେ ଜିଲାର କପ୍ତିପଦା ବନାଞ୍ଚଳର ନାଟୋ ଓ ବାଙ୍ଗିରିପୋଷି ରେଞ୍ଜ ଅଧୀନ ନାପ୍ରି ସଂରକ୍ଷିତ ଜଙ୍ଗଲରେ ଦୁଇଟି ହାତୀଛୁଆର ମୃତ୍ୟୁ ହେବା ପରେ ଏବେ ଦନ୍ତାର ମୃତ୍ୟୁ ଘଟଣାକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ବାରିପଦା ଡିଏଫ୍‌ଓ ସନ୍ତୋଷ ଯୋଶୀଙ୍କୁ ପଚାରିବାରୁ ୪ଦିନ ତଳେ ହାତୀ ଗୋଡ଼ରେ କ୍ଷତ ସୃଷ୍ଟି ହୋଇଥିବା ବେଳେ ତା'ର ଚିକିତ୍ସା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ତେବେ ସେପ୍ଟିସେମିଆରେ ହାତୀର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ହାଇଡୋଜ ନିଶ୍ଚେତକ ଦିଆଯିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସତ୍ୟତା ଜଣାପଡ଼ିବ ବୋଲି ସେ କହିଛନ୍ତି।

# କ୍ରୁଟ୍ ମହାପ୍ରବନ୍ଧକଙ୍କୁ ଜାତିସଂଘର 'ହାବିଟାଟ୍ ସ୍କ୍ରଲ୍ ଅଫ୍ ଅନର୍ ଆୱାର୍ଡ'

ଭୁବନେଶ୍ୱର, ୩।୧୦ (ବ୍ୟୁରୋ)



ଦୀପ୍ତି ମହାପାତ୍ର ପୁରସ୍କାର ଗ୍ରହଣ କରୁଛନ୍ତି(ଡାହାଣ)।

ରାଜ୍ୟରେ 'ମୋ ବସ୍' ସେବା ପରିଚାଳନା କରୁଥିବା କ୍ୟାପିଟାଲ ରିଜିୟନ୍‌ଅର୍ବାନ ଟ୍ରାନ୍ସପୋର୍ଟ(କ୍ରୁଟ୍)ର ମହାପ୍ରବନ୍ଧକ ଦୀପ୍ତି ମହାପାତ୍ରଙ୍କୁ ଜାତିସଂଘର 'ହାବିଟାଟ୍ ସ୍କ୍ରଲ୍ ଅଫ୍ ଅନର୍ ଆୱାର୍ଡ' ମିଳିଛି। ରବିବାର ତୁର୍କୀର ବାଲିକେସିର୍‌ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଶ୍ୱର ଏହି ପ୍ରତିଷ୍ଠିତ ତଥା ମର୍ଯ୍ୟାଦାଜନକ ପୁରସ୍କାର ପ୍ରଦାନ କରାଯାଇଛି। ବ୍ୟକ୍ତି ବିଶେଷ, ସଂଗଠନ ଏବଂ ସଫଳ ପ୍ରକଳ୍ପ ଦ୍ୱାରା ମାନବ ବସତିର ବିକାଶ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଜାତିସଂଘ ପକ୍ଷରୁ ଏହି ପୁରସ୍କାର ଦିଆଯାଉଛି। 'ଆକ୍ଟ ଲୋକାଲ୍ ଟୁ ଗୋ ଗ୍ଲୋବାଲ୍' ଥିମ୍‌କୁ ନେଇ ଏପରି କାର୍ଯ୍ୟକ୍ରମ ମାଧ୍ୟମରେ ଆନ୍ତର୍ଜାତିକ ସ୍ତରରେ ସହରୀ ସଭ୍ୟତାକୁ ବିକଶିତ କରିବା ପାଇଁ ବ୍ୟକ୍ତିବିଶେଷ ଓ ସଂଗଠନଗୁଡ଼ିକୁ ଉତ୍ସାହିତ କରାଯାଉଛି। ସହରାଞ୍ଚଳ ପରିବହନ କ୍ଷେତ୍ରରେ କ୍ରୁଟ୍ ସକାରାତ୍ମକ ପରିବର୍ତ୍ତନ ଓ ଉଲ୍ଲେଖନୀୟ ଅବଦାନ ପାଇଁ କାର୍ଯ୍ୟ କରିବା ସହିତ ଲଗାତାର ପ୍ରୟାସ ଜାରି ରଖିଛି। ଜନ ପରିବହନ କ୍ଷେତ୍ରରେ ମହାପ୍ରବନ୍ଧକଙ୍କ ପଦକ୍ଷେପ, କାର୍ଯ୍ୟନିଷ୍ଠା ଏବଂ ଅଭିନବ ନେତୃତ୍ୱ ଦ୍ୱାରା କ୍ରୁଟ୍‌ର ପରିବହନ ସେବାକୁ ଏକ ଅନ୍ତର୍ଭୁକ୍ତୀକରଣ, ସୁଗମ, ନିରାପଦ ଗମନାଗମନ ବ୍ୟବସ୍ଥାରେ ପରିଣତ କରାଯାଇଛି। ବିଶେଷକରି ଏଥିରେ ମହିଳାଙ୍କୁ ଦିଆଯାଉଥିବା ସୁଯୋଗ ଦିଆଯାଇଛି। ଏହି ଅବସରରେ ଦୀପ୍ତି କହିଛନ୍ତି, ରାଜ୍ୟର ଜନ ପରିବହନ ବ୍ୟବସ୍ଥାରେ ସାଧାରଣରୁ ଅତି ସାଧାରଣ ଯାତ୍ରୀଙ୍କ ଅନ୍ତର୍ଭୁକ୍ତ ଏବଂ ବୃତ୍ତିଗତ କାର୍ଯ୍ୟକ୍ଷେତ୍ରରେ ଲିଙ୍ଗଗତ ପାର୍ଥକ୍ୟତାରେ ପରିବର୍ତ୍ତନ ଆଣିବାରେ ସଫଳ ହୋଇପାରିଛୁ। ଏଭଳି ସମ୍ମାନ ସମାଜ ପାଇଁ ଭଲ କାମ ସହ ସେବାରେ ନୂତନ ପଦକ୍ଷେପ କାର୍ଯ୍ୟକାରୀ କରିବାକୁ ପ୍ରେରଣା ଯୋଗାଇଥାଏ। ଆଗାମୀ ଦିନରେ ସ୍ଥାୟୀ ବିକାଶ ଲକ୍ଷ୍ୟ ପ୍ରାପ୍ତି ପାଇଁ କାର୍ଯ୍ୟ କରାଯାଉଛି ବୋଲି ସେ ମତ ଦେଇଛନ୍ତି।









# ଲଘୁଚାପ ସୃଷ୍ଟି, ଅଧିକାଂଶ ଜିଲାରେ ବର୍ଷା

■ ଆଜି ୪ ଜିଲାରେ ଅଧିକ ବର୍ଷିବ

■ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଯିବା ମନା

ଭୁବନେଶ୍ୱର,୩।୧୦(ବ୍ୟୁରୋ)

ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୋମବାର ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏହା ପ୍ରଭାବରେ ଅଧିକାଂଶ ଜିଲାରେ ବର୍ଷା ହେବାର ସମ୍ଭାବନା ଥିବାବେଳେ ସୋମବାର କେତେକ ଜିଲାରେ ବର୍ଷା ଲାଗି ରହିଛି। ଚାନ୍ଦବାଲିରେ ସର୍ବାଧିକ ୩୬.୫ ମିମି ବର୍ଷା ରେକର୍ଡ କରାଯାଇଛି। ସେହିଭଳି ମାଲକାନଗିରିରେ ୨୩, ପାରାଦୀପ ୧୪.୪, ବାରିପଦା ୫, ଦାରିଙ୍ଗବାଡ଼ି ୪, ବାଲେଶ୍ୱରରେ ୨.୮ ମିମି ବର୍ଷା ହୋଇଥିବାବେଳେ କେନ୍ଦ୍ରାପଡ଼ା ସମେତ ଅନ୍ୟ କେତେକ ଜିଲାରେ ଦିନ ତମାମ ବର୍ଷା ହୋଇଥିବା ସୂଚନା ମିଳିଛି। ତେବେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। ତେଣୁ ୫ ତାରିଖ ପର୍ଯ୍ୟନ୍ତ ପଶ୍ଚିମ କେନ୍ଦ୍ରୀୟ ପାର୍ଶ୍ୱବର୍ତ୍ତୀ ତଥା ଉତ୍ତର ବଙ୍ଗୋପସାଗରରେ ସମୁଦ୍ର ଭିତରକୁ ଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ ମଙ୍ଗଳବାର ମାଲକାନଗିରି, କୋରାପୁଟ, ଗଜପତି ଓ ଗଞ୍ଜାମ ଆଦି ୪ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ୭ ରୁ ୨୦ ସେମି ବର୍ଷା ହେବାର ସମ୍ଭାବନା ରହିଥିବାରୁ ଏ ସବୁ ଜିଲାକୁ ୟେଲୋ ୱାର୍ନିଂ ଦେବା ସହ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଛି। ସେହିଭଳି ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର, ବାଲେଶ୍ୱର, କେନ୍ଦ୍ରାପଡ଼ା, ଭଦ୍ରକ ଓ ନୟାଗଡ଼ ଜିଲାକୁ ମଧ୍ୟ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ଏ ସବୁ ଜିଲାରେ ୭ ରୁ ୧୧ ସେମି ଭିତରେ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି।






# ୧୭ରେ ମୁଖ୍ୟମନ୍ତ୍ରୀଙ୍କ ହାଇଦ୍ରାବାଦ ଗସ୍ତ



**ଭୁବନେଶ୍ୱର, ୩।୧୦(ବ୍ୟୁରୋ):** ନଭେମ୍ବର ୩୦ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ଭୁବନେଶ୍ୱରରେ 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ୨୦୨୨ର ତୃତୀୟ ସଂସ୍କରଣ' ଅନୁଷ୍ଠିତ ହେବ। ଏଥି ନିମନ୍ତେ ଚଳିତ ମାସ ୧୭ରେ ହାଇଦ୍ରାବାଦରେ 'ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଫିକ୍କି ସହଯୋଗରେ ହେବାକୁ ଥିବା ଏହି ଇନ୍‌ଭେଷ୍ଟର୍ସ ମିଟ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବେ ବୋଲି ଜଣାପଡ଼ିଛି। ଦୁବାଇ, ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ପରେ ହାଇଦ୍ରାବାଦରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସୂଚନା ଅନୁସାରେ, ନିବେଶକଙ୍କ ସହ ୱାନ୍-ଟୁ-ୱାନ୍ ବୈଠକ ଓ ନିବେଶକ ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ସମ୍ବୋଧିତ କରିବେ। ସେଥିପାଇଁ ନିଜର ଜନ୍ମଦିନ ଅକ୍ଟୋବର ୧୬ରେ ରହିଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଏହି ଦିନ ହାଇଦ୍ରାବାଦ ଅଭିମୁଖେ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ହାଇଦ୍ରାବାଦର ହୋଟେଲ ତାଜ୍ କ୍ରିଷ୍ଣାରେ ମୁଖ୍ୟମନ୍ତ୍ରୀ ଅକ୍ଟୋବର ୧୭ରେ ନିବେଶକ, ଶିଳ୍ପପତି ଓ ବିଭିନ୍ନ ବ୍ୟବସାୟିକ କମ୍ପାନୀର ପ୍ରତିନିଧିମାନଙ୍କୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଆମନ୍ତ୍ରଣ ମଧ୍ୟ କରିବେ ବୋଲି ଜଣାପଡ଼ିଛି।

# ବିଲରେ ଦଳିଦେଲା ହାତୀ

**ରାସୋଳ, ୩।୧୦(ଡି.ଏନ.ଏ.):** ଢେଙ୍କାନାଳ ଜିଲା ହିନ୍ଦୋଳ ବନାଞ୍ଚଳ ଅଧୀନ ରାସୋଳ ସେକ୍ସନ ରାସୋଳ ମୁଣ୍ଡିଆ ସାହିର ପଞ୍ଚାନନ ବେହେରା (୫୨) ସୋମବାର ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ସକାଳେ ପଞ୍ଚାନନ ବିଲକୁ ପାଣି ମଡ଼ାଇବାକୁ ଯାଇଥିବାବେଳେ ଏକ ହାତୀ ହାବୁଡ଼ରେ ପଡ଼ିଥିଲେ। ଖବରପାଇ ବନ ବିଭାଗ କର୍ମଚାରୀ ଓ ରାସୋଳ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲା। ହିନ୍ଦୋଳ ବିଧାୟିକା ସୀମାରାଣୀ ନାଏକ ମୃତ ପଞ୍ଚାନନଙ୍କ ଘରେ ପହଞ୍ଚି ପରିବାରଙ୍କୁ ସାନ୍ତ୍ୱନା ଦେଇଥିଲେ। ଏଥିସହିତ ମୃତଦେହ ସତ୍କାର ପାଇଁ ୨ ହଜାର ଟଙ୍କା ପ୍ରଦାନ କରିଥିଲେ। ରାସୋଳ ସରପଞ୍ଚ ଦିବାକର ନାଏକ ହରିଶ୍ଚନ୍ଦ୍ର ଯୋଜନାରେ ୨୦୦୦ ଟଙ୍କାର ସହାୟତା ଦେଇଥିଲେ। ମୃତକଙ୍କ ପରିବାର ପକ୍ଷରୁ ଆନୁସଙ୍ଗିକ କାଗଜପତ୍ର ଦାଖଲ କରାଯିବା ପରେ ସରକାରୀ ସହାୟତା ସ୍ୱରୂପ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବ ବୋଲି ରାସୋଳ ପରେଷ୍ଟର ସୁଦର୍ଶନ ଦେହୁରୀ ପ୍ରକାଶ କରିଛନ୍ତି।










ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣିରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। -ଶ୍ରୀମା



# ଘୃଣା ଡାକିଆଣେ ଘୃଣା

କରୋନା ମହାମାରୀ ଯୋଗୁ ଦୁଇବର୍ଷ ହେବ ଶାରଦୀୟ ଦୁର୍ଗାପୂଜା ହୋଇପାରୁ ନ ଥିଲା। ଭାରତରେ ଏହି ପୂଜା ଲାଗି ପ୍ରସିଦ୍ଧି ଅର୍ଜନ କରିଥିବା କୋଲକାତା ସମେତ ଦେଶସାରା ଏବେ ଏହା ଜାକଜମକରେ ପାଳିତ ହେଉଛି। କିନ୍ତୁ ଏଥର କୋଲକାତାରେ ଅଲ୍ ଇଣ୍ଡିଆ ହିନ୍ଦୁ ମହାସଭା ଦ୍ୱାରା ଆୟୋଜିତ ଏକ ପୂଜା ମଣ୍ଡପରେ ଧୋତିପିନ୍ଧା ଜଣେ ଲଣ୍ଡିତ ମସ୍ତକ ବ୍ୟକ୍ତି ହାତରେ ବାଡ଼ି ଧରିଥିବା ଓ ତାଙ୍କୁ ମା' ଦୁର୍ଗା ବଧ କରୁଥିବାର ଦୃଶ୍ୟ ପ୍ରତିଫଳିତ ହୋଇଛି। ମେଢ଼ ମଧ୍ୟରେ ମହାତ୍ମା ଗାନ୍ଧୀଙ୍କ ପରି ଦେଖାଯାଉଥିବା ସେହି ଚିତ୍ରକୁ ନେଇ ଏବେ ବିବାଦ ଉପୁଜିଛି। ସବୁ ରାଜନୈତିକ ଦଳ ଓ ଦେଶଭକ୍ତମାନେ ଗାନ୍ଧୀଙ୍କ ପ୍ରତି ଏପରି ଅସମ୍ମାନକୁ ନିନ୍ଦା କରୁଛନ୍ତି। ଅନ୍ୟପକ୍ଷରେ ହିନ୍ଦୁ ମହାସଭା ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି ଯେ, ତାହା ସଂଯୋଗବଶତଃ ହୋଇଯାଇଛି। ତଥାପି ଆୟୋଜନକାରୀ କହିଛନ୍ତି, ଦେଶର ସ୍ୱାଧୀନତା ସଂଗ୍ରାମରେ ମହାତ୍ମା ଗାନ୍ଧୀଙ୍କ ଭୂମିକାକୁ ସମାଲୋଚନା କରାଯିବା ଉଚିତ। ଏଥିରୁ ବୁଝିହେଉଛି ଯେ ହିନ୍ଦୁ ମହାସଭା ଜାଣିଶୁଣି ଗାନ୍ଧୀଙ୍କୁ ଏଭଳି ଚିତ୍ରଣ କରିବାକୁ ଚେଷ୍ଟା କରିଛି। ତୃଣମୂଳ କଂଗ୍ରେସର ରାଜ୍ୟ ସାଧାରଣ ସମ୍ପାଦକ କୁଣାଳ ଘୋଷ କହିଛନ୍ତି, ଏଭଳି ଅଶିକ୍ଷିତ ପ୍ରଦର୍ଶନ ଭାଜପାର ବାସ୍ତବ ଛବିକୁ ଦର୍ଶାଉଛି। ଘୋଷଙ୍କ ଆକ୍ଷେପ ଏକ ରାଜନୈତିକ ଅଭିବ୍ୟକ୍ତି ହୋଇପାରେ। କିନ୍ତୁ ରାଜନୈତିକ ପରିମଣ୍ଡଳରେ ଏହା ଜଣାଶୁଣା ଯେ ହିନ୍ଦୁ ମହାସଭା ସହ ଭାଜପାର ସମ୍ପର୍କ ଉତ୍ତମ। ଯଦିଓ ଭାଜପା ପକ୍ଷରୁ କୋଲକାତାର ସେହି ମଣ୍ଡପର ଦୃଶ୍ୟକୁ ସମାଲୋଚନା କରାଯାଇଛି, ତଥାପି ସମ୍ପୃକ୍ତ ଦଳର ଶାସକମାନଙ୍କ ଗାନ୍ଧୀଙ୍କ ପ୍ରତି ଥିବା ଅସୂୟାଭାବ ବହୁପୂର୍ବରୁ ପରୀକ୍ଷିତ ହୋଇଛି।

ବିଶ୍ୱବିଖ୍ୟାତ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ୍ ଏକଦା ଗାନ୍ଧୀଙ୍କ ବିଷୟରେ କହିଥିଲେ ଯେ, ଏଭଳି ଜଣେ ବ୍ୟକ୍ତି ପୃଥିବୀପୃଷ୍ଠରେ ବିଚରଣ କରୁଥିଲେ ବୋଲି ପରବର୍ତ୍ତୀ ପିଢ଼ି କମ୍ ବିଶ୍ୱାସ କରିବେ। ହେଲେ ଆଜି ଗାନ୍ଧୀଙ୍କ ଦେଶରେ ତାଙ୍କ ଚରିତ୍ରକୁ ତିରସ୍କାର କରାଯାଉଛି। ଯେଉଁମାନେ ତାଙ୍କୁ ଘୃଣା କରୁଛନ୍ତି ଓ ସ୍ୱାଧୀନତା ସଂଗ୍ରାମରେ ତାଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଉଛନ୍ତି, ସେମାନେ ହୁଏତ ଭୁଲିଯାଉଛନ୍ତି ଯେ ସେମାନେ ନିଜ ଅତୀତକୁ ମଧ୍ୟ ଅସ୍ୱୀକାର କରୁଛନ୍ତି। ଗାନ୍ଧୀ ସେତେବେଳର ସ୍ଥିତିକୁ ନେଇ ସର୍ବଜନଆଦୃତ ନିଷ୍ପତ୍ତି ନେଉଥିଲେ। ବର୍ତ୍ତମାନ ଯେଉଁମାନେ ଗାନ୍ଧୀଙ୍କୁ ସମାଲୋଚନା କରୁଛନ୍ତି, ସେମାନଙ୍କ ଗୋଷ୍ଠୀବାଦୀ ଓ ଜେକୋବାଦୀମାନେ ତାଙ୍କ କଥାରେ ଏକମତ ହୋଇ ସଂଗ୍ରାମରେ ଖାସ ଦେଉଥିଲେ। ଏବେ ଭୋଟ ରାଜନୀତିରେ ମାତିଥିବା ଦଳ ଭିନ୍ନ ଭିନ୍ନ କାରଣ ଦର୍ଶାଇ ଗାନ୍ଧୀଙ୍କ ଅବଦାନ ଓ ଇତିହାସକୁ ଗ୍ରହଣ କରିବାକୁ ଚାହୁଁନାହାନ୍ତି। ସେଥିରେ କାହାରି ଆପତ୍ତି ରହିବା ଉଚିତ ନୁହେଁ। ମନେରଖିବାକୁ ହେବ ଯେ, ଗଣତନ୍ତ୍ରରେ ଭିନ୍ନ ମତକୁ ସ୍ଥାନ ଓ ସମ୍ମାନ ଦେବା ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏଥିସହିତ ଏହା ମଧ୍ୟ କୁହାଯାଇପାରେ ଯେ ଗାନ୍ଧୀ ଜଣେ ମଣିଷ ଥିଲେ, ଯାହାଙ୍କର ଦୋଷତ୍ରୁଟିକୁ ମଧ୍ୟ ଖୁଣି ଦିଆଯାଇପାରେ। ସେ ଗାନ୍ଧୀ ଏବଂ ତାଙ୍କ ସହଯୋଗୀମାନେ ତାଙ୍କର ଜୀବନକାଳରେ ସେହି ସମୟର ପରିସ୍ଥିତିକୁ ନିଷ୍ପତ୍ତି ଓ ପଦକ୍ଷେପ ନେଇଥିବେ। ଆଜି ଆମେ ନିଜ ଜୀବନକୁ ଦେଖିଲେ ବୁଝିପାରୁଛୁ ଯେ, ଅନେକ ସମୟରେ ପୂର୍ବରୁ ନେଇଥିବା ନିଜ ନିଷ୍ପତ୍ତିକୁ ପରବର୍ତ୍ତୀ ସମୟରେ ନିଜ ମନରେ ସମାଲୋଚନା କରିଥାଉ। କୌଣସି ମଣିଷ ନିଜକୁ ସମ୍ପୂର୍ଣ୍ଣ ଭାବେ ନିର୍ଭୁଲ ଓ ତ୍ରୁଟିହୀନ ବୋଲି କହିବା ଅତ୍ୟନ୍ତ ହାସ୍ୟାସ୍ପଦ କଥା ହେବ। ଢଗ ଅଛି-'ମଣିଷ ମାତ୍ରେ ଭୁଲ'। ପରବର୍ତ୍ତୀ ସମୟରେ ସମସ୍ତଙ୍କର ପଛ ବୁଦ୍ଧି ସେହି ସମୟର ବୁଦ୍ଧିଠାରୁ ଅଧିକ ତୀକ୍ଷ୍ଣ ହୋଇଥାଏ। କୁହାଯାଉଛି ଯେ ନେହେରୁଙ୍କ ଅପାରଗତା ଓ ଉଦାରବାଦୀ ଚରିତ୍ର ଯୋଗୁ ଭାରତର ଅନେକ ଅଂଶକୁ ଚାଇନା ମାଡ଼ିବସି ପାରିଥିଲା। ସେହି ମାପକାଠିରେ ଦେଖିଲେ, ଗତ ଦୁଇ ବର୍ଷ ଧରି ଚାଇନା ମଧ୍ୟ ଭାରତର ଅନେକ ଭୂମିକୁ ଅକ୍ତିଆର କରିନେଇଛି। ଏବେ ଆମକୁ କୁହାଯାଉଛି ଯେ, କେନ୍ଦ୍ର ସରକାର ଅତ୍ୟନ୍ତ ଶକ୍ତିଶାଳୀ। ସମ୍ଭବତଃ ୭୦ ବର୍ଷ ପରେ ଆଜିର ରାଜନେତାଙ୍କୁ ଯଦି ଭବିଷ୍ୟତ ପିଢ଼ି ମନେରଖିବ, ତେବେ ସେହି ସମୟରେ ହେବାକୁ ଥିବା ଦୁର୍ଗାମେଢ଼ର ମହିଷାସୁରକୁ ଅନୁରୂପ ଚିତ୍ରଣ କରି ଥୋଇବ। ଆଜି ଉଚିତ ଚିନ୍ତା କରୁଥିବା ଲୋକ ଗାନ୍ଧୀଙ୍କୁ ବିକୃତ କରିବାରେ ପ୍ରତିବାଦ କଲାଭଳି ସେତେବେଳେ ଭବିଷ୍ୟତରେ କେହି ପ୍ରତିବାଦ କରିବାକୁ ଥିବେ କି ନ ଥିବେ କହିବା କଷ୍ଟକର। ଏଥିସହିତ ଦେଶର ଇତିହାସକୁ ସବୁବେଳେ ବିକୃତ କରି ଚିତ୍ରଣ କଲେ ଆଜିର ପିଢ଼ିର ପୂର୍ବପୁରୁଷଙ୍କୁ ବିକୃତ କରାଯିବା ଭଳି ମନେହେଉଛି। ଅର୍ଥାତ୍ ଏହା ମଧ୍ୟ କୁହାଯାଇପାରେ ଯେ ଆଜି ଯେଉଁମାନେ ପୂର୍ବ ପୁରୁଷଙ୍କ ଛାଲ ଉତାରୁଛନ୍ତି, ଆସନ୍ତା ଦିନଗୁଡ଼ିକରେ ତାଙ୍କର ଛାଲ ଉତାରିବା ଭଳି ସନ୍ତାନ ମଧ୍ୟ ସୃଷ୍ଟି ହୋଇପାରନ୍ତି। କୁହାଯାଏ, ଇତିହାସରୁ ଶିକ୍ଷା ଲାଭ କରି ବର୍ତ୍ତମାନକୁ ସଜାଡ଼ିବା ଉଚିତ। ଯଦି ଶିଖିବା ପରିବର୍ତ୍ତେ କେବଳ ବିକୃତ ସମାଲୋଚନା ସହିତ କ୍ଷମତାର ଅହଂକାର ପ୍ରଦର୍ଶନ କରାଯାଏ, ସମ୍ଭବତଃ ଅନୁରୂପ ପ୍ରକାରର ତ୍ରୁଟି ଆଜିର ପିଢ଼ି ମଧ୍ୟ ଘଟାଇ ବସିବ। ଏହା ସୂଚାଉଛି ଯେ ଆଜିର ପିଢ଼ି ଯଦି ଘୃଣା ପ୍ରଦର୍ଶନ କରିବ, ତେବେ ଭବିଷ୍ୟତର ପିଢ଼ି ପାଇଁ ଘୃଣା ଥୁଆ।

**କୁହାଯାଏ, ଇତିହାସରୁ ଶିକ୍ଷା ଲାଭ କରି ବର୍ତ୍ତମାନକୁ ସଜାଡ଼ିବା ଉଚିତ। ଯଦି ଶିଖିବା ପରିବର୍ତ୍ତେ କେବଳ ବିକୃତ ସମାଲୋଚନା ସହିତ କ୍ଷମତାର ଅହଂକାର ପ୍ରଦର୍ଶନ କରାଯାଏ, ସମ୍ଭବତଃ ଅନୁରୂପ ପ୍ରକାରର ତ୍ରୁଟି ଆଜିର ପିଢ଼ି ମଧ୍ୟ ଘଟାଇ ବସିବ। ଏହା ସୂଚାଉଛି ଯେ ଆଜିର ପିଢ଼ି ଯଦି ଘୃଣା ପ୍ରଦର୍ଶନ କରିବ, ତେବେ ଭବିଷ୍ୟତର ପିଢ଼ି ପାଇଁ ଘୃଣା ଥୁଆ।**

# ଅରଣ୍ୟ ସ୍ନାନ



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ଆମ ଅପରିଣାମଦର୍ଶୀ ବସ୍ତୁବାଦୀ ଜୀବନ ଶୈଳୀ ଏବଂ ରୁଗ୍ଣ ମାନସିକତାରୁ ସର୍ବାଧିକ ପ୍ରଭାବିତ ହେବାରେ ଲାଗିଛି ସବୁଜିମା-ଉଦ୍ଭିଦଜଗତ। ଫଳରେ ପୃଥିବୀରେ ବାର୍ଷିକ ହାରାହାରି ଲୋପ ପାଇବାରେ ଲାଗିଛି ପ୍ରାୟ ୧୦ ନିୟୁତ ହେକ୍ଟର ଅରଣ୍ୟ। ଏହା ମନୁଷ୍ୟ ସମେତ ଅଧିକାଂଶ ଜୀବଜାତିଙ୍କ ଉତ୍ପତ୍ତି, ବିକାଶ ଏବଂ ସ୍ଥିତି ଲାଗି ବିପଦର କାରଣ ହେଉଛି। ଏକ ଆକଳନ ଅନୁସାରେ ଧରାପୃଷ୍ଠର ସମୁଦାୟ ଆୟତନର ଏକ ତୃତୀୟାଂଶ ଅରଣ୍ୟ ମଣ୍ଡିତ ରହିବା ଦରକାର। ସେହିପରି ପ୍ରତ୍ୟେକ ଲୋକ ସୁସ୍ଥ ଜୀବନଯାପନ ପାଇଁ ଆବଶ୍ୟକ କରେ ଅତି କମ୍‌ରେ ୧୭ଟି ବୃକ୍ଷର ଅବଦାନ। କିନ୍ତୁ ଏହା ଏବେ ସମ୍ଭବ ହେଉନାହିଁ। ଫଳସ୍ୱରୂପ, ସେ ମାନସିକସ୍ତରରେ ଏକ ନିମ୍ନମାନର ଜୀବନଯାପନ କରୁଛି, ଯାହାର ଅନ୍ୟତମ ପରିପ୍ରକାଶ ଘଟୁଛି ବିବିଧ ମାନସିକ ବ୍ୟାଧି ରୂପେ।

ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଦ୍ୱାରା ପ୍ରକାଶିତ 'ୱାର୍ଲଡ ମେଣ୍ଟାଲ ହେଲ୍‌ଥ୍ ରିପୋର୍ଟ' ଅନୁଯାୟୀ ବର୍ତ୍ତମାନ ଦୁନିଆର ପ୍ରାୟ ୧ ହଜାର ନିୟୁତ ବ୍ୟକ୍ତି ନାନା ପ୍ରକାର ମାନସିକ ବ୍ୟାଧିର ଶିକାର। ତନ୍ମଧ୍ୟରୁ ସର୍ବାଧିକ ହେଲା ଦୁଶ୍ଚିନ୍ତା ଏବଂ ମାନସିକ ଚାପ ( ପୁରୁଷ ୧୨.୫ ଶତାଂଶ ଏବଂ ନାରୀ ୧୩.୫ ଶତାଂଶ)। ଏମାନଙ୍କ ମଧ୍ୟରୁ ଅଧିକାଂଶ (୮୨ ଶତାଂଶ) ହେଲେ ନିମ୍ନ ଏବଂ ମଧ୍ୟମ ଆୟକାରୀ ଦେଶଗୁଡ଼ିକର, ଯେଉଁଠାରେ କି ଏହାର ଚିକିତ୍ସା ପାଇଁ ବ୍ୟବସ୍ଥା ଖୁବ୍ କମ୍ ଉପଲବ୍ଧ। ଏହା ସେମାନଙ୍କର ୧୦ରୁ ୨୦ ବର୍ଷ ଆୟୁ କ୍ଷୟ ଘଟାଇଲା ବେଳେ ବିଶ୍ୱ ଅର୍ଥନୀତିକୁ ୧ ଟ୍ରିଲିୟନ୍ ଡଲାର କ୍ଷତି ପହଞ୍ଚାଇବାର ଆକଳନ କରାଯାଇଛି (୨୦୧୯), ଯାହା ୨୦୩୦-୩୫ ମଧ୍ୟରେ ୬ରୁ ୭ ଟ୍ରିଲିୟନକୁ ବୃଦ୍ଧି ପାଇବାର ଆଶଙ୍କା କରାଯାଏ। ଏଣୁ ଏଥିରୁ ମୁକ୍ତିଲାଗି ମନସ୍ତତ୍ତ୍ୱବିତ୍‌ମାନେ ବିଭିନ୍ନ ଦିଗରୁ ଉଦ୍ୟମ ଚଳାଇଛନ୍ତି । ସେମାନଙ୍କ ମତରେ 'ଅରଣ୍ୟ ସ୍ନାନ' ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ହୋଇପାରିବ।

'ୱାର୍କ ହୋଲିକ୍‌ସ' ବା କର୍ମ ନିଶାଗ୍ରସ୍ତଙ୍କ ଦେଶ ବୋଲାଉଥିବା ଜାପାନରେ ଏହି ବିଚାରଧାରାର ବିକାଶ ଘଟିଥିଲା ୧୯୮୦ ଦଶକରେ। କର୍ମକ୍ଷେତ୍ରରେ ଦୀର୍ଘ ସମୟ ଅତିବାହିତ କଲାପରେ କୌଣସି ନିକଟବର୍ତ୍ତୀ ଉଦ୍ୟାନରେ କିମ୍ବା ସପ୍ତାହାନ୍ତର ଛୁଟିକୁ ଅରଣ୍ୟ ବା ପ୍ରମୋଦ ଉଦ୍ୟାନରେ କଟାଇବା ଫଳରେ କର୍ମଚାରୀଙ୍କ ମାନସିକ ଚାପ ହ୍ରାସ ପାଇଥିଲା। ଏହା ସହିତ ସେମାନଙ୍କ ହୃଦ୍‌ସ୍ପନ୍ଦନ ହାର ସ୍ଥିରାବସ୍ଥାକୁ ଆସିବା, ରକ୍ତଚାପ ହ୍ରାସ ହେବା, ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇବା ଏବଂ କେତେକ ରୋଗରୁ ଦ୍ରୁତ ଆରୋଗ୍ୟ ଲାଭ କରିବା ଆଦି ଦେଖାଗଲା। ଫଳରେ ସେମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ହେଲା। ତେଣୁ ସେଠାରେ ଏହାକୁ ଯୋଡ଼ି ଦିଆଗଲା କର୍ମସଂହିତା ସହ।

ଏହି ପ୍ରକ୍ରିୟାକୁ ଜାପାନୀ ଭାଷାରେ କୁହାଯାଉଛି 'ଶ୍ରୀନ୍‌ରିନ୍-ୟୋକୁ'। ତହିଁରୁ ପ୍ରଥମ ଅଂଶଟିର ଅର୍ଥ ହେଲା 'ଅରଣ୍ୟ' ଏବଂ ଦ୍ୱିତୀୟଟିର 'ସ୍ନାନ'। ବର୍ତ୍ତମାନ ଏହା ଭାରତ ସମେତ ବହୁ ଦେଶକୁ ବ୍ୟାପି ସାରିଲାଣି। ଅନେକ ବଡ଼ ବଡ଼ ସହରରେ ବ୍ୟବସାୟିକ ଭିତ୍ତିରେ 'ଅରଣ୍ୟ ସ୍ନାନ' କରାଇବା ପାଇଁ ଅନୁଷ୍ଠାନମାନ ଗଢ଼ିଉଠିଲାଣି। ତନ୍ମଧ୍ୟରୁ ମୁଖ୍ୟଗୁଡ଼ିକ ମଧ୍ୟରେ ରହିଛି ଦିଲ୍ଲୀ (ସଞ୍ଜୟବନ), ଚଣ୍ଡିଗଡ଼ (ସିଭାଲିକା ପର୍ବତାଞ୍ଚଳ), ମୁମ୍ବାଇ(ଆରେ ଅରଣ୍ୟ) ଏବଂ ବେଙ୍ଗାଲୁରୁ (କ୍ୟୁବନ ପାର୍କ)। ଏହି ସବୁଜିମା ମଧ୍ୟରେ କିଛିକାଳ ଭ୍ରମଣ କଲାପରେ ମାନସିକ ଚାପଗ୍ରସ୍ତ ଲୋକେ ପିଲାଙ୍କ ଭଳି ଶାନ୍ତ ଓ ସରଳ ଆଚରଣ କରିବାର ଦେଖାଯାଉଛି। ସେମାନଙ୍କ ମଧ୍ୟରୁ କେହି ଗଛରେ ଚଢ଼ିଯାଉଛି ତ ଆଉ କେହି ତାକୁ ଆଲିଙ୍ଗନ କରୁଛି। ଏହାକୁ ନେଇ ଦିଲ୍ଲୀର ଲୋଧି ଉଦ୍ୟାନ, ନୋଇଡାର ମାନସରୋବର ଏବଂ ନୈନିତାଲ୍‌ର ପାନ୍‌ଗଟ୍ ଅରଣ୍ୟଠାରେ ଗବେଷଣା ବ୍ୟବସ୍ଥା ମଧ୍ୟ ଆରମ୍ଭ ହୋଇଛି। ଫଳରେ ଏବେ କେତେଜଣ ଚିକିତ୍ସକ 'ଅରଣ୍ୟ ଚିକିତ୍ସା' ଏବଂ 'ସବୁଜ ଚିକିତ୍ସା ବ୍ୟବସ୍ଥା ପତ୍ର' କଥା କହିବାକୁ ଆରମ୍ଭ କଲେଣି। ସେମାନଙ୍କ ମତରେ ବିବିଧ ଶାରୀରିକ ଓ ମାନସିକ ରୋଗ ପାଇଁ ଔଷଧ ସାଥେ ସାଥେ ଏହାର ପ୍ରୟୋଗ ଅଧିକ ଫଳପ୍ରଦ ହେବ।



୨୦୨୧ରେ ପ୍ରମୁଖ ଚିକିତ୍ସା ବିଜ୍ଞାନ ପତ୍ରିକା 'ଲାନ୍‌ସେଟ୍'ରେ ସୂଚିତ କରାଯାଇଥିଲା ଯେ, କୋଭିଡ୍-୧୯ ସଂକ୍ରମଣ ପରେ ସ୍ଥଳ ବିଶେଷରେ ତା'ର ପ୍ରଭାବ ଦୀର୍ଘ ୨ବର୍ଷ ଧରି ଜୀବନକୁ ପ୍ରଭାବିତ କରିଥାଏ। ତେବେ ଅରଣ୍ୟ ମଧ୍ୟରେ କିଛି କିଛି ସମୟ କଟାଇବା ଦ୍ୱାରା ତାହା ଲାଘବ ହୋଇଯାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ମଧ୍ୟ ପ୍ରକୃତିକୁ ଆମ ସ୍ୱାସ୍ଥ୍ୟ ଏବଂ ସୁସ୍ଥ ଜୀବନର ସର୍ବବୃହତ୍ ଉତ୍ସ ରୂପେ ବର୍ଣ୍ଣନା କରି ଏହାକୁ ସ୍ୱୀକାର କରିଛି।

ପ୍ରକୃତରେ ଏହି ଚିନ୍ତାଧାରାର ଜନ୍ମପୀଠ ହେଲା ଫିନ୍‌ଲାଣ୍ଡ। ସେଠାରେ କୋଭିଡ୍-୧୯ରୁ ସୁସ୍ଥ ହେଲାପରେ ମାସକୁ ଅନ୍ତତଃ ୫/୧୦ ଘଣ୍ଟା ଅରଣ୍ୟ ମଧ୍ୟରେ ଅତିବାହିତ କରିବାକୁ ଉପଦେଶ ଦିଆଯାଉଥିଲା। ଯେଉଁମାନେ ତାହା କରିପାରୁ ନ ଥିଲେ ସେମାନେ ବଡ଼ ବଡ଼ ଉଦ୍ୟାନ ମଧ୍ୟରେ କିଛି କିଛି ସମୟ କଟାଉଥିଲେ। କ୍ରମେ ଜାପାନରେ ଏହା ବିଶେଷଭାବେ ଆଦୃତ ହେଲା ଏବଂ ତତ୍ପରେ ନ୍ୟୁଜିଲାଣ୍ଡ, ଇଂଲଣ୍ଡ, କାନାଡା, ଭାରତ ଆଦି ଦେଶ ମଧ୍ୟ ତାକୁ ଅନୁସରଣ କଲେ। ଏବେ ଏସବୁ ଦେଶର ଡାକ୍ତରମାନେ ଏପ୍ରକାର ପ୍ରାକୃତିକ ଚିକିତ୍ସାକୁ ଫୁସ୍‌ଫୁସ୍ ରୋଗ, ମଧୁମେହ, ଉଚ୍ଚ ରକ୍ତଚାପ, ମାନସିକ ଚାପ, ନିଦ୍ରାହୀନତା, ଅନ୍ତଃସ୍ରାବୀ ବିକୃତି, ଗଳଗ୍ରନ୍ଥି ବିକୃତି, ଚୟାପଚୟନ ବିକୃତି, ଅସ୍ଥିପୋରିହା, ବନ୍ଧ୍ୟାତ୍ୱ ଇତ୍ୟାଦିର ନିରାକରଣ ପାଇଁ ବ୍ୟବହାର କରୁଛନ୍ତି। ଏପରିକି ସମୁଦ୍ରଯାତ୍ରା ଏବଂ ଧର୍ମପୀଠ ଭ୍ରମଣକୁ ଏହାର ଏକ ଅଂଶରୂପେ ଗ୍ରହଣ କରାଯାଉଛି।

ଜାପାନର ଚିକିତ୍ସାବିଜ୍ଞାନୀ ଏସବୁ ରୋଗ ବ୍ୟାପକ ହେବାର ମୂଳ କାରଣ ରୂପେ ଜୈବ ବିଭିନ୍ନତାର ଅବକ୍ଷୟକୁ ଦାୟୀ କରୁଛନ୍ତି। 'ସେଣ୍ଟର ଫର୍ ସାଇନ୍ସ ଏଣ୍ଡ ଏନ୍‌ଭାଇରନ୍‌ମେଣ୍ଟ' ଦ୍ୱାରା ୨୦୨୧ରେ ପ୍ରସ୍ତୁତ ରିପୋର୍ଟ ଅନୁସାରେ ଆମ ଦେଶର 'ଜୈବ ବିଭିନ୍ନତା-ଉତ୍ତପ୍ତ କ୍ଷେତ୍ର'ଗୁଡ଼ିକ ମଧ୍ୟରୁ ୯୦ ଶତାଂଶ ଏବେ ଅବକ୍ଷୟର ସମ୍ମୁଖୀନ। ତେଣୁ ଆମେ ସହଜରେ ରୋଗ ସୃଷ୍ଟିକାରୀ ଜୀବାଣୁ, ଭୂତାଣୁ ଆଦିଙ୍କ ଦ୍ୱାରା ସଂକ୍ରମିତ ହେଉଛେ। ଏପରିସ୍ଥଳେ ଦେଶର ସମସ୍ତ ଅରଣ୍ୟ ସମେତ ପ୍ରାୟ ୬୫ରୁ ଊର୍ଦ୍ଧ୍ୱ ଜାତୀୟ ଉଦ୍ୟାନକୁ 'ସ୍ୱାସ୍ଥ୍ୟଦାୟୀ କ୍ଷେତ୍ର' ରୂପେ ଗଣନା କରାଗଲେ ଏବଂ ଅଧିକରୁ ଅଧିକ ଲୋକଙ୍କୁ ତହିଁରେ ବହୁ ସମୟ କଟାଇବାର ବ୍ୟବସ୍ଥା କରାଗଲେ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ହୋଇପାରିବ । ଆମେରିକା, ଦକ୍ଷିଣ କୋରିଆ, ଜାପାନ ଆଦି ଦେଶରେ ଏ ଦିଗରେ ବ୍ୟାପକ ପଦକ୍ଷେପ ଆରମ୍ଭ ହେଲାଣି।

'ଅରଣ୍ୟ ସ୍ନାନ' ବା ପ୍ରକୃତି କୋଳରେ ସମୟ ଅତିବାହିତ ଆମ ମନର ଅବସ୍ଥାକୁ ନିୟନ୍ତ୍ରଣ କରୁଥିବା 'ସୁଖ ହର୍‌ମୋନ୍' ବା 'ସେରୋଟୋନିନ୍'ର କ୍ଷରଣଠାରୁ ଆରମ୍ଭକରି ଶ୍ୱେତରକ୍ତ କଣିକା ବୃଦ୍ଧି ଆଦିର କାରଣ ମଧ୍ୟ ହୋଇପାରେ ବୋଲି ମତ ଦିଅନ୍ତି ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଟିଏଚ୍ ଚାନ୍ ସ୍କୁଲ ଅଫ୍ ପବ୍ଲିକ୍ ହେଲ୍‌ଥର ଶରୀର ବିଜ୍ଞାନୀ ପିଟର ଜେମ୍‌ସ୍। ପ୍ରତ୍ୟହ ଉଦ୍ୟାନ, ଜାତୀୟ ଉଦ୍ୟାନ କିମ୍ବା ଅରଣ୍ୟ ମଧ୍ୟରେ କିଛି କିଛି ସମୟ ଅତିବାହିତ କରିବା ଆମକୁ ସୁସ୍ୱାସ୍ଥ୍ୟ ପ୍ରଦାନ ଏବଂ ଆମର ସୁସ୍ଥଜୀବନ ଜିଇବାର ସମ୍ଭାବନା ୫୦ ଶତାଂଶ ପର୍ଯ୍ୟନ୍ତ ବୃଦ୍ଧି କରିପାରିବ ବୋଲି ତାଙ୍କର ବିଶ୍ୱାସ। ଏପରିକି ଘର ଝରକା ନିକଟରେ ଥିବା ଗଛଗୁଡ଼ିକୁ ଦେଖିବା, ନିଜ ବାଡ଼ିବଗିଚା ବା ଛାତ ଉପରେ ଗଛ ଲଗାଇ ତାହାର ଯତ୍ନ ନେବା ଏବଂ ଗଛକୁ ଆଲିଙ୍ଗନ କରିବାର ମଧ୍ୟ ସୁଫଳ ରହିଛି ବୋଲି ସେ ମନେକରନ୍ତି।

ବୈଦିକ ଯୁଗରେ ଆମ ମୁନିଋଷିମାନେ ଜନପଦ ଅପେକ୍ଷା ଅରଣ୍ୟ ମଧ୍ୟରେ ବାସ କରିବାକୁ ପସନ୍ଦ କରୁଥିଲେ। ସେମାନେ ଥିଲେ ସୁସ୍ଥ, ଦୀର୍ଘଜୀବୀ ଏବଂ ପ୍ରଜ୍ଞାବାନ୍। ସମ୍ଭବତଃ ଏହାହିଁ ତା'ର କାରଣ ହୋଇପାରେ।

**ଉଷାନିବାସ,ଖଣ୍ଡଗିରି ବିହାର, ଭୁବନେଶ୍ୱର**
**ମୋ:୯୯୩୭ ୯୮୫୭୬୭**

# ଫେଡ୍ ରେଟ୍ ହାଇକ୍‌ର ପ୍ରଭାବ



ସୌରଜିତ ପ୍ରଧାନୀ

ଗତ ବୁଧବାର ଆମେରିକାର ଫେଡେରାଲ ରିଜର୍ଭ ସୁଧହାରରେ ଆଉ ୭୫ ବେସିସ୍ ପଏଣ୍ଟ ବୃଦ୍ଧି କରିବା ସହ ଏହାର ଆଭିମୁଖ୍ୟକୁ 'ଡୋଭିସ୍'ରୁ 'ହକିସ'ରେ ପରିବର୍ତ୍ତନ କରିଛି। ଏଭଳି କାର୍ଯ୍ୟ ପାଇଁ ଟ୍ରିଗର ହେଉଛି ଆଶା କରାଯାଉଥିବା (୮.୧ ପ୍ରତିଶତ) ଏବଂ ପ୍ରକୃତ ମୁଦ୍ରାସ୍ଫୀତି (୮.୩ ପ୍ରତିଶତ) ସଂଖ୍ୟା ମଧ୍ୟରେ ପାର୍ଥକ୍ୟ।

ଫେଡେରାଲ ରିଜର୍ଭର ଏହି ନିଷ୍ପତ୍ତିର ପ୍ରଭାବ ଭାରତ ସମେତ ସମଗ୍ର ବିଶ୍ୱରେ ପଡ଼ିଛି। ଫେଡ୍ ଚଳିତ ବର୍ଷ ତୃତୀୟ ଥର ପାଇଁ ସୁଧହାର ବଢ଼ାଇଛି। ଗତ ଚାଳିଶ ବର୍ଷ ମଧ୍ୟରେ ଆମେରିକାରେ ଖୁଚୁରା ମୁଦ୍ରାସ୍ଫୀତି ସର୍ବକାଳୀନ ଉଚ୍ଚ ସ୍ତରରେ ରହିଛି। ସୁଧହାର ବଢ଼ାଇବା ପଛର ଉଦ୍ଦେଶ୍ୟ ହେଉଛି ଅର୍ଥନୀତିରୁ ନଗଦ ଅର୍ଥ ବାହାର କରିବା ଏବଂ ଚାହିଦାକୁ ହ୍ରାସ କରିବା ପାଇଁ ଉପଭୋକ୍ତାଙ୍କ ଖର୍ଚ୍ଚଯୋଗ୍ୟ ଆୟକୁ ହ୍ରାସ କରିବା।

ଆମେରିକାରେ ଉଚ୍ଚ ମୁଦ୍ରାସ୍ଫୀତି ହାର ମୁଖ୍ୟତଃ ନୋଟ୍ ଛାପିବା ଏବଂ ଏହାକୁ ଆର୍ଥିକ ବ୍ୟବସ୍ଥାରେ(ମହାମାରୀ ପରବର୍ତ୍ତୀ) ପମ୍ପ କରିବା ମାଧ୍ୟମରେ 'ମାତ୍ରାତ୍ମକ ସହଜୀକରଣ' କାରଣରୁ ହୋଇଥାଏ। ସୁଧ ହାରକୁ କମ୍ ରଖି ଆମେରିକା ବଜାର ଓ କର୍ପୋରେଟ ସଂସ୍ଥାକୁ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇଦେବାକୁ ଚାହୁଁଥିଲା। କିନ୍ତୁ ଏବେ ଫେଡ୍ ସୁଧହାର ବଢ଼ାଇ ଟଙ୍କା ଫେରାଇନେବାକୁ ଚାହୁଁଛି। ଏହା କେବଳ ସ୍ୱଳ୍ପମିଆଦୀ ସୁଧ ହାରକୁ ଲକ୍ଷ୍ୟ କରି ନୁହେଁ, ବରଂ ଦୀର୍ଘମିଆଦୀ ସୁଧହାରକୁ ମଧ୍ୟ ଧୀରେ ଧୀରେ ଯୁକ୍ତିଯୁକ୍ତ କରୁଛି।

ଉଚ୍ଚ ମୁଦ୍ରାସ୍ଫୀତି ହାର ମୁଖ୍ୟତଃ କୋଭିଡ୍ ମହାମାରୀ ଯୋଗୁ ଯୋଗାଣର ପ୍ରତିବନ୍ଧକ କାରଣରୁ ହୋଇଥିଲା। ୟୁକ୍ରେନ-ରୁଷିଆ ଯୁଦ୍ଧ ସମୟରେ ମଧ୍ୟ ତୈଳ ଓ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇଥିଲା। କିନ୍ତୁ ଯୋଗାଣ ଶୃଙ୍ଖଳାର ବିପର୍ଯ୍ୟସ୍ତ ଅବସ୍ଥାକୁ ଫେରାଇ ଆଣିଛି। ସେମିକଣ୍ଡକ୍ଟର ଚିପ୍ ସମସ୍ୟା ମଧ୍ୟ ବହୁ ପରିମାଣରେ ସମାଧାନ ହୋଇଛି। କିନ୍ତୁ ଏହି ପର୍ଯ୍ୟାୟରେ ଖୁଚୁରା ଋଣ ହାର ମଧ୍ୟ ଜୁଲାଇ ମାସରେ ୭.୭ ପ୍ରତିଶତ ବୃଦ୍ଧି ପାଇଛି। ଏହା କେବଳ ନିମ୍ନ ସୁଧହାର ଯୋଗୁ ହୋଇଥିଲା, ଯାହା ଫଳରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇଥିଲା।

ସୁଧହାର ହେଉଛି 'ଦୁଇଧାରିଆ ତରବାରି'। ବର୍ଦ୍ଧିତ ସୁଧହାର ଅଭିବୃଦ୍ଧି ଆକଳନ ଏବଂ ବଜାରର ଭାବନା ଉପରେ କ୍ଷତିକାରକ ପ୍ରଭାବ ପକାଇବ। ଯେକୌଣସି କେନ୍ଦ୍ରୀୟ ବ୍ୟାଙ୍କର ପ୍ରାଥମିକ ଭୂମିକା ହେଉଛି ଅଭିବୃଦ୍ଧି ଓ ମୁଦ୍ରାସ୍ଫୀତିକୁ ପରିଚାଳନା କରିବା। ଆମେରିକା ସ୍ପଷ୍ଟ କରିଦେଇଛି ଯେ ବର୍ତ୍ତମାନ ସମୟରେ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ହେଉଛି ମୁଖ୍ୟ ଲକ୍ଷ୍ୟ। ନଚେତ ଅଭିବୃଦ୍ଧି କମିବ। ଏହା ନିଶ୍ଚିତ ଭାବେ ଅନ୍ୟ ବଜାର ଉପରେ ବଡ଼ ପ୍ରଭାବ ପକାଇବ। କାରଣ ସମଗ୍ର ବିଶ୍ୱ ଆର୍ଥିକ ବଜାରରେ ଆମେରିକାର ଯୋଗଦାନ ପ୍ରାୟ ୨୫ %।

ଆମେରିକାରେ ବେକାରି ହାର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ବର୍ତ୍ତମାନ ସମୟରେ କୁଶଳୀ ଶ୍ରମିକଙ୍କ ଚାହିଦା ସର୍ବାଧିକ ରହିଛି। ଦରମା ମୁଦ୍ରାସ୍ଫୀତି ମଧ୍ୟ ବୃଦ୍ଧି ପାଇଛି। ଫଳରେ ଅଧିକ ଖୁଚୁରା ମୁଦ୍ରାସ୍ଫୀତି ଯୋଗୁ ଶ୍ରମିକମାନେ ଅଧିକ ଦରମା ଦାବି କରିବେ। ଏହା ଏକ 'ଚେନ ପ୍ରତିକ୍ରିୟା' ଯାହା ଶେଷରେ ଅଧିକ ମୁଦ୍ରାସ୍ଫୀତିର କାରଣ ହୋଇଥାଏ।





ମୁଦ୍ରାସ୍ଫୀତିର ଚକ୍ରବ୍ୟୂହକୁ ଭାଙ୍ଗିବାର ଆବଶ୍ୟକତା ରହିଛି। ଏହା ସେତେବେଳେ ସମ୍ଭବ ଯେତେବେଳେ ଖାଉଟି ଚାହିଦା ଓ ଖର୍ଚ୍ଚଯୋଗ୍ୟ ଆୟ କମିବ। ଏହାଦ୍ୱାରା କର୍ପୋରେଟ ଏବଂ କମ୍ପାନୀଗୁଡ଼ିକ କମ୍ ଲୋକଙ୍କୁ ନିଯୁକ୍ତି ଦେବେ ଏବଂ ଅଜାଣତରେ ବେକାରି ହାର ବଢ଼ିବ। ଆମେରିକାରେ ମୁଦ୍ରାସ୍ଫୀତି ହାର ଅଧିକ ଥିବାରୁ ଏହାର ସବୁଠାରୁ ଅଧିକ ଲାଭ ଆମେରିକୀୟ ଡଲାରକୁ ମିଳିବ। ବିଶ୍ୱସ୍ତରରେ ଅସ୍ଥିରତାର ଏକ ପର୍ଯ୍ୟାୟରେ ଏଫ୍‌ପିଆଇ (ବିଦେଶୀ ପୋର୍ଟଫୋଲିଓ ନିବେଶକ) ଏବଂ ଏଫ୍‌ଆଇଆଇ (ବିଦେଶୀ ଅନୁଷ୍ଠାନିକ ନିବେଶକ) ସେମାନଙ୍କ ଅର୍ଥକୁ ଉଦୀୟମାନ ବଜାରରୁ ପ୍ରତ୍ୟାହାର କରି ଆମେରିକାରେ ପାର୍କ କରିବେ। ଆମେରିକୀୟ ଡଲାର ଆହୁରି ଲାଭ କରିବ, ଯେତେବେଳେ କି ଉଦୀୟମାନ ବଜାରର ମୁଦ୍ରାର ମୂଲ୍ୟ ହ୍ରାସ ପାଇବ। ବୈଦେଶିକ ପାଣ୍ଠିର ବହିର୍ଗମନକୁ ରୋକିବା ପାଇଁ ଉଦୀୟମାନ ଦେଶଗୁଡ଼ିକ ମଧ୍ୟ ସେମାନଙ୍କ ସୁଧ ହାର ବୃଦ୍ଧି କରିବା ଆବଶ୍ୟକ।

ଆମେରିକାରେ ସୁଧ ହାର ଅଧିକ ହେଲେ ଟଙ୍କାର ମୂଲ୍ୟ ହ୍ରାସ ପାଇବ। ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ୮୧ ଟଙ୍କାକୁ ଛୁଇଁସାରିଛି। ଟଙ୍କା ମୂଲ୍ୟ ଆହୁରି ହ୍ରାସ ପାଇବ ଏବଂ ଏହା ଭାରତୀୟ ଆମଦାନୀକାରୀଙ୍କୁ ଅଧିକ ପ୍ରଭାବିତ କରିବ ବୋଲି ଆଶଙ୍କା କରାଯାଉଛି। ତେବେ ଭାରତୀୟ ରପ୍ତାନିକାରୀମାନେ ଲାଭବାନ୍ ହେବେ। ଅର୍ଥନୀତିଜ୍ଞମାନେ ଟଙ୍କା ମୂଲ୍ୟ ହ୍ରାସକୁ ନେଇ ଚିନ୍ତିତ ନୁହନ୍ତି, କାରଣ ଏହା ଏକ ଅର୍ଥନୈତିକ ଘଟଣା। କିନ୍ତୁ ଯେକୌଣସି ସାର୍ବଭୌମ ରାଷ୍ଟ୍ରର ମୁଦ୍ରା ବିଶ୍ୱ ମଞ୍ଚରେ ଜାତୀୟ ଗୌରବ ଓ ସାମର୍ଥ୍ୟର ବିଷୟ। ଟଙ୍କା ମୂଲ୍ୟ ହ୍ରାସକୁ ରୋକିବା ପାଇଁ ଆର୍‌ବିଆଇ କେଉଁ ସମୟରେ ପର୍ଯ୍ୟାପ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ତାହା ଦେଖିବାକୁ ରୋଚକ ହେବ। ପୂର୍ବରୁ ଟଙ୍କା ମୂଲ୍ୟ ହ୍ରାସକୁ ରୋକିବା ପାଇଁ ଆମର ବୈଦେଶିକ ଭଣ୍ଡାର ୮୦ ବିଲିୟନ ଆମେରିକୀୟ ଡଲାରରୁ ଅଧିକ ହ୍ରାସ ପାଇଛି।

ଆମେରିକାରେ ଏକ ଆସନ୍ନ ମାନ୍ଦାବସ୍ଥାର ସମ୍ଭାବନା ଅଧିକ ଥିବାରୁ ଭାରତୀୟ ଆଇଟି କ୍ଷେତ୍ରକୁ ସବୁଠାରୁ ଅଧିକ ଝଟକା ଲାଗିଛି। ଆଇଟି ଇଣ୍ଡେକ୍ସରେ ୩୦%ରୁ ଅଧିକ ସୁଧାର ଆସିଛି। ସୁଧହାର ବୃଦ୍ଧି ଘୋଷଣା ହେବା ପରଠାରୁ ଭାରତୀୟ ଶେୟାର ବଜାର ପ୍ରାୟ ୭% ସୁଧହାରରେ ସୁଧାର କରିସାରିଛି। ଗତ କିଛିଦିନ ହେବ ଏଫ୍‌ଆଇଆଇ ଓ ଏଫ୍‌ପିଆଇ 'ସେଲ୍ ଅଫ୍' ମୋଡ୍‌ରେ ଅଛନ୍ତି। କିନ୍ତୁ ଏହାର ବିପରୀତରେ ଯେଉଁ ବିଷୟଟି ସାମ୍ନାକୁ ଆସୁଛି, ତାହା ହେଉଛି ଭାରତୀୟ ଶେୟାର ବଜାର ବିଦେଶୀ ବିଶ୍ୱ ବଜାର ଦୃଶ୍ୟପଟରୁ 'ଡିକ୍ୟୁପ୍ଲି' ହୋଇଛି। ସମସ୍ତ ସରକାର ପ୍ରକାଶିତ ତଥ୍ୟ ସକାରାତ୍ମକ ଭାବନା ଏବଂ ଅଭିବୃଦ୍ଧିର ପୂର୍ବାନୁମାନକୁ ଦର୍ଶାଉଛି। କିନ୍ତୁ ଏବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, 'ଡିକ୍ୟୁପ୍ଲିଂ' ଜାରି ରହିବ ନା ଭାରତୀୟ ଶେୟାର ବଜାର ବିଶ୍ୱ ବଜାର ସହ ତାଳମେଳ ରଖିବ।

ଭେଞ୍ଚର କ୍ୟାପିଟାଲିଷ୍ଟ ଏବଂ ୟୁନିକ ଷ୍ଟାର୍ଟଅପ୍ ମଧ୍ୟ ବିଶ୍ୱ ମାନ୍ଦାବସ୍ଥାର କୋପକୁ ସାମ୍ନା କରୁଛନ୍ତି। ଅଧିକ ସୁଧ ସହ ସେମାନଙ୍କର ଲାଭ ମଧ୍ୟ ବହୁ ମାତ୍ରାରେ ହ୍ରାସ ପାଇଛି। ତେଣୁ ଆମେ ଏକ ଆମୂଳଚୂଳ ପରିବର୍ତ୍ତନର ସାକ୍ଷୀ ହୋଇପାରିବା, ଯେଉଁଥିରେ ଏହି କମ୍ପାନୀଗୁଡ଼ିକ ଅଭିବୃଦ୍ଧି ଉପରେ ଧ୍ୟାନଦେବା ପରିବର୍ତ୍ତେ ଲାଭ ହାସଲ କରିବା ଦିଗରେ ଅଗ୍ରସର ହେବେ। ମାନ୍ଦାବସ୍ଥା ଆସନ୍ନ ଏବଂ ଅପରିହାର୍ଯ୍ୟ କି? ଏହା କେବଳ ସମୟ କହିବ।

sourajeetpradhani@gmail.com

## ଏଇ ଭାରତରେ

ପ୍ଲାଷ୍ଟିକ୍ ବ୍ୟାଗ୍ ବ୍ୟବହାର କମ୍ କରି ପରିବେଶ ପ୍ରଦୂଷଣ ରୋକିବାରେ ଦିଲ୍ଲୀର ଡ. ରୁବି ମଖିଜାଙ୍କ ପ୍ରୟାସ ପ୍ରଶଂସନୀୟ। ଜିନିଷ ନେବା ଲାଗି ସେ ଲୋକମାନଙ୍କୁ କପଡ଼ା ବ୍ୟାଗ୍ ମାଗଣାରେ ଦେଉଛନ୍ତି। ୨୦ ଟଙ୍କା ଜମାକରି ଲୋକେ ତାହା ନେଉଛନ୍ତି ଓ ବ୍ୟାଗ୍ ଦେବା ପରେ ଜମାରାଶି ଫେରିପାଉଛନ୍ତି। ୨୦୨୧ରେ 'ବିକଳ୍ପ' ଅଭିଯାନ ଆରମ୍ଭକରି ସେ ଏହି କାର୍ଯ୍ୟ କରୁଛନ୍ତି। କପଡ଼ା ବ୍ୟାଗ୍‌କୁ ଦିଲ୍ଲୀର ୩୦୦ରୁ ଊର୍ଦ୍ଧ୍ୱ ଦୋକାନରେ ଗ୍ରାହକଙ୍କୁ ଉପଲବ୍ଧ କରାଉଛନ୍ତି। ଏହାସହ ଦିଲ୍ଲୀରେ ଏଭଳି କପଡ଼ା ବ୍ୟାଗ୍‌ର ୩୫୦ ଷ୍ଟଲ୍ ଖୋଲିଛନ୍ତି ଡ.ରୁବି। ଦୋକାନରୁ ଗ୍ରାହକମାନେ ଜିନିଷ କିଣିବା ପରେ ଦୋକାନୀମାନେ ସେମାନଙ୍କୁ ଉକ୍ତ କପଡ଼ା ବ୍ୟାଗ୍ ନେବା ଲାଗି କହୁଛନ୍ତି। ଯେଉଁମାନେ ଚାହୁଁଛନ୍ତି ସେମାନଙ୍କୁ ବ୍ୟାଗ୍ ଦିଆଯାଉଛି। ଏହି କାର୍ଯ୍ୟରେ ଦିଲ୍ଲୀ ନଗର ନିଗମ ରୁବିଙ୍କୁ ସହଯୋଗ କରୁଛି। ବ୍ୟାଗ୍‌ରେ ୭-୮ କେଜି ଜିନିଷ ନେଇହେଉଛି। ବର୍ତ୍ତମାନ ସହରରେ ଲୋକମାନେ ୩୦-୪୦ ହଜାର ବ୍ୟାଗ୍ ଭଡ଼ାରେ ନେଇଛନ୍ତି। କପଡ଼ା ବ୍ୟାଗ୍ ତିଆରି କରିବା ଲାଗି ସେ ଟେଲର ଦୋକାନରୁ ବଳକା କପଡ଼ା ସଂଗ୍ରହ କରୁଛନ୍ତି। ଏହାବାଦ୍ ତାଙ୍କୁ କପଡ଼ା ବି ଦାନରେ ମିଳୁଛି। ଉକ୍ତ ବ୍ୟାଗ୍ ତିଆରି କରିବା ପାଇଁ ସେ ଅନେକ ମହିଳାଙ୍କୁ ନିଯୁକ୍ତ କରିଛନ୍ତି। ବର୍ଷ ସାରା ଗୋଟିଏ କପଡ଼ା ବ୍ୟାଗ୍ ବ୍ୟବହାର କଲେ ତାହା ଦ୍ୱାରା ୫୦୦ ପ୍ଲାଷ୍ଟିକ୍ ବ୍ୟାଗ୍ ଦୂର କରିପାରିବ ବୋଲି କହନ୍ତି ରୁବି। ଏଣୁ 'ବିକଳ୍ପ'କୁ ଦିଲ୍ଲୀ ବାହାରକୁ ସମ୍ପ୍ରସାରିତ କରି ଅନ୍ୟ ସହରଗୁଡ଼ିକରେ ପ୍ରଦୂଷଣ କମାଇବା ସକାଶେ ସେ ଯୋଜନା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୪ ଅକ୍ଟୋବର ୧୯୯୭

- ବିଦେଶୀ ବିନିମୟ ମୁଦ୍ରା ନିୟନ୍ତ୍ରଣ ଆଇନ (ଫେରା) ଉଲ୍ଲଂଘନ ଅଭିଯୋଗରେ ଅଭିଯୁକ୍ତ ବ୍ୟାଙ୍କ ଅଫ୍ ରାଜସ୍ଥାନର ପୂର୍ବତନ ଉପାଧ୍ୟକ୍ଷ କେଶବ ବାଙ୍ଗୁରଙ୍କ ଜାମିନ ଆବେଦନ ଦିଲ୍ଲୀ ହାଇକୋର୍ଟରେ ଖାରଜ।
- ରାଜସ୍ଥାନର ଯୋଧପୁର ଜିଲାରେ ଏକ ଜିପ୍ ଓ ଟ୍ରକ୍ ଧକ୍କା ହେବା ଫଳରେ ୧୪ ଜଣଙ୍କ ମୃତ୍ୟୁ।

## ଚିରନ୍ତନୀ

ଝିଙ୍କାରୀ ଗୁଞ୍ଜନ ବୀଣା
ବନପଥେ ରଟେ,
ତୃଷିତ କାତର ଶ୍ୱାନ
ଶୁଏ ଜଳତଟେ।

-(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku Puzzles by Srikant Ghosh — ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 5 | | 6 | | | 2 | |
| | 1 | 6 | 8 | | | 3 | | |
| | | | 9 | | | | | |
| | 3 | | | | | | 5 | |
| | | | | 9 | 1 | | | |
| | | 1 | 7 | | | 8 | 3 | |
| 8 | | | | | | | | 9 |
| 7 | | | | | 6 | | 1 | |
| | | | | | | 4 | 6 | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 9 | 2 | 6 | 4 | 8 | 1 | 3 |
| 3 | 4 | 2 | 8 | 7 | 1 | 9 | 5 | 6 |
| 8 | 1 | 6 | 5 | 9 | 3 | 4 | 2 | 7 |
| 1 | 3 | 5 | 7 | 4 | 2 | 6 | 8 | 9 |
| 6 | 8 | 7 | 9 | 3 | 5 | 1 | 4 | 2 |
| 9 | 2 | 4 | 1 | 8 | 6 | 3 | 7 | 5 |
| 4 | 9 | 1 | 6 | 2 | 7 | 5 | 3 | 8 |
| 5 | 7 | 8 | 3 | 1 | 9 | 2 | 6 | 4 |
| 2 | 6 | 3 | 4 | 5 | 8 | 7 | 9 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଏତେ ବିଚଳିତ କାହିଁକି

ମହାଶୟ,

ରୁଷିଆର ପ୍ରଚଣ୍ଡ ଆକ୍ରମଣରେ ୟୁକ୍ରେନ୍ ଆଜି ଧ୍ୱସ୍ତବିଧ୍ୱସ୍ତ। କିନ୍ତୁ ଆମେରିକାର ଚତୁର କୂଟ ପ୍ରରୋଚନାରେ ନାଟୋର ଅସ୍ତ୍ରଶସ୍ତ୍ର ସହାୟତାରେ ରୁଷିଆ ବିରୋଧରେ ୟୁକ୍ରେନ୍ ଯୁଦ୍ଧ ଚାଲୁ ରଖିଛି। ୟୁକ୍ରେନ ରାଷ୍ଟ୍ରପତି ଜେଲେନ୍‌ସ୍କି ଜାଣିବା ଉଚିତ ଯେ ଆମେରିକା ହିଁ ପ୍ରତ୍ୟକ୍ଷରେ ୟୁକ୍ରେନ୍‌ର ଧ୍ୱଂସ ପାଇଁ ଦାୟୀ। ପ୍ରକୃତରେ ୟୁକ୍ରେନ୍‌ରେ ସଙ୍ଗଠିତ ହେଉଛି ରୁଷିଆ ଓ ଆମେରିକା ମଧ୍ୟରେ ବିଭିନ୍ନ ଆଧୁନିକ ଗଣବିଧ୍ୱଂସକାରୀ ଅସ୍ତ୍ରଶସ୍ତ୍ରର ଗୁଣବତ୍ତାର ପରୀକ୍ଷା-ନିରୀକ୍ଷା । ଆମେରିକା ଯେତେବେଳେ ଜାପାନ ଉପରେ ପରମାଣୁ ଆକ୍ରମଣ କରିଥିଲା, ସେତେବେଳେ ଅନ୍ୟଦେଶ ପାଖରେ ପରମାଣୁ ଅସ୍ତ୍ର ନ ଥିଲା। କିନ୍ତୁ ବର୍ତ୍ତମାନ ଅଣୁଅସ୍ତ୍ରକୁ ନେଇ ବିଶ୍ୱର ସ୍ଥିତି ବଦଳି ଯାଇଛି। ଆମେରିକା ଓ ନାଟୋ ଉପରେ ରୁଷିଆର ସମ୍ଭାବ୍ୟ ପରମାଣୁ ଆକ୍ରମଣର ଧମକରେ ଆମେରିକା ବିଚଳିତ ହୋଇପଡ଼ିଛି। ଏହାର ଜବାବରେ ରୁଷିଆ ଉପରେ ଅଣୁଅସ୍ତ୍ର ଦ୍ୱାରା ପ୍ରତିଆକ୍ରମଣ କରାଯିବ ବୋଲି ଆମେରିକା ଚେତାବନୀ ଦେଇଛି। ଏଭଳି ସ୍ଥିତି ସାରା ବିଶ୍ୱ ପାଇଁ ଏକ ସମ୍ଭାବ୍ୟ ବିପଦ ସୃଷ୍ଟି କରିଛି।

**- ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମାତୃରୂପେଣ ସଂସ୍ଥିତା

ଆର୍ଯ୍ୟଭୂମି ଭାରତବର୍ଷରେ ଶାକ୍ତ ସଂସ୍କୃତିର ଏକ ବିରାଟ ଐତିହ୍ୟ ରହି ଆସିଛି। ଆର୍ଯ୍ୟ ଓ ଅର୍ଯ୍ୟେତର ବିଶ୍ୱାସ ଏବଂ ସଂସ୍କାରର ସମନ୍ୱୟରୁ ଶକ୍ତି ଉପାସନା ଆରମ୍ଭ ହୋଇଥିଲା। ପ୍ରଚଳିତ ଶାକ୍ତ ବ୍ରତଗୁଡ଼ିକରେ ଦୁର୍ଗା, ଲକ୍ଷ୍ମୀ, ମହାକାଳୀ, ମଙ୍ଗଳା, ସାବିତ୍ରୀ, ଉତ୍ତରାୟଣୀ, ପାର୍ବତୀ, ଆରାଧ୍ୟ ଦେବୀ ରୂପେ ପୂଜା ପାଆନ୍ତି। ମୁଖ୍ୟତଃ ଏକ ଈଶ୍ୱର ଉପରେ ବିଶ୍ୱାସ ରଖିଥିଲେ ହେଁ ବହୁ ଦେବଦେବୀ ପୂଜା ହିନ୍ଦୁ ସଂସ୍କୃତିର ଏକ ଉଲ୍ଲେଖଯୋଗ୍ୟ ବିଶିଷ୍ଟ। ଭାରତବର୍ଷରେ ଜୈନ, ବୌଦ୍ଧ, ବୈଷ୍ଣବ, ଶୈବ, ଶାକ୍ତ, ଗାଣପତ୍ୟ, ସୌର, ପଞ୍ଚସଖାଦି ବହୁ ଧର୍ମ ଓ ଦର୍ଶନ ସମ୍ପ୍ରଦାୟର ଉଦ୍ଭବ, ବିକାଶ ଓ ଅପୂର୍ବ ସମନ୍ୱୟ ସଂଘଟିତ ହୋଇ ଧର୍ମାନୁସୃତ ବିଭିନ୍ନ ଦେବତା ମାନଙ୍କର ପୂଜା, ଉପାସନା ପ୍ରଚଳିତ ହୋଇଅଛି।



ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ମା'ଦୁର୍ଗାଙ୍କୁ କେବେହେଲେ ମାଟିର ପ୍ରତିମା ହିସାବରେ ଦେଖୁନାହାନ୍ତି। ପ୍ରତିମାରେ ଯାହାଙ୍କ ପୂଜା ହେଉଛି ସେ ହେଉଛନ୍ତି ପ୍ରତି ଘରେ ଘରେ ଦେହଧାରୀ ମା'। ନିଜ ମା'ଙ୍କ ଉପରେ ଭକ୍ତି ଓ ଭଲ ପାଇବା ଯେତେ ଜୀବନ୍ତ, ଦୁର୍ଗାପୂଜାର ସାର୍ଥକତା ତାଙ୍କ ପାଖରେ ସେତେ ବେଶି। ସେ କହିଛନ୍ତି – ଭଗବତୀ ପୂଜା କରିବା ଅର୍ଥ ନିଜ ମା'ଙ୍କୁ ହିଁ ଉପାସନା କରିବା। ମା' କେବଳ ପୂଜା ବେଦିରେ ଦଶଭୁଜା ପ୍ରତିମା ନୁହନ୍ତି, ଘରେ ଘରେ ଜୀବନ୍ତ ଦ୍ୱିଭୁଜା ଜନନୀ। ଘରର ମା' ଓ ଜଗତର ମା'ଙ୍କର ଏକ ରୂପ। ଦଶଭୁଜା ଅର୍ଥ ହେଉଛି ଦୁଇ ହାତରେ ମା' ଦଶହାତର କାମ କରନ୍ତି। ମା'ଙ୍କର ଦଶହାତରେ ତ୍ରିଶୂଳ, ପାଶ, ପରଶୁ ଓ ଧନୁର୍ବାଣ ଇତ୍ୟାଦି ଦଶ ପ୍ରକାର ଅସ୍ତ୍ର ରହିଛି। ତେଣୁ ମା' ହେଉଛନ୍ତି ଦଶପ୍ରହର ଧାରିଣୀ। ଏହି ଅସ୍ତ୍ର ହେଉଛି ମାତୃ ଐଶ୍ୱର୍ଯ୍ୟର ବିଭିନ୍ନ ଶକ୍ତି ଯାହାଦ୍ୱାରା ମା' ଅସତ୍ ବା ଅସୁରଶକ୍ତିକୁ ପରାଭୂତ କରନ୍ତି ସ୍ୱୀୟ ସନ୍ତାନକୁ ରକ୍ଷା କରିବା ପାଇଁ। ମା'ଦୁର୍ଗତିନାଶିନୀ ହୋଇ ଦଶପ୍ରହରଣ ଧାରଣ କରି ସନ୍ତାନ ସଂରକ୍ଷଣରେ ନିୟୋଜିତା। ଚଣ୍ଡ, ମୁଣ୍ଡ, ଶୁମ୍ଭ, ନିଶୁମ୍ଭ ଓ ମହିଷାସୁର ପ୍ରଭୃତି ଅସୁରଦଳକୁ ଦମନ କରିଛନ୍ତି ମା'ଦୁର୍ଗା। ଏହି ଅସୁରମାନେ କିଏ ? ଭଗବତ୍ ଗୀତାର ଷୋଡଶ ଅଧ୍ୟାୟରେ ଭଗବାନ କୃଷ୍ଣ ଅସୁର ବ୍ୟକ୍ତିଙ୍କର ଚରିତ୍ର ବର୍ଣ୍ଣନା କରିବାକୁ ଯାଇ କହିଛନ୍ତି – ସେମାନଙ୍କ ପାଖରେ ଥାଏ ଦମ୍ଭ, ଦର୍ପ, ଅଭିମାନ, କ୍ରୋଧ, ନିଷ୍ଠୁରତା, ଅଜ୍ଞାନତା ଓ ଶୁଚିତା ଏବଂ ସତ୍ୟନିଷ୍ଠାର ଅଭାବ। ସେମାନେ ବର୍ତ୍ତମାନର ସୁଖଭୋଗ ନେଇ ବ୍ୟସ୍ତ ରହନ୍ତି। ଅର୍ଥ ସଞ୍ଚୟ କରି କାମନା, ବାସନାର ଅଗ୍ନିରେ ସଦା ଜର୍ଜରିତ ହୁଅନ୍ତି। ଏହି ପ୍ରକାର ଅସୁର ଭାବସମ୍ପନ୍ନ ମନୁଷ୍ୟ ସମାଜକୁ ମା'ନିୟନ୍ତ୍ରିତ କରନ୍ତି। ସେ ବିରୋଧୀ ଚଳନ ଗତିକୁ ନିରୁଦ୍ଧ କରନ୍ତି। ସେଥିପାଇଁ ମା'ଙ୍କୁ ଅସତ୍ୟଳନୀ ଓ ଅସୁର ନାଶିନୀ କୁହାଯାଏ। ମହିଷାସୁର ବଧ କରିଥିଲେ ବୋଲି ମା'ଙ୍କର ଅନ୍ୟ ଏକ ନାମ ମହିଷମର୍ଦ୍ଦିନୀ। ସେଥିପାଇଁ ମା' ହେଉଛନ୍ତି ଅଭୟା। ମା'ଦୁର୍ଗାଙ୍କ ଧ୍ୟାନମନ୍ତ୍ରରେ ମଧ୍ୟ ଅଛି ତାଙ୍କର ଅଷ୍ଟଶକ୍ତିର କଥା – ଉଗ୍ରଚଣ୍ଡା, ପ୍ରଚଣ୍ଡା, ଚଣ୍ଡୋଗ୍ରା, ଚଣ୍ଡନାୟିକା, ଚଣ୍ଡା, ଚଣ୍ଡବତୀ, ଚଣ୍ଡରୂପା ଓ ଅତି ଚଣ୍ଡିକା। ମା' ହେଉଛନ୍ତି ଶିବଙ୍କ ଘରଣୀ – ଶିବାନୀ ଅର୍ଥାତ୍ ମଙ୍ଗଳବିଧାୟିନୀ। ଦୁର୍ଗାପୂଜା କେବଳ ମାତ୍ର ପୁଷ୍ପବିଲ୍ୱପତ୍ରର ପୂଜା ନୁହେଁ, ଏହା ମାନବତାର ଏକ ବିରାଟ ମିଳନ ଉତ୍ସବ। ପୂଜା ସମୟରେ ପ୍ରତିମାରେ ଚକ୍ଷୁଦାନ ଓ ପ୍ରାଣପ୍ରତିଷ୍ଠା କରାହୁଏ। ପ୍ରକୃତ ଚକ୍ଷୁଦାନ ହେଉଛି – ମୋର ଚକ୍ଷୁ ତାଙ୍କର ଚକ୍ଷୁରେ ଦାନ କରିବା। ମୋର ଚକ୍ଷୁ ଯେପରି ତାଙ୍କର ଚକ୍ଷୁ ହୋଇଉଠେ। ଆଉ ପ୍ରାଣ ପ୍ରତିଷ୍ଠା ହେଉଛି ଦେବତାଙ୍କର ଦିବ୍ୟଗୁଣରାଜି ଅନୁଶୀଳନ ଭିତରେ ନିଜ ନିଜ ଚରିତ୍ରରେ ଫୁଟାଇ ଉଠାଇବା।

–ପ୍ରଫେସର ଡା.ଉମେଶ ଚନ୍ଦ୍ର ପାତ୍ର
ମୋ :୯୪୩୭୦୫୧୯୫୭

# କଟକ ପାର୍ବଣର ନିଆରା ପରମ୍ପରା

ଐତିହାସିକ ସହର କଟକ ଦଶହରାର ସ୍ୱତନ୍ତ୍ରତା ରହିଛି। ଏକଦା ଏଠାରେ ମୁଖ୍ୟ ଆକର୍ଷଣ ଥିଲା ଜରି ଓ ଚାନ୍ଦିମେଢ଼। ଏବେ ବିଭିନ୍ନ ପୂଜା କମିଟି ମଧ୍ୟରେ ସୁନାମେଢ଼ ପାଇଁ ପ୍ରତିଯୋଗିତା ଦେଖାଦେଇଛି। ସେହିପରି ମାଛଭୋଗ, ଦହିପଖାଳ, ସିନ୍ଦୂରଖେଳ, କୁମାରୀ ପୂଜା ଭଳି ପରମ୍ପରାକୁ ନେଇ କଟକର ପାର୍ବଣ ସ୍ୱତନ୍ତ୍ରତା ବଜାୟ ରଖିଛି।



## ଷୋଡ଼ଶ ବେଶରେ ସଜେଇ ହୁଅନ୍ତି ମା' କଟକ ଚଣ୍ଡୀ

କଟକର ଦୁଇ ପ୍ରମୁଖ ଦେବୀ ହେଉଛନ୍ତି ମା' ଗଡ଼ଚଣ୍ଡୀ ଏବଂ ମା' କଟକଚଣ୍ଡୀ। ଶାରଦୀୟ ପୂଜାରେ ମା' କଟକ ଚଣ୍ଡୀ ଷୋଡ଼ଶ ବେଶରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ଏହି ବେଶ ଭିତରେ ରହିଛି ସିଂହବାହିନୀ, ରାଜରାଜେଶ୍ୱରୀ, ଭୁବନେଶ୍ୱରୀ, ତ୍ରିପୁର ଗୌରବୀ, ମାତଙ୍ଗୀ, ଉଗ୍ରତାରା, ଜୟଦୁର୍ଗା, ସିଦ୍ଧେଶ୍ୱରୀ, ଗାୟତ୍ରୀ, ହଂସବାହିନୀ, ହରଚଣ୍ଡୀ, ବଗଳାମୁଖୀ, ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀ, ମହିଷମର୍ଦ୍ଦିନୀ ବେଶ। ଏଥିସହ ଚାଉଳିଆଗଞ୍ଜ, ଝାଞ୍ଜିରିମଙ୍ଗଳା, ମଙ୍ଗଳାବାଗ, ପିଠାପୁର, ଦୋଳମୁଣ୍ଡାଇ, ତେଲେଙ୍ଗା ବଜାର, ହରିପୁର ପ୍ରଭୃତି ସ୍ଥାନରେ ମା'ଙ୍କ ପୂର୍ବସ୍ଥାପନା ମୂର୍ତ୍ତିକୁ ଆରାଧନା କରାଯାଏ।

## ଚୈତନ୍ୟଦେବ ପାଦ ଦେବା ପରେ ଦୁର୍ଗାପୂଜା ଆରମ୍ଭ

ତ୍ରୟୋଦଶ ଶତାବ୍ଦୀରେ କଟକରେ ବାରବାଟୀ ଦୁର୍ଗ ନିର୍ମାଣ ସହ ଏଠାକାର ରକ୍ଷାକର୍ତ୍ତା ଭାବେ ମା' ଗଡ଼ଚଣ୍ଡୀଙ୍କୁ ସ୍ଥାପନ କରାଯାଇ ପୂଜା କରାଯାଇଆସୁଛି। କିନ୍ତୁ ଶାରଦୀୟ ପୂଜା ପରମ୍ପରା ଏହାର ଦୁଇ ଶତାବ୍ଦୀ ପରେ ଆରମ୍ଭ ହୋଇଛି। ଚୈତନ୍ୟଦେବ ଓଡ଼ିଶାରେ ପାଦ ଦେବାପରେ କଟକ ସହରରେ ଶାରଦୀୟ ପୂଜାର ଭିତ୍ତି ପଡ଼ିଥିବା କୁହାଯାଏ। ୧୫୧୦ରେ ଚୈତନ୍ୟଦେବଙ୍କ ସହିତ ଓଡ଼ିଶା ଆସିଥିବା ବାନାର୍ଜୀ ପରିବାର ପ୍ରଥମେ ଏଠାରେ ଦୁର୍ଗା ପୂଜା ଆରମ୍ଭ କରିଥିଲେ। ବିନୋଦବିହାରୀରେ ଆରମ୍ଭ ହୋଇଥିଲା ଦେବୀଙ୍କ ଘଟପୂଜା। ୧୫୧୪ରେ ଦେବୀଙ୍କ ମୃଣ୍ମୟ ପ୍ରତିମା ଗଢାଯାଇ ଦେବୀ ଉପାସନା କରାଗଲା। ପରେ ମାଛୁଆ ବଜାରରେ ଦେବୀଙ୍କ ମୂର୍ତ୍ତି ପୂଜାର ଶୁଭାରମ୍ଭ ହୋଇଥିଲା।

## ସିନ୍ଦୂରଖେଳ

ସହରର ବହୁ ପୂଜାମଣ୍ଡପରେ ସିନ୍ଦୂର ଖେଳ ପରମ୍ପରା ରହିଛି। ଦଶମୀ ଦିନ ମା'ଙ୍କ ବିସର୍ଜନ ପରେ ସଧବା ମହିଳାମାନେ ମଣ୍ଡପରେ ସିନ୍ଦୂର ଖେଳ ଖେଳନ୍ତି। କାଜିବଜାର, କାଜିବଜାର ଆଦିପୀଠ, ରାଉସାପାଟଣା, ବିନୋଦବିହାରୀ ବାଲୁବଜାର ଆଦି ଅନେକ ପୂଜାମଣ୍ଡପରେ ଶତାଧିକ ମହିଳା ସିନ୍ଦୂର ଖେଳରେ ଅଂଶଗ୍ରହଣ କରନ୍ତି।

## ମାଛଭୋଗ

କଟକ ଦଶହରାରେ ପୂଜାମଣ୍ଡପରେ ମା'ଙ୍କ ପାଖରେ ମାଛଭୋଗ ହେବା ନୀତି ବହୁ ପ୍ରାଚୀନ କାଳରୁ ରହିଆସିଛି। ଚାନ୍ଦିନୀଚୌକ, ଅଲିଶାବଜାର ଏବଂ ରାମଗଡ଼ କନିକାଛକ ପୂଜାମଣ୍ଡପରେ ମା'ଙ୍କ ମାଛଭୋଗ ଲାଗିହୋଇ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଏ। ଚାନ୍ଦିନୀ ଚୌକ ଓ ଅଲିଶାବଜାରରେ ନବମୀ ସନ୍ଧ୍ୟାରେ ଏବଂ ରାମଗଡ଼ ପୂଜାମଣ୍ଡପରେ ଅଷ୍ଟମୀ ରାତିରେ ମାଛଭୋଗ ହୁଏ।

## ଦହିପଖାଳ, ଶାଗଭଜା

ଦଶହରାରେ ଦହିପଖାଳ, ଶାଗଭଜା ଭୋଗ କରାଯିବାର ସ୍ୱତନ୍ତ୍ର ବିଧି ରହିଛି। କଟକର ପ୍ରାୟ ସବୁ ମଣ୍ଡପରେ ଦହିପଖାଳ ଭୋଗ ଲାଗି ହୋଇ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଏ। କେତେକ ମଣ୍ଡପରେ ନବମୀରେ ତ ଆଉ କେଉଁଠାରେ ଦଶମୀରେ ଦହି ପଖାଳ ଭୋଗ ଲାଗି ହୁଏ। ଚାଉଳିଆଗଞ୍ଜ, ଖାନ୍‌ନଗର, ଚୌଧୁରୀବଜାର ପୂଜାମଣ୍ଡପ ଆଦିରେ ଏହି ଭୋଗ ହୋଇଥାଏ।

– ସୁପ୍ରିୟା ପ୍ରିୟଦର୍ଶିନୀ

## ଭଡ଼ାଗାଡ଼ି ଆବଶ୍ୟକ

ଭୁବନେଶ୍ୱରସ୍ଥିତ ଧରିତ୍ରୀ ଛାପାଖାନାଠାରୁ ଖୋର୍ଦ୍ଧାକୁ ଧରିତ୍ରୀ ଖବରକାଗଜ ବିତରଣ କରିବା ନିମନ୍ତେ ଭଡ଼ା ସୂତ୍ରରେ ଗାଡ଼ି ଆବଶ୍ୟକ। ଇଚ୍ଛୁକ ଗାଡ଼ି ମାଲିକମାନେ ଗାଡ଼ିର ଆର୍.ସି. ବହିର ନକଲ ଓ ଗାଡ଼ିର ଫଟୋ ସହିତ ନିଜର କୋଟେସନ ପାଞ୍ଚଦିନ ମଧ୍ୟରେ ନିମ୍ନ ଇ-ମେଲ୍ ଠିକଣାରେ ପଠାନ୍ତୁ।

<advt@dharitri.com>





















# ପୀଠେ ମହାନବମୀ, ମଣ୍ଡପରେ ମା'ଙ୍କ ଅଷ୍ଟମୀ ପୂଜା


ପାରଳାଖେମୁଣ୍ଡି ବଡ଼ବ୍ରାହ୍ମଣ ସାହି


ଗଞ୍ଜାମ


ଦିଗପହଣ୍ଡି ବିଦ୍ୟୁତ୍ ସବ୍‌ଡିଭିଜନ କାର୍ଯ୍ୟାଳୟ


କୁକୁଡାଖଣ୍ଡି



ଆର୍. ଉଦୟଗିରି


ପାରଳାଖେମୁଣ୍ଡି ଗାନ୍ଧୀଛକ


ବ୍ରହ୍ମପୁର


ବ୍ରହ୍ମପୁର


ବୁଗୁଡା


ଦିଗପହଣ୍ଡି ଗଡ଼ଚୈତନ୍ୟପୁର ଶାସନ ସାହି


ଦିଗପହଣ୍ଡି ପୁରୁଣା ବସଷ୍ଟାଣ୍ଡ।


ଭଞ୍ଜନଗର ବିଡେକା


ଭଞ୍ଜନଗର ରେଡକ୍ରସ ରୋଡ୍


ଭଞ୍ଜନଗର ବସ୍‌ଷ୍ଟାଣ୍ଡ


ଭଞ୍ଜ ସାହିତ୍ୟ ପରିଷଦ

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com


@ ମୋନାଲିସା


@ ଭାସ୍କର


@ ମଧୁସ୍ମିତା


@ ସ୍ୱାଧୀନ

ପାର୍ବଣ ଋତୁ ଚାଲିଛି। ଏଣୁ ପୂଜା ଆସର ମଧ୍ୟରେ ଅଧିକରୁ ଅଧିକ ସେଲ୍‌ଫି ଉଠାଇ ପଠାନ୍ତୁ। ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଦିଅନ୍ତୁ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ମୂର୍ତ୍ତି ସମ୍ମୁଖରେ ସେଲ୍‌ଫି ଉଠାଇବା ଅନୁଚିତ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

### ସିଡିଏସ୍‌ଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନଙ୍କୁ ଦିଲ୍ଲୀ ପୋଲିସ ଜେଡ୍ ପ୍ଲସ୍ ସୁରକ୍ଷା ଯୋଗାଇ ଦେଇଛି। ଗତ ଶୁକ୍ରବାର ଚୌହାନ ନୂଆ ସିଡିଏସ୍ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୩ ବାହିନୀ ମଧ୍ୟରେ ସମନ୍ୱୟ ବଢ଼ାଇବା ସହ ଆଗାମୀ ଦିନର ସୁରକ୍ଷା ଚ୍ୟାଲେଞ୍ଜକୁ ସମ୍ମୁଖୀନ ହେବା ଲାଗି ସୈନ୍ୟବାହିନୀକୁ ପ୍ରସ୍ତୁତ କରିବା ଲକ୍ଷ୍ୟରେ ଥିଏଟରାଇଜେଶନ ଯୋଜନା କାର୍ଯ୍ୟକାରୀ କରିବା ସିଡିଏସ୍‌ଙ୍କ ମୁଖ୍ୟ କାର୍ଯ୍ୟ ହେବ।

## ସଂକ୍ଷେପରେ

### ଦୁର୍ଗା ପେଣ୍ଡାଲରେ ନିଆଁ: ୫ ଶ୍ରଦ୍ଧାଳୁ ଦଗ୍ଧ

**ଲକ୍ଷ୍ନୌ,୩।୧୦:** ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌଠାରୁ ୨୮୦ କିଲୋମିଟର ଦୂର ଭାଦୋହି ଜିଲାର ଏକ ଦୁର୍ଗାପୂଜା ପେଣ୍ଡାଲରେ ରବିବାର ରାତିରେ ନିଆଁ ଲାଗିଯାଇଥିଲା। ଏହି ଅଗ୍ନିକାଣ୍ଡରେ ୫ ଜଣ ଶ୍ରଦ୍ଧାଳୁ ଜଳିଯାଇଥିବାବେଳେ ୬୪ ଜଣ ଆହତ ହୋଇଛନ୍ତି। ଜିଲାର ଔରାଇ ସହରରେ ଗୁମ୍ଫାକୃତିର ଅସ୍ଥାୟୀ ପେଣ୍ଡାଲରେ ଆଳତି ଚାଲିଥିବାବେଳେ ନିଆଁ ଲାଗିଯାଇଥିଲା। ସେହି ସମୟରେ ପେଣ୍ଡାଲରେ ୧୫୦ ଜଣ ଶ୍ରଦ୍ଧାଳୁ ଥିଲେ। ବାହାରିବା ପାଇଁ ଗୋଟିଏ ସଂକୀର୍ଣ୍ଣ ବାଟ ଥିବାରୁ ସମସ୍ୟା ଦେଖାଦେଇଥିଲା ବୋଲି ଜିଲାପାଳ ଗୌରାଙ୍ଗ ରାଥି କହିଛନ୍ତି। ମୃତକଙ୍କ ମଧ୍ୟରେ ୧୨, ୧୦ ଏବଂ ୮ ବର୍ଷର ୩ ଜଣ ବାଳକ ଓ ୨ ମହିଳା ଅଛନ୍ତି। ପୋଡ଼ିଯାଇ ଆହତ ହୋଇଥିବା ୬୪ ଜଣଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୨୨ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ସେମାନଙ୍କୁ ବାରାଣସୀସ୍ଥିତ ବନାରସ୍ ହିନ୍ଦୁ ୟୁନିଭର୍ସିଟିର ଟ୍ରମା ସେଣ୍ଟରକୁ ସ୍ଥାନାନ୍ତର କରାଯାଇଛି।

### କର୍ଣ୍ଣାଟକ ପତାକାରେ ରାହୁଲଙ୍କ ଫଟୋକୁ ନେଇ ବିକ୍ଷୋଭ

**ମାଣ୍ଡ୍ୟା,୩।୧୦:** 'କର୍ଣ୍ଣାଟକ ପତାକା'ରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଫଟୋକୁ ନେଇ ଉତ୍ତେଜନା ଦେଖାଦେଇଛି। କନ୍ନଡ଼ ସପକ୍ଷବାଦୀ ଗୋଷ୍ଠୀ ଏହା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏଥିପାଇଁ କଂଗ୍ରେସ ତୁରନ୍ତ କ୍ଷମା ମାଗୁ ବୋଲି ସେମାନେ ଦାବି କରିଛନ୍ତି। କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ଅବସରରେ ଅଣଆନୁଷ୍ଠାନିକ କର୍ଣ୍ଣାଟକ ପତାକାରେ ରାହୁଲଙ୍କ ଛବି ଦେଖିବାକୁ ମିଳିଥିଲା। ଏଥିପାଇଁ କର୍ଣ୍ଣାଟକ ନବନିର୍ମାଣ ସମିତି କଂଗ୍ରେସ ଓ ଏହାର ନେତାଙ୍କୁ ସମାଲୋଚନା କରିଛି। ରବିବାର ମହୀଶୂରରେ ଭାରତ ଯୋଡ଼ୋ ପଦଯାତ୍ରାରେ ରାହୁଲଙ୍କ ଛବି ଥିବା କର୍ଣ୍ଣାଟକ ପତାକା ଉଡୁଥିଲା। ଏହାକୁ ଆମେ ନିନ୍ଦା କରୁଛୁ ବୋଲି ରାଜସ୍ୱ ମନ୍ତ୍ରୀ ଆର୍. ଅଶୋକ କହିଛନ୍ତି। ସିଦ୍ଦରମୈୟା ମୁଖ୍ୟମନ୍ତ୍ରୀ ଥିବାବେଳେ କର୍ଣ୍ଣାଟକ ପତାକା ବଦଳାଇ ବିବାଦ ଘେରକୁ ଆସିଥିଲେ। କନ୍ନଡ଼ମାନେ ଏହାର ପ୍ରତିବାଦ କରିବାରୁ ସେଥିରେ ପରିବର୍ତ୍ତନ କରାଯାଇଥିଲା।

### ମୁଲାୟମ୍‌ଙ୍କ ଅବସ୍ଥା ସଙ୍କଟାପନ୍ନ



**ଗୁରୁଗ୍ରାମ,୩।୧୦:** ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ମୁଲାୟମ୍ ସିଂ ଯାଦବଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରେ ଲାଗିଛି। ସୋମବାର ତାଙ୍କୁ ମେଦାନ୍ତ ହସ୍ପିଟାଲର କ୍ରିଟିକାଲ ୱାର୍ଡରେ ଭର୍ତ୍ତି କରାଯାଇଥିବା ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୁଲାୟମଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ମୁଲାୟମ୍‌ଙ୍କ ପୁଅ ତଥା ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କୁ ପଚାରି ବୁଝିଛନ୍ତି। ଏଥିସହ ଚିକିତ୍ସା ପାଇଁ ଆବଶ୍ୟକ ସମସ୍ତ ଜରୁରୀ ବ୍ୟବସ୍ଥା ଯୋଗାଇ ଦେବାପାଇଁ ମୋଦି କହିଛନ୍ତି।

### ୫୭ ଲକ୍ଷ ବନ୍ୟା ପ୍ରପୀଡ଼ିତ ପାକିସ୍ତାନୀ ଗମ୍ଭୀର ଖାଦ୍ୟ ସଙ୍କଟର ସମ୍ମୁଖୀନ ହେବେ

**ଇସ୍‌ଲାମାବାଦ,୩।୧୦:** ପାକିସ୍ତାନରେ ପ୍ରଳୟଙ୍କରୀ ବନ୍ୟାରେ ବିପନ୍ନ ହୋଇଥିବା ୫୭ ଲକ୍ଷ ଲୋକ ଆଗାମୀ ୩ ମାସ ମଧ୍ୟରେ ଗୁରୁତର ଖାଦ୍ୟ ସଙ୍କଟର ସମ୍ମୁଖୀନ ହେବାକୁ ଯାଉଛନ୍ତି। ଏନେଇ ଜାତିସଂଘର ମାନବୀୟ ବ୍ୟାପାର ସମନ୍ୱୟ କାର୍ଯ୍ୟାଳୟ (ଓସିଏଚ୍‌ଏ) ପକ୍ଷରୁ ସତର୍କ କରିଦିଆଯାଇଛି। ବନ୍ୟା ପୂର୍ବରୁ ପଡୋଶୀ ଦେଶରେ ୧୬ ପ୍ରତିଶତ ଲୋକ ମଧ୍ୟମ କିମ୍ବା ଗୁରୁତର ଖାଦ୍ୟାଭାବର ସମ୍ମୁଖୀନ ହେଉଥିଲେ ବୋଲି ପୂର୍ବରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) କହିଥିଲା। ପାକିସ୍ତାନ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ରିପୋର୍ଟ ଅନୁଯାୟୀ ଅସ୍ୱାଭାବିକ ମୌସୁମୀ ବର୍ଷାଜନିତ ବନ୍ୟାରେ ୧,୬୯୫ ଲୋକଙ୍କ ମୃତ୍ୟୁ ହେବା ସହ ୩୩ ନିୟୁତ ପ୍ରଭାବିତ ହୋଇଥିଲେ ଏବଂ ୨୦ ଲକ୍ଷରୁ ଅଧିକ ଘର ଭାଙ୍ଗିଥିଲା। ଏବେ ଲକ୍ଷାଧିକ ଲୋକ ଜରିପାଲ ତଳେ ରହୁଛନ୍ତି।



ୱେଷ୍ଟବ୍ୟାଙ୍କ୍‌ର ରମାଲ୍ଲା ସହର ଜାଲାଜୋନ୍‌ରେ ଥିବା ଶରଣାର୍ଥୀ କ୍ୟାମ୍ପ୍‌ରେ ଇସ୍ରାଏଲ ସେନାର ଗୁଳିରେ ସୋମବାର ୨ ପାଲେଷ୍ଟାଇନ ନାଗରିକଙ୍କ ମୃତ୍ୟୁ ଘଟିଛି। ଏହା ପ୍ରତିବାଦରେ ପାଲେଷ୍ଟାଇନ ବାସିନ୍ଦା ସେଠାରେ ଟାୟାର ଜାଳି ବିକ୍ଷୋଭ କରିଛନ୍ତି। ତେବେ ସମ୍ପୃକ୍ତ ୨ ଜଣ ଇସ୍ରାଏଲ ସୈନ୍ୟଙ୍କ ଉପରେ ଗାଡ଼ି ମଡ଼ାଇ ହତ୍ୟା କରିବାକୁ ଉଦ୍ୟମ କରୁଥିଲେ। ଜବାବୀ କାର୍ଯ୍ୟାନୁଷ୍ଠାନରେ ଉଭୟେ ନିହତ ହୋଇଥିବା ଇସ୍ରାଏଲ ପକ୍ଷରୁ କୁହାଯାଇଛି।

## ଭାରତୀୟ ବାୟୁସୀମାରେ ଇରାନ ବିମାନରେ ବୋମା ଆତଙ୍କ




**ନୂଆଦିଲ୍ଲୀ, ୩।୧୦:** ଇରାନରୁ ଚାଇନା ଯାଉଥିବା ଏକ ବିମାନରେ ସୋମବାର ବୋମା ଥିବା ଖବର ପ୍ରସାରିତ ହେବା ପରେ ଭାରତୀୟ ବାୟୁସେନା (ଆଇଏଏଫ୍) ହାଇଆଲର୍ଟରେ ରହିଥିଲା। ମହନ୍ ଏୟାର ଫ୍ଲାଇଟ୍ ଡବ୍ଲ୍ୟୁ୫୮୧ରେ ଇରାନ ନାଗରିକମାନେ ଥିବାବେଳେ ତାହା ଭାରତର ବାୟୁସୀମାରେ ଉଡୁଥିଲା। ବିମାନଟିକୁ ଜୟପୁର କିମ୍ବା ଚଣ୍ଡିଗଡ଼ରେ ଅବତରଣ କରାଇବା ପାଇଁ ଆଇଏଏଫ୍ ପକ୍ଷରୁ କୁହାଯାଇଥିଲେ ହେଁ ମାର୍ଗ ବଦଳାଇବାକୁ ପାଇଲଟ୍ ଅରାଜି ହୋଇଥିଲେ। ପରେ ଫ୍ଲାଇଟ୍‌କୁ ଚାଇନା ଅଭିମୁଖେ ନେବାକୁ ପାଇଲଟ୍ ନିଷ୍ପତ୍ତି ନେଇଥିଲେ। ଆଇଏଏଫ୍‌ର ଦୁଇଟି ସୁଖୋଇ ବିମାନ ଏହି ଫ୍ଲାଇଟକୁ ଭାରତୀୟ ବାୟୁସୀମା ପାର୍ ହେବା ପର୍ଯ୍ୟନ୍ତ ପିଛା କରିଥିଲା। ପ୍ରାୟ ୪୦ ମିନିଟ୍ ଧରି ତାହା ଭାରତୀୟ ବାୟୁସୀମାରେ ଉଡ଼ାଣ କରିଥିଲା। ରିପୋର୍ଟ ଅନୁସାରେ, ଲାହୋର ଏଟିସି ପ୍ରଥମେ ଦିଲ୍ଲୀ ଏଟିସିକୁ ଏ ନେଇ ସୂଚନା ଦେଇଥିଲା। ଦିଲ୍ଲୀ ଏୟାରବେସ୍‌ରେ ବିମାନର ଅବତରଣ ପାଇଁ ପାଇଲଟ୍ ପ୍ରଥମେ ଅନୁମତି ମାଗିଥିଲେ ହେଁ ତାହା ମିଳି ନ ଥିଲା। ବିମାନଟି ସୁରକ୍ଷିତ ଭାବେ ଚାଇନାର ଗୁଆଙ୍ଗେଝୋଉ ଏୟାରପୋର୍ଟରେ ଲ୍ୟାଣ୍ଡିଂ କରିଥିବା ଏହାର ଟ୍ରାକିଂ ୱେବ୍‌ସାଇଟ୍‌ରୁ ଜଣାପଡ଼ିଛି। ତେବେ ବୋମା ଆତଙ୍କ ଏବଂ ସେଥିରେ କେତେଜଣ ଯାତ୍ରୀ ଥିଲେ ସେ ନେଇ ବିଧିବଦ୍ଧ ଭାବେ କୌଣସି ସୂଚନା ଦିଆଯାଇନାହିଁ।

### ଟଡିଲା ସୁଖୋଇ ବିମାନ

## ମୁହଁ ଖୋଲିଲେ ଖାମେନେଇ

# ଇରାନ ଦଙ୍ଗା ପଛରେ ଆମେରିକା

**ତେହେରାନ୍, ୩।୧୦**

ହିଜାବ ନ ପିନ୍ଧିବାରୁ ଇରାନ ଧର୍ମୀୟ ବ୍ୟାପାର ପୋଲିସ ଅତ୍ୟାଚାରରେ ପ୍ରାଣ ହରାଇଥିବା ୨୨ ବର୍ଷୀୟା ମହସା ଅମିନିଙ୍କ ମୃତ୍ୟୁକୁ ନେଇ ଏହି ଦେଶ ଅଦ୍ୟାବଧି ସବୁଠୁ ବଡ଼ଧରଣର ଆନ୍ଦୋଳନ ଓ ସରକାର ବିରୋଧୀ ବିକ୍ଷୋଭ ଦେଖୁଛି। ୧୭ ଦିନ ହେଲା ଲୋକେ ଇରାନ ରାସ୍ତାରେ ଆନ୍ଦୋଳନ କରିବା ସହ ମହିଳାମାନେ ସାହସିକତାର ସହ ସେମାନଙ୍କ ଅଧିକାର ପାଇଁ ମୁହଁ ଖୋଲିଛନ୍ତି। ସେମାନେ ସର୍ବସମ୍ମୁଖରେ ହିଜାବ ଖୋଲି ଫିଙ୍ଗିବା, ସେଥିରେ ନିଆଁ ଲଗାଉଥିବାର ଭିଡିଓ ସାରା ବିଶ୍ୱ ଦେଖୁଥିବାବେଳେ ଇରାନ୍‌ରେ ମହିଳାଙ୍କ ସ୍ୱାଧୀନତାକୁ ନେଇ ସେଠାକାର ସରକାର ସମାଲୋଚନାର ଶିକାର ହେଉଛନ୍ତି। ପ୍ରାୟ ୩ ସପ୍ତାହ ପରେ ଏହି ପ୍ରସଙ୍ଗରେ ନୀରବତା ଭାଙ୍ଗିଛନ୍ତି ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନେଇ। ଦେଶରେ ଆନ୍ଦୋଳନ ଉଗ୍ରହେବା ପଛରେ ଆମେରିକା ଓ ଇସ୍ରାଏଲର ହାତ ରହିଛି ବୋଲି କହିଛନ୍ତି। ଇରାନରେ 'ଦଙ୍ଗା' କରାଇ ଦେଶକୁ ଅଶାନ୍ତ କରିବା ପାଇଁ ଏହି ଦୁଇଦେଶ ଉଦ୍ଦେଶ୍ୟମୂଳକ ଭାବେ ଯୋଜନା ପ୍ରସ୍ତୁତ କରୁଥିବା ଖାମେନେଇ ସିଧାସଳଖ କହିଛନ୍ତି।

ଖାମେନେଇ ସୋମବାର ଟୁଇଟ୍ କରି କହିଛନ୍ତି, ଇରାନରେ ଚାଲିଥିବା ଦଙ୍ଗା ଏବଂ ଅଶାନ୍ତ ବାତାବରଣ ସୃଷ୍ଟି ପଛରେ ଆମେରିକା ଓ ଇସ୍ରାଏଲର ହାତ ରହିଛି। ଏଥିପାଇଁ ସେମାନେ ବିଦେଶରେ ରହୁଥିବା କେତେଜଣ ଦେଶଦ୍ରୋହୀ ଇରାନୀୟ ନାଗରିକ ଏବଂ ଏଜେଣ୍ଟଙ୍କ ସହାୟତା ନେଉଛନ୍ତି। ମହସାଙ୍କ ମୃତ୍ୟୁ ଏକ ଦୁଃଖଦ ଘଟଣା। ଏଥିପାଇଁ ସେ ବେଶ୍ ଦୁଃଖିତ। ହେଲେ କିଛି ଲୋକ ବିନା କୌଣସି ପ୍ରମାଣରେ ରାସ୍ତାଘାଟକୁ ଆନ୍ଦୋଳନସ୍ଥଳୀରେ ପରିଣତ କରିଛନ୍ତି। କୋରାନ୍, ମସ୍‌ଜିଦ୍, ବ୍ୟାଙ୍କ, ଲୋକଙ୍କ କାର୍ ଆଦିରେ ନିଆଁ ଲଗାଯାଉଛି। ମହିଳାମାନଙ୍କ ମୁହଁରୁ ହିଜାବ ହଟାଯାଉଛି। ଏହା ସାମାନ୍ୟ କାର୍ଯ୍ୟ ନୁହେଁ। ଯୋଜନାବଦ୍ଧ ଭାବେ ଏପରି କରାଯାଉଛି। ବିଭିନ୍ନ ଦେଶରେ ଦଙ୍ଗା ହେଉଛି। ହେଲେ ଆମେରିକା କ'ଣ ତାହାକୁ କେବେ ସମର୍ଥନ ଦେଇଛି? ଦଙ୍ଗାକାରୀଙ୍କ ସହ ଆମେ ଅଛୁ ବୋଲି ଆମେରିକା ପୂର୍ବରୁ କେବେ ଘୋଷଣା କରିଛି କି? କିନ୍ତୁ ଇରାନ୍‌ରେ ୱାଶିଂଟନ୍‌ର ଅଲଗା ଚରିତ୍ର ଦେଖିବାକୁ ମିଳିଛି। ଆମେରିକା ମିଡିଆ ମଧ୍ୟ ସେମାନଙ୍କୁ ସମର୍ଥନ ଦେଉଛି ବୋଲି ଖାମେନେଇ କହିଛନ୍ତି। ପ୍ରକାଶ ଥାଉ କି, ଇରାନରେ ହିଜାବ ବିରୋଧୀ ବିକ୍ଷୋଭରେ ପୋଲିସ କାର୍ଯ୍ୟାନୁଷ୍ଠାନରେ ଅନ୍ୟୂନ ୫୨ ଜଣଙ୍କ ମୃତ୍ୟୁ ଘଟିଲାଣି। ୧୫ଶହରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କୁ ଗିରଫ କରାଯାଇଛି।



ଆୟାତୋଲ୍ଲା ଅଲି ଖାମେନେଇ

## ଇରାନରୁ ମୁକୁଳିଲେ ଜାତିସଂଘ ପୂର୍ବତନ ଅଧିକାରୀ

ଆମେରିକା ସରକାରଙ୍କ ସହ ଲିଙ୍କ୍ ରଖି ଇରାନ୍ ବିରୋଧରେ ଗୁପ୍ତଚରଗିରି ଅଭିଯୋଗରେ ଇରାନରେ ୬ ବର୍ଷ ଧରି ବନ୍ଦୀ ଥିବା ଜାତିସଂଘର ପୂର୍ବତନ ଅଧିକାରୀ ବାକର ନମାଜି(୮୫)ଙ୍କୁ ମୁକ୍ତ କରାଯାଇଛି। ନମାଜି ୟୁନିସେଫ୍‌ରେ ସୋମାଲିଆ, କେନିଆ ଏବଂ ଇଜିପ୍ଟ ପାଇଁ ପ୍ରତିନିଧିତ୍ୱ କରୁଥିଲେ। ମାନବିକତା ଆଧାରରେ ନମାଜିଙ୍କୁ ମୁକ୍ତ କରାଯାଇଥିବା ଇରାନ୍‌ର ନ୍ୟୁଜ୍ ଏଜେନ୍ସି ଆଇଆର୍‌ଏନ୍‌ଏ ପକ୍ଷରୁ କୁହାଯାଇଛି। ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ନମାଜି ତେହେରାନ୍‌ରେ ଥିବା ତାଙ୍କ ଘରେ ୪ ବର୍ଷ ହେଲା ରହିଛନ୍ତି ଏବଂ ଯେ କୌଣସି ସମୟରେ ସେ ଇରାନ ଛାଡ଼ି ଯାଇପାରିବେ ବୋଲି ତାଙ୍କୁ ଅନୁମତି ଦିଆଯାଇଥିବା ଏଥିରେ କୁହାଯାଇଛି। ସେହିପରି ୭ ବର୍ଷ ଧରି ଇରାନ୍‌ରେ ଗୃହବନ୍ଦୀ ଥିବା ନମାଜିଙ୍କ ପୁଅ ସିଆମକ୍ ନମାଜିଙ୍କୁ ମଧ୍ୟ ମୁକ୍ତ କରାଯାଇଛି। ଏ ନେଇ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଇରାନ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି।



ବାକର ନମାଜି



ସିଆମକ୍ ନମାଜି

## ଶିବକୁମାରଙ୍କୁ ଇଡି ସମନ



**ବେଙ୍ଗାଲୁରୁ,୩।୧୦**

ନ୍ୟାଶନାଲ ହେରାଲ୍ଡ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ସୋମବାର କର୍ଣ୍ଣାଟକ କଂଗ୍ରେସ ସଭାପତି ଡି.କେ. ଶିବକୁମାରଙ୍କ ନାଁରେ ସମନ ଜାରି କରିଛି। ଅକ୍ଟୋବର ୭ରେ ତାଙ୍କୁ ଏଜେନ୍ସି କାର୍ଯ୍ୟାଳୟରେ ହାଜର ହେବା ପାଇଁ କୁହାଯାଇଛି। ନ୍ୟାଶନାଲ ହେରାଲ୍ଡ ମାମଲା ସମ୍ପର୍କରେ ସେ କିଛି ଜାଣି ନ ଥିବା କହିଛନ୍ତି। ପୂର୍ବରୁ ମନିଲଣ୍ଡରିଂ ମାମଲାରେ ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ଶିବକୁମାରଙ୍କୁ ସେପ୍ଟେମ୍ବର ୧୯ରେ ଇଡି ପକ୍ଷରୁ ଜେରା କରାଯାଇଥିଲା। କଂଗ୍ରେସ ପକ୍ଷରୁ 'ଭାରତ ଯୋଡୋ' ଯାତ୍ରା ଗତ ୩୦ ତାରିଖରେ କର୍ଣ୍ଣାଟକରେ ପ୍ରବେଶ କରିଛି। ରାଜ୍ୟରେ ରାହୁଲ ୨୧ ଦିନ ରହିବାର କାର୍ଯ୍ୟକ୍ରମ ରହିଛି। ଏହି ଯାତ୍ରାରେ ଶିବକୁମାରଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା କୁହାଯାଉଛି।

### ଭୋଟର ସଚେତନତା ରେଡିଓ ସିରିଜ୍ ଲଞ୍ଚ୍ କଲେ ସିଇସି

**ନୂଆଦିଲ୍ଲୀ,୩।୧୦(ପି.ଟି.)**

ଅଲ୍ ଇଣ୍ଡିଆ ରେଡିଓ ସହଯୋଗରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ଏବଂ ନିର୍ବାଚନ କମିଶନର ଅନୁପ ଚନ୍ଦ୍ର ପାଣ୍ଡେ ସୋମବାର ଭୋଟର ସଚେତନତା ରେଡିଓ ସିରିଜ୍ ଶୁଭାରମ୍ଭ କରିଛନ୍ତି। ଏହି ସଚେତନତା କାର୍ଯ୍ୟକ୍ରମରେ ଅଭିନେତା ପଙ୍କଜ ତ୍ରିପାଠୀ ସାମିଲ ହୋଇଥିବାରୁ ସେ ନିର୍ବାଚନ କମିଶନଙ୍କ ଜାତୀୟ ଆଇକନ୍ ବୋଲି ସିଇସି କହିଛନ୍ତି। ଏହି ସଚେତନତା କାର୍ଯ୍ୟକ୍ରମରେ ୧୫ ମିନିଟ ବିଶିଷ୍ଟ ୫୨ଟି ଅଧ୍ୟାୟ ପ୍ରତି ଶୁକ୍ରବାର ବିବିଧ ଭାରତୀ ଷ୍ଟେଶନ ଏବଂ ଅଲ୍ ଇଣ୍ଡିଆ ରେଡିଓର ବିଭିନ୍ନ ରେଡିଓ ଷ୍ଟେଶନରେ ପ୍ରସାରିତ ହେବ। ପ୍ରଥମ ଏପିସୋଡ୍ 'ମତଦାତା ଜଙ୍କ୍‌ଶନ' ଆସନ୍ତା ୭ ତାରିଖରେ ପ୍ରସାରଣ ହେବ ବୋଲି ସିଇସି କହିଛନ୍ତି।

## ୭ ବିଧାନସଭା ଆସନରେ ନଭେମ୍ବର ୩ରେ ଉପନିର୍ବାଚନ

**ନୂଆଦିଲ୍ଲୀ,୩।୧୦**

୬ ରାଜ୍ୟ ବିଧାନସଭାରେ ଖାଲିପଡ଼ିଥିବା ୭ ବିଧାନସଭା ଆସନ ଲାଗି ନିର୍ବାଚନ କମିଶନ ସୋମବାର ଉପନିର୍ବାଚନ ଘୋଷଣା କରିଛନ୍ତି। ଏହି ଆସନଗୁଡ଼ିକରେ ନଭେମ୍ବର ୩ରେ ମତଦାନ ହୋଇ ୬ ତାରିଖରେ ଭୋଟ ଗଣତି କରାଯିବ। ଓଡ଼ିଶାର ଧାମନଗର ସମେତ ମହାରାଷ୍ଟ୍ରର ଅନ୍ଧେରୀ ଇଷ୍ଟ, ବିହାରର ମୋକାମା ଏବଂ ଗୋପାଳଗଞ୍ଜ, ହରିୟାଣାର ଆଦମପୁର, ତେଲଙ୍ଗାନାର ମୁନୋଗୋଡେ ଏବଂ ଉତ୍ତରପ୍ରଦେଶର ଗୋଲା ଗୋକ୍ରନାଥ ଆସନରେ ଉପନିର୍ବାଚନ ହେବ। ଏଥିପାଇଁ ଆସନ୍ତା ଶୁକ୍ରବାର ବିଜ୍ଞପ୍ତି ଜାରି ହେବାକୁ ଥିବାବେଳେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଅକ୍ଟୋବର ୧୪ ରହିଛି। ୧୫ରେ ନାମାଙ୍କନପତ୍ର ଯାଞ୍ଚ ଏବଂ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ଅକ୍ଟୋବର ୧୭ ରହିଛି। ମୋକାମାର ଆର୍‌ଜେଡି ବିଧାୟକ ଅନନ୍ତ କୁମାର ସିଂ ଏକ ମାମଲାରେ ଦୋଷୀସାବ୍ୟସ୍ତ ହେବାରୁ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଗୋପାଳଗଞ୍ଜ, ଅନ୍ଧେରୀ ଇଷ୍ଟ, ଗୋଲା ଗୋକ୍ରନାଥ ଏବଂ ଧାମନଗର ବିଧାୟକଙ୍କ ପରଲୋକ ଯୋଗୁ ଏହିସବୁ ଆସନ ଖାଲିପଡ଼ିଥିଲା। ହରିୟାଣା ବିଧାୟକ କୁଲଦୀପ ବିଷ୍ଣୋଇ ଏବଂ ତେଲଙ୍ଗାନା ବିଧାୟକ କେ. ରାଜଗୋପାଳ ରେଡ୍ଡୀ ଇସ୍ତଫା ଦେବାରୁ ସେମାନଙ୍କ ଆସନ ଖାଲି ରହିଥିଲା।

## ନାଚିବା ବେଳେ ଯୁବକଙ୍କ ମୃତ୍ୟୁ

### ହସ୍ପିଟାଲ ନେଇଥିବା ବାପା ଆଖି ବୁଜିଲେ

**ପାଲ୍‌ଘର,୩।୧୦:** ମହାରାଷ୍ଟ୍ରର ପାଲ୍‌ଘର ଜିଲା ଭିରାର ସହରରେ ଗର୍ବା ଉତ୍ସବରେ ନାଚୁଥିବାବେଳେ ଜଣେ ୩୫ ବର୍ଷୀୟ ଯୁବକ ମଞ୍ଚ ଉପରେ ଟଳିପଡ଼ିଥିଲେ। ହସ୍ପିଟାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କୁ ହସ୍ପିଟାଲ ନେଇଥିବା ୬୬ ବର୍ଷୀୟ ନାରାପ୍‌ଜି ସୋନିଗ୍ରା ପୁଅର ମୃତ୍ୟୁ ଖବର ଶୁଣିବା ପରେ ମର୍ମାହତ ହୋଇ ଆଖି ବୁଜିଦେଇଥିଲେ। ପୋଲିସ କହିବା ଅନୁଯାୟୀ, ଶନିବାର ରାତିରେ ଭିରାରର ଗ୍ଲୋବାଲ ସିଟି କମ୍ପ୍ଲେକ୍ସରେ ଗର୍ବା ଉତ୍ସବର ଆୟୋଜନ କରାଯାଇଥିଲା। ସେଠାରେ ମନସିଷ ନାରାପ୍‌ଜି ସୋନିଗ୍ରା ନାଚୁଥିବାବେଳେ ସଂଜ୍ଞାହୀନ ହୋଇ ପଡ଼ିଯାଇଥିଲେ।

## ଚାଇନା ଆପ୍ କମ୍ପାନୀ ଉପରେ ଚଢ଼ାଉ: ୫.୮୫ କୋଟି ଜବତ

**ବେଙ୍ଗାଲୁରୁ,୩।୧୦**

ବେଙ୍ଗାଲୁରୁର ୧୨ଟି ଚାଇନା ଆପ୍ କମ୍ପାନୀ ଉପରେ ସୋମବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଚଢ଼ାଉ କରାଯାଇଥିଲା। କମ୍ପାନୀଗୁଡ଼ିକରୁ ପାଖାପାଖି ୫.୮୫ କୋଟି ଟଙ୍କା ଜବତ କରାଯାଇଥିବା ଇଡି କହିଛି। ଏହି କମ୍ପାନୀଗୁଡ଼ିକ ଯୁବପିଢ଼ିଙ୍କୁ ପାର୍ଟଟାଇମ୍ ଜବ୍ ଦେବା କଥା କହି ଠକୁଥିବା କୁହାଯାଉଛି। 'କିପ୍ ଶେୟାର୍' ନାମରେ ଥିବା ଚାଇନିଜ୍ କମ୍ପାନୀ ଯୁବତୀଯୁବକଙ୍କଠାରୁ ଚାକିରି ନାଁରେ ଟଙ୍କା ଠକି ନେଉଥିଲା ଏବଂ ସେହି ଟଙ୍କାରେ କମ୍ପାନୀ କ୍ରିପ୍ଟୋ କରେନ୍ସି କିଣୁଥିବା ତଦନ୍ତରୁ ଜଣାପଡ଼ିଛି। ପ୍ରଥମେ ମନିଲଣ୍ଡରିଂ ନେଇ ସାଉଥ୍ ସିଇଏନ୍ ପୋଲିସ ଷ୍ଟେଶନ୍‌ରେ ଅଭିଯୋଗ ହେବା ପରେ ଇଡି ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। ଚାଇନା ନାଗରିକ ଭାରତରେ ଏକାଧିକ ଠକ ସଂସ୍ଥାମାନ ଖୋଲିଛନ୍ତି। ଅନେକ ଭାରତୀୟ ମଧ୍ୟ ଏହି କମ୍ପାନୀରେ କାମ କରି ଏହି କାର୍ଯ୍ୟରେ ଲିପ୍ତ ଥିବା ଜଣାପଡ଼ିଛି। କମ୍ପାନୀରେ ନିର୍ଦ୍ଦେଶକ, ଟ୍ରାନ୍ସଲେଟର, ଏଚ୍‌ଆର୍ ମ୍ୟାନେଜର ଆଦି ପଦ ଖାଲିପଡ଼ିଥିବା ବିଜ୍ଞାପନ ବାହାର କରନ୍ତି। ଆଗ୍ରହୀ ଯୁବପିଢ଼ି ନିଜ ଡକ୍ୟୁମେଣ୍ଟ ସବୁ ଜମା କରିବା ପରେ ଏହା ଆଧାରରେ ସେମାନଙ୍କର ଗୋଟିଏ ବ୍ୟାଙ୍କ ଆକାଉଣ୍ଟ ଖୋଲି ତା' ଜରିଆରେ ଏହି କମ୍ପାନୀ ଟଙ୍କା ଆଦାୟ କରୁଥିଲା। କିପ୍ ଶେୟାର ଆପ୍ ଜରିଆରେ ହ୍ୱାଟ୍ସଆପ୍, ଟେଲିଗ୍ରାମରେ ଚାକିରିର ବିଜ୍ଞାପନ ପଠାଉଥିଲା। କମ୍ପାନୀ ଜାଣିଶୁଣି ଉକ୍ତ ଆପ୍‌କୁ ଇନ୍‌ଭେଷ୍ଟମେଣ୍ଟ ଆପ୍ ସହ ଲିଙ୍କ୍ କରିଥିବା ଇଡି ପକ୍ଷରୁ କୁହାଯାଇଛି।

## ପ୍ରାୟଶ୍ଚିତ୍ତ ଦିବସ ୟୋମ୍ କିପ୍ପୁର

**ଜେରୁଜେଲମ, ୩।୧୦**

ୟୋମ୍ କପ୍ପୁର ହେଉଛି ଇହୁଦୀମାନଙ୍କ ପ୍ରାୟଶ୍ଚିତ୍ତର ଦିନ। ହେବ୍ରୁ କ୍ୟାଲେଣ୍ଡର ଅନୁସାରେ, ଚଳିତ ବର୍ଷ ଏହା ଅକ୍ଟୋବର ୪ ସନ୍ଧ୍ୟାରେ ଆରମ୍ଭ ହୋଇ ୫ ସନ୍ଧ୍ୟାରେ ଶେଷ ହେବ। ଏହି ୨୫ ଘଣ୍ଟା ମଧ୍ୟରେ ଇହୁଦୀ ଧର୍ମାବଲମ୍ବୀ ଉପବାସ କରି ପ୍ରାର୍ଥନା କରନ୍ତି। ଏହି ପବିତ୍ର ଦିନକୁ ଅନେକ ନୀତିନିୟମ ଓ କଟକଣା ସହ ପାଳନ କରାଯାଇଥାଏ।

ଇହୁଦୀଙ୍କ ଛୁଟି ଦିନ ୟୋମ୍ କିପ୍ପୁରର ଏକ ସମୃଦ୍ଧ ଇତିହାସ ରହିଛି। ଅନେକ ହଜାର ବର୍ଷ ଧରି ପ୍ରଚଳିତ ଧର୍ମୀୟ ପ୍ରତୀକ, ଉତ୍ତରଦାୟିତ୍ୱ, ପ୍ରଥା, ପରମ୍ପରା ଆଦିକୁ ଏହି ଧର୍ମର ଲୋକେ ଅନୁସରଣ କରିଆସିଛନ୍ତି। ଏଥିଲାଗି ୟୋମ୍ କିପ୍ପୁର ଅନ୍ୟ ଛୁଟିଦିନଗୁଡ଼ିକଠାରୁ ଭିନ୍ନ ଓ ଅନନ୍ୟ।



ଖ୍ରୀଷ୍ଟିଆନ୍‌ମାନଙ୍କ ପବିତ୍ର ଧର୍ମଗ୍ରନ୍ଥ ବାଇବେଲ୍‌ରେ ୟୋମ୍ କିପ୍ପୁରର ଉପବାସ କଥା ବର୍ଣ୍ଣିତ। ଓଲ୍ଡ ଟେଷ୍ଟାମେନ୍‌ର ବୁକ୍ ଅଫ୍ ଲେଭିଟିକସ୍‌ରେ ଏହାକୁ ଏକ ଶୁଦ୍ଧୀକରଣ ଦିବସ ଆଖ୍ୟା ଦିଆଯାଇଛି, ଯହିଁରେ ଏହି ଦିନ ଇହୁଦୀମାନେ ସେମାନଙ୍କ ପାପ ପାଇଁ କ୍ଷମା ପ୍ରାର୍ଥନା କରନ୍ତି। ନିଜ ଅନ୍ତଃକରଣକୁ ଶୁଦ୍ଧ କରି ଭଗବାନଙ୍କ ନିକଟରେ ଶରଣାପନ୍ନ ହୁଅନ୍ତି ବୋଲି ଉଲ୍ଲେଖ କରାଯାଇଛି। ଉପବାସ ଓ ଅନ୍ୟ ନିୟମଗୁଡ଼ିକରୁ ଅସୁସ୍ଥ, ରୁଗ୍‌ଣ ବ୍ୟକ୍ତିଙ୍କୁ ବାଦ୍ ରଖାଯାଇଥାଏ। ଗର୍ଭବତୀ ମହିଳାଙ୍କ କ୍ଷେତ୍ରରେ କୌଣସି ସ୍ପଷ୍ଟ ବିଧାନ ନାହିଁ। କେତେଜଣଙ୍କ ମତରେ ଏହିଦିନ ଗର୍ଭବତୀ ମହିଳା ଉପବାସ କରିବା କଥା। ତେବେ ସେମାନେ ସ୍ୱଳ୍ପ ଆହାର ଗ୍ରହଣ କରିପାରିବେ ବୋଲି ଆଉ କେତେକେ ପରାମର୍ଶ ଦିଅନ୍ତି। ତେବେ ଏହାର ସାଂସ୍କୃତିକ ମହତ୍ତ୍ୱ ବାଇବେଲ୍ ଉପାଖ୍ୟାନରୁ ଊର୍ଦ୍ଧ୍ୱଗାମୀ ହୋଇ ଆହୁରି ଅନେକ କଥା କହିଥାଏ। ଇସ୍ରାଏଲ ସଂସ୍କୃତିରେ ଯୀଶୁଖ୍ରୀଷ୍ଟଙ୍କ ଆବିର୍ଭାବର ବହୁ ପୂର୍ବରୁ ୟୋମ୍ କିପ୍ପୁର ପାଳିତ ହେଉଥିବା ଜଣାଯାଏ। ଏହିଦିନ ଧର୍ମନିରପେକ୍ଷ ଇସ୍ରାଏଲୀମାନେ ସାରା ଦେଶରେ ବାଇକ୍ ଚଳାଇବାକୁ ଭଲପାଆନ୍ତି। ଦୋକାନ ବଜାର, ସ୍କୁଲ କଲେଜ ସବୁକିଛି ବନ୍ଦ ରହିଥାଏ। ପରସ୍ପରକୁ ଅଭିନନ୍ଦନ ଜଣାଇ ଖୁସି ମନାଇବା ଏହି ଦିନର ଆଉ ଏକ ବୈଶିଷ୍ଟ୍ୟ।

**୬ ମାସ ବଢ଼ିଲା ଖାଇବା ତେଲ ଟିକସ ରିହାତି**

ନୂଆଦିଲ୍ଲୀ : ଗତ କିଛି ଦିନ ହେବ ବିଶ୍ୱ ବଜାରରେ ଖାଇବା ତେଲର ମୂଲ୍ୟ ଶସ୍ତା ହେବା ପରେ ଭାରତରେ ତା'ର ପ୍ରଭାବ ମଧ ଦେଖିବାକୁ ମିଳିଛି। ଫଳରେ ଦେଶ ଭିତରେ ଖାଇବା ତେଲର ଦାମ୍ ହ୍ରାସ ପାଇଛି। ଏପରିକି ଖାଇବା ତେଲର ମୂଲ୍ୟକୁ ନିୟନ୍ତ୍ରଣରେ ରଖିବା ଲାଗି ତା'ର ଅବଧିକୁ ଆଉ ୬ମାସ ବଢ଼ାଇବା ଲାଗି ନିଷ୍ପତ୍ତି ହୋଇଛି ବୋଲି ଖାଦ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିଭଳି ସରକାର ମଧ ଏହାର ଆମଦାନୀ ଟିକସ ଉପରେ ପ୍ରଦାନ କରାଯାଉଥିବା ରିହାତିର ଅବଧିକୁ ୨୦୨୩ ମାର୍ଚ୍ଚ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ବିଶେଷ କରି ଏହି ସୁବିଧା ଚଳିତ ବର୍ଷ ୩୧ଅଗଷ୍ଟ ପରଠାରୁ ମିଳୁଛି।



# ଶସ୍ତା ହୋଇପାରେ ଖାଇବା ତେଲ, ସୁନା, ରୁପା

ନୂଆଦିଲ୍ଲୀ,୩।୧୦



ଗତ କିଛି ଦିନ ହେବ ବିଶ୍ୱ ବଜାରରେ ମାନ୍ଦାବସ୍ଥା ଜାରି ରହିଥିବାରୁ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ଦର ହ୍ରାସ ପାଇଛି। ଫଳରେ ଆଗାମୀ ଦିନଗୁଡ଼ିକରେ ଭାରତୀୟ ବଜାରରେ ଖାଇବା ତେଲ ଏବଂ ସୁନା ଓ ରୁପା ମୂଲ୍ୟ ଶସ୍ତା ହୋଇପାରେ ବୋଲି ଚର୍ଚ୍ଚା ହେଉଛି। କାରଣ ସରକାର ଚଳିତ ପାକ୍ଷିକ ବୈଠକରେ ଖାଇବା ତେଲ, ସୁନା ଓ ରୁପା ଆମଦାନୀ ମୂଲ୍ୟରେ ବେସିକ୍ ଇମ୍ପୋର୍ଟ ପ୍ରାଇସ୍ ହ୍ରାସ କରିଛନ୍ତି। ସେହିଭଳି ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ ଭାରତ ବିଶ୍ୱରେ ଖାଇବା ତେଲ ଓ ରୁପାର ସବୁଠୁ ବଡ଼ ଆମଦାନୀକାରୀ ଦେଶ ଭାବେ ଗଣିତ ହୋଇଥାଏ। ସେହିପରି ଭାରତ ସୁନାର ୨ୟ ବଡ଼ ଉପଭୋକ୍ତା ଭାବେ ସ୍ୱୀକୃତି ପାଇଛି। ଅପରପକ୍ଷରେ ଉକ୍ତ ରିପୋର୍ଟ ଅନୁସାରେ ସରକାର ଅଶୋଧିତ ପାମ୍ ଅଏଲର ବେସ୍ ପ୍ରାଇସ୍ ୯୯୬ ଡଲାର ପ୍ରତି ଟନ୍‌ରୁ ହ୍ରାସ କରି ୯୩୭ ଡଲାର କରି ଦେଇଛନ୍ତି। ଏଥିରୁ ପାମ୍ ଅଏଲ ଓ ଅନ୍ୟ ଖାଇବା ତେଲ ଆମଦାନୀର ବେସ୍ ପ୍ରାଇସ୍ ହ୍ରାସ ହୋଇଥିବାରୁ ମୂଲ୍ୟ ହ୍ରାସ ହେବ ବୋଲି ଆଶଙ୍କା କରାଯାଉଛି। ତେବେ ଆମଦାନୀକାରୀଙ୍କ ଶୁଳ୍କ ହିସାବ ପରେ ଦର କେତେ ଶସ୍ତା ହେବ ତାହା କୁହାଯାଇପାରିବ। ଏଥିରେ ସରକାର ଆରବିଡି ପାମ୍ ଅଏଲର ବେସ୍ ପ୍ରାଇସ୍ ପ୍ରତି ଟନ୍ ୧୦୧୯ ଡଲାରରୁ ହ୍ରାସ କରି ୯୮୨ଡଲାର କରିଛନ୍ତି। ସେହିପରି ଆରବିଡି ପାମୋଲିନର ବେସ୍ ପ୍ରାଇସ୍ ପ୍ରତି ଟନ୍ ୧୦୩୫ ଡଲାରରୁ ହ୍ରାସ କରି ୯୯୮ଡଲାର କରିଥିବା ବେଳେ ଅଶୋଧିତ ସୋୟାବିନ ତେଲର ବେସ୍ ପ୍ରାଇସ୍ ୧୩୬୨ଡଲାରରୁ ହ୍ରାସ କରି ୧୨୫୭ ଡଲାର କରିଛନ୍ତି। ସେହିପରି ସୁନା ପ୍ରତି ୧୦ଗ୍ରାମ୍ ବେସ୍ ପ୍ରାଇସ୍ ୫୪୯ ଡଲାରରୁ ୫୩୩ ଡଲାର କରିଥିବା ବେଳେ ରୁପା କେଜି ପିଛା ୬୩୫ରୁ ୬୦୮ ଡଲାରକୁ ହ୍ରାସ କରିଛନ୍ତି ବୋଲି ଜଣାପଡ଼ିଛି।

## ୬୩୮ ପଏଣ୍ଟ ଖସିଲା ସେନ୍‌ସେକ୍ସ କାରବାର

ନୂଆଦିଲ୍ଲୀ,୩।୧୦

ଦିନକର କାରବାର ପରେ ପୁଣି ଥରେ ଶେୟାର ବଜାରରେ ଅସ୍ଥିରତା ଦେଖାଦେଇଛି। ଏପରିକି ଚଳିତ ସପ୍ତାହର ୧ମ କାର୍ଯ୍ୟଦିବସର ଫଳାଫଳ ଅନୁସାରେ ଦଲାଲ ଷ୍ଟ୍ରିଟ୍‌ର କାରବାର (ଫଳାଫଳ) ଭଲ ହୋଇନାହିଁ। ଫଳରେ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୬୩୮ (୬୩୮.୧୧) ପଏଣ୍ଟ ବା ୧.୧୧% ହ୍ରାସ ପାଇ ୫୬,୭୮୯ (୫୬,୭୮୮.୮୧) ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ ୨୦୭ (୨୦୭.୦୦) ପଏଣ୍ଟ ବା ୧.୨୧% ତଳକୁ ଖସି ୧୬,୮୮୭ (୧୬,୮୮୭.୩୫) ଅଙ୍କରେ ବନ୍ଦ ହୋଇଛି।

## ଜାରକାରେ ଟ୍ରେଣ୍ଡ୍‌ସର ଏକ୍ସକ୍ଲୁସିଭ ଷ୍ଟୋର




ଭୁବନେଶ୍ୱର,୩।୧୦

ରିଲାଏନ୍ସ ରିଟେଲ୍‌ର ଆପାରେଲ ଏବଂ ଆସେସୋରି ସ୍ପେଶାଲିଟି ଚେନ୍ 'ଟ୍ରେଣ୍ଡ୍‌ସ'ର ଆଉ ଏକ ଆଉଟଲେଟ ଓଡ଼ିଶା ବଜାରରେ ଉଦ୍‌ଘାଟିତ ହୋଇଯାଇଛି। ସୋମବାର ଯାଜପୁର ଜିଲାର ଜାରକାଠାରେ ଟ୍ରେଣ୍ଡସର ନୂଆ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ବିଶେଷକରି ୪୩୦୦ ବର୍ଗଫୁଟ ପରିମିତ ଜମିରେ ଗଢି ଉଠିଥିବା ଏହି ଅତ୍ୟାଧୁନିକ ଷ୍ଟୋର୍‌ରେ ଗ୍ରାହକମାନଙ୍କ ପାଇଁ ସ୍ୱତନ୍ତ୍ର ଉଦ୍‌ଘାଟନୀ ଅଫର ସହ ଆକର୍ଷଣୀୟ ଫ୍ୟାଶନ ଓ ଲୋଭନୀୟ ମୂଲ୍ୟର ବ୍ୟାପକ ସମ୍ଭାର ଉପଲବ୍ଧ ରହିଛି। ଯେପରିକି ୩୪୯୯ ଟଙ୍କାର କିଣାକିଣି କରନ୍ତୁ ଏବଂ ମାତ୍ର ୧୯୯ ଟଙ୍କାରେ ଏକ ଆକର୍ଷଣୀୟ ଉପହାର ପାଆନ୍ତୁ । ଉକ୍ତ ଷ୍ଟୋରର ମଡର୍ନ ଲୁକ୍ ଏବଂ ପରିବେଶ ସହ ସ୍ଥାନୀୟ ଗ୍ରାହକଙ୍କ ମନଲାଖି ଉଚ୍ଚମାନର ଆକର୍ଷଣୀୟ ଫ୍ୟାଶନ ମର୍ଚ୍ଚାଣ୍ଡାଇଜ ସମ୍ଭାର ଓ ସୁଲଭ ମୂଲ୍ୟ ଏହାକୁ ଅଧିକ ଆକର୍ଷଣୀୟ କରିଛି। ଏଠାରେ ଟ୍ରେଣ୍ଡି ୱିମେନ ୱିୟର, ମେନ୍ସ ୱିୟର, କିଡ୍‌ସ ୱିୟର ଏବଂ ଫ୍ୟାଶନ ଆସେସୋରିଜ ଅତି ସ୍ୱତନ୍ତ୍ର ମୂଲ୍ୟରେ ଏବଂ ଚମତ୍କାର କିଣାକିଣି ଅନୁଭୂତି ସ୍ଥାନୀୟ ଗ୍ରାହକ ଓ ରାଜ୍ୟବାସୀ ପାଇପାରିବେ। ଉଲ୍ଲେଖଯୋଗ୍ୟ ଯେ ଟ୍ରେଣ୍ଡ୍‌ସ ବାସ୍ତବରେ ଭାରତର ଫ୍ୟାଶନ କ୍ଷେତ୍ରକୁ ଲୋକାଭିମୁଖୀ କରି ଫ୍ୟାଶନରେ ଗଣତନ୍ତ୍ରର ବିକାଶ କରିଛି। ଏହା ଭାରତର ଗ୍ରାହକଙ୍କ ସମ୍ପର୍କ ସୁଦୃଢ଼ କରିଛି ଏବଂ ମେଟ୍ରୋ, ମିନି ମେଟ୍ରୋଠାରୁ ଆରମ୍ଭ କରି ଟିୟର ୧, ଟିୟର ୨ ସହର ଏବଂ ଆହୁରି ଅଧିକ ସ୍ଥାନରେ ଭାରତୀୟ ଉପଭୋକ୍ତାଙ୍କ ନିକଟରେ ପହଞ୍ଚିଛି ଏବଂ ଭାରତର ପସନ୍ଦଯୋଗ୍ୟ ଫ୍ୟାଶନ ସପିଙ୍ଗ ଡେଷ୍ଟିନେଶନ ପାଲଟିଛି।

## ହିରୋ ଏକ୍ସଟ୍ରିମ୍ ୧୬୦-ଆର୍ ଷ୍ଟିଲ୍‌ଥ ୨.୦ର ବଜାର ପ୍ରବେଶ

ନୂଆଦିଲ୍ଲୀ,୩।୧୦

ଦେଶର ପ୍ରମୁଖ ଦୁଇ ଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପ ପକ୍ଷରୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂତନ ସଂସ୍କରଣର ଉନ୍ମୋଚନ କରାଯାଇଛି। ଏପରିକି ଚଳିତ ବର୍ଷର ପାର୍ବଣ ଉପଲକ୍ଷେ ହିରୋ ଏକ୍ସଟ୍ରିମ୍ ୧୬୦-ଆର୍ ଷ୍ଟିଲ୍‌ଥ ୨.୦ର ବଜାର ପ୍ରବେଶ କରିଛି। ଏକ ପ୍ରଗତିଶୀଳ ଡିଜାଇନ ସହ ସଂଯୋଗୀକରଣ ଏବଂ ଯନ୍ତ୍ରପାତି କ୍ଷେତ୍ରରେ ସ୍ୱଚ୍ଛ ଅଗ୍ରଗତି ସହିତ ସଫଳତାର କାହାଣୀ ବଖାଣୁଛି। ବିଶେଷ କରି ଏହା ସାମ୍ପ୍ରତିକ ସ୍ମାର୍ଟ ପିଢ଼ିଙ୍କୁ ଦୃଷ୍ଟିରେ ରଖି ଡିଜାଇନ କରାଯାଇଛି।

ଏ ସମ୍ପର୍କରେ ହିରୋ ମୋଟୋକର୍ପ ଷ୍ଟ୍ରାଟେଜି ଏବଂ ଗ୍ଲୋବାଲ ପ୍ରଡକ୍ଟ ପ୍ଲାନିଂର ମୁଖ୍ୟ ମାଲୋ ଲି ମାସନ କହିଛନ୍ତି, କମ୍ପାନୀର ୨.୦ ସଂସ୍କରଣ ପାଇଁ ଗ୍ରାହକ, ଉତ୍ସାହୀ ଏବଂ ବିଶେଷଜ୍ଞଙ୍କ ପକ୍ଷରୁ ଦୃଢ଼ ପ୍ରତିକ୍ରିୟା ମିଳିଛି। ଏହା ଗ୍ରାହକଙ୍କ ପାଇଁ ପସନ୍ଦର ମୋଟରସାଇକେଲ ମଧ ପାଲଟିଯାଇଛି। ଏହି ନୂତନ ସଂସ୍କରଣଟି ଉଭୟ ଷ୍ଟିଲଥ ଏବଂ ସ୍ମାର୍ଟ ଅଟେ। ଏକ କଳା ରଙ୍ଗର ଲିଭରିରେ ଏଥିରେ ରେଡ୍ ଆସେଣ୍ଟ ସାଇନ୍‌ଡ ହୋଇଛି। ସେହିଭଳି ହିରୋ ମୋଟୋକର୍ପର ମୁଖ୍ୟ ଅଭିବୃଦ୍ଧି ଅଧିକାରୀ (ସିଜିଓ) ରଞ୍ଜୀବ ଜିତ୍ ସିଂ କହିଛନ୍ତି, କମ୍ପାନୀର ୨.୦ ସଂସ୍କରଣ ଏକ ଟ୍ରେଲ ବ୍ଲେଜର ଅଟେ ଏବଂ ଏହାର ଚାହିଦା ବଢ଼ିବାରେ ଲାଗିଛି। ୨.୦ ସଂସ୍କରଣର ସମୃଦ୍ଧ ପ୍ରୋଫାଇଲର ଶୁଭାରମ୍ଭ କରିଥିବାରୁ ଆମେ ବେଶ୍ ଆନନ୍ଦିତ। ଏଥିରେ ଏକ ଆଧୁନିକ ଷ୍ଟ୍ରିଟ୍ ଫାଇଟର୍ ଏବଂ ରିଅଲ ବିଶ୍ୱସ୍ତରୀୟ କାର୍ଯ୍ୟଦକ୍ଷତା ପାଇଁ ବାର୍ ସେଟ,୧୬୩ ସିସି ଏୟାର-କୁଲ୍‌ଡ ବିଏସ୍-୬ ଅନୁକୂଳ ଇଞ୍ଜିନ ଦ୍ୱାରା ଏକ୍ସ ସିରିଜ୍ ଟେକ୍ନୋଲୋଜି ଏବଂ ଉନ୍ନତ ପ୍ରୋଗ୍ରାମ-ଇନ୍ଧନ-ଇଞ୍ଜେକ୍ସନ ବୈଶିଷ୍ଟ୍ୟ ଆଦି ରହିଛି। ଏହାର ପାୱାର ଆଉଟପୁଟ ଇଞ୍ଜିନ ୧୫.୨ ପିଏସ୍ ଏବଂ ୬୫୦୦ଆରପିଏମ୍ ରହିଛି। ମାତ୍ର ୪.୭ ସେକେଣ୍ଡରେ ଏହା ଘଣ୍ଟାପ୍ରତି ୦-୬୦ କିଲୋମିଟର ବେଗରେ ଗତି କରିଥାଏ। ଏହାର ଏକ୍ସ ଶୋ'ରୁମ୍ ମୂଲ୍ୟ (ପୂର୍ବ ଶୋ'ରୁମ୍ ଦିଲ୍ଲୀ) ଦେଶର ହିରୋ ମୋଟୋକର୍ପ ଶୋ'ରୁମରେ ୧,୨୯,୭୩୮ ଟଙ୍କାରେ ଉପଲବ୍ଧ ରହିଛି।

## ବାଲ୍‌କୋକୁ ଶ୍ରେଷ୍ଠ କର୍ପୋରେଟ ଲିଡର ଆୱାର୍ଡ




'ଦି ଇଣ୍ଟରଭ୍ୟୁ ଟାଇମ୍ସ'ର ୧୧ତମ ବାର୍ଷିକ ଉତ୍ସବରେ ୨୦ ଜଣ ପ୍ରେରଣାଦାୟୀ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଉଛି।

ଭୁବନେଶ୍ୱର,୩।୧୦

ରାଜ୍ୟର ପ୍ରମୁଖ ଆଲୁମିନିୟମ କମ୍ପାନୀ ବାଲ୍‌କୋକୁ ଚଳିତ ବର୍ଷର ଶ୍ରେଷ୍ଠ କର୍ପୋରେଟ ଲିଡର ଆୱାର୍ଡ ପ୍ରଦାନ କରାଯାଇଛି। ନିକଟରେ ମାସିକ ପତ୍ରିକା 'ଦି ଇଣ୍ଟରଭ୍ୟୁ ଟାଇମ୍ସ'ର ୧୧ତମ ବାର୍ଷିକ ଉତ୍ସବରେ କମ୍ପାନୀକୁ ଏଭଳି ଏକ ସମ୍ମାନଜନକ ସ୍ୱୀକୃତି ପ୍ରଦାନ କରାଯାଇଛି। ସ୍ଥାନୀୟ ଜୟଦେବ ବିହାରସ୍ଥିତ ଏକ ପଞ୍ଚତାରକା ହୋଟେଲରେ ଆୟୋଜିତ ବାର୍ଷିକ ଉତ୍ସବରେ କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଲ୍‌କୋକୁ ଶ୍ରେଷ୍ଠ କର୍ପୋରେଟ ଲିଡର ଆୱାର୍ଡ ପ୍ରଦାନ କରିଥିଲେ। ସେହିଭଳି 'ଦି ଇଣ୍ଟରଭ୍ୟୁ ଟାଇମ୍ସ'ର ୧୧ବର୍ଷର ଯାତ୍ରାର ଅଭିଯାନକୁ ଅଚ୍ୟୁତ ଭୂୟସୀ ପ୍ରଶଂସା କରିବା ସହ ଅନୁଷ୍ଠାନ ପକ୍ଷରୁ ନିଆଯାଇଥିବା ଏଭଳି ଅନନ୍ୟ ପଦକ୍ଷେପ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ରାଜ୍ୟ ସଭା ଏମ୍‌ପି ପ୍ରଶାନ୍ତ ନନ୍ଦ ଓ ପଦ୍ମବିଭୂଷଣ ସୁଦର୍ଶନ ସାହୁ ଉଦଘାଟନ କରି ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷଙ୍କୁ ଶୁଭେଚ୍ଛା ଜଣାଇଥିଲେ। 'ଦି ଇଣ୍ଟରଭ୍ୟୁ ଟାଇମ୍ସ'ର ମୁଖ୍ୟ ସମ୍ପାଦକ ଦିବ୍ୟଜିତ୍ ସାହୁ ସ୍ୱାଗତ ଅଭିଭାଷଣ ସହ 'ଦି ଇଣ୍ଟରଭ୍ୟୁ ଟାଇମ୍ସ' ପତ୍ରିକାର ଦୀର୍ଘ ୧୧ବର୍ଷର ଯାତ୍ରା ସମ୍ପର୍କରେ ସୂଚନା ଦେଇଥିଲେ। 'ଦି ଇଣ୍ଟରଭ୍ୟୁ ଟାଇମ୍ସ'ର ସ୍ୱତନ୍ତ୍ର ସଂଖ୍ୟାର ଉନ୍ମୋଚନ ସହ 'ଦି ଇଣ୍ଟରଭ୍ୟୁ ଟାଇମ୍ସ' ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବ୍ୟକ୍ତିବିଶେଷଙ୍କୁ ସମ୍ମାନଜନକ 'ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତିତ୍ୱ' ସମ୍ମାନରେ ସମ୍ମାନିତ କରାଯିବା ସହ ୫ ଜଣ ବ୍ୟକ୍ତିତ୍ୱଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ 'ଦି ଇଣ୍ଟରଭ୍ୟୁ ଟାଇମ୍ସ'ର ସିଓଓ ଅରୁଣ କୁମାର ମାହାନା, ମୁଖ୍ୟ ବାଣିଜ୍ୟିକ ଅଧିକାରୀ ପ୍ରମୋଦ କୁମାର ଲେଙ୍କା ଓ ମୁଖ୍ୟ ଲୋକସମ୍ପର୍କ ଅଧିକାରୀ ରାଜୀବ ନୟନ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ସହ ସମ୍ପାଦକ ଶୁଭଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ପିଏନ୍‌ବି ପକ୍ଷରୁ ହିନ୍ଦୀ କାର୍ଯ୍ୟଶାଳା, ପୁରସ୍କାର ବିତରଣ ସମାରୋହ

ଭୁବନେଶ୍ୱର,୩।୧୦

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ବାଲେଶ୍ୱର ମଣ୍ଡଳ କାର୍ଯ୍ୟାଳୟଠାରେ ବ୍ୟାଙ୍କର ସହାୟକ ମହାପ୍ରବନ୍ଧକ ତଥା ମଣ୍ଡଳ ମୁଖ୍ୟ ପୁରୁଷୋତ୍ତମ ପଟ୍ଟନାୟକଙ୍କ ଉପସ୍ଥିତିରେ ହିନ୍ଦୀ କାର୍ଯ୍ୟଶାଳା ଓ ପୁରସ୍କାର ବିତରଣ ସମାରୋହ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ସଞ୍ଜୟ ଗୋଣ୍ଡ (ପ୍ରବନ୍ଧକ, ରାଜଭାଷା) କାର୍ଯ୍ୟକ୍ରମର ପରିଚାଳନା କରିବା ସହ ରାଜଭାଷାର ମହତ୍ତ୍ୱ ଓ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ହିନ୍ଦୀର ଭୂମିକା ଉପରେ ନିଜର ଚିନ୍ତାଧାରାକୁ ବ୍ୟକ୍ତ କରିଥିଲେ। ବ୍ୟାଙ୍କର ଉପ-ମଣ୍ଡଳ ମୁଖ୍ୟ ମୃଣାଳକାନ୍ତି ମହାନ୍ତି ହିନ୍ଦୀର ବର୍ତ୍ତମାନର ସ୍ଥିତି ଏବଂ ସମ୍ଭାବନା ଉପରେ ଆଲୋକପାତ କରିବା ସହ ରାଜଭାଷାର ସାମ୍ବିଧାନିକ ନିୟମଗୁଡିକ ଉପରେ ସମସ୍ତଙ୍କୁ ଅବଗତ କରାଇଥିଲେ। ନଳିନୀକାନ୍ତ ଦାସ (ମୁଖ୍ୟ ପ୍ରବନ୍ଧକ ଏବଂ ପିଏଲ୍‌ପି ମୁଖ୍ୟ), ପ୍ରକାଶ ଚନ୍ଦ୍ର ଗୋଚ୍ଛାୟତ (ମୁଖ୍ୟ ପ୍ରବନ୍ଧକ), ପଦ୍ମ ଭୂଷଣ ପ୍ରଧାନ (ମୁଖ୍ୟ ପ୍ରବନ୍ଧକ) ଏବଂ ବ୍ରଜ କିଶୋର ସାହୁ (ମୁଖ୍ୟ ପ୍ରବନ୍ଧକ)ଙ୍କ ସମେତ ବିଭିନ୍ନ ଶାଖା ଓ କାର୍ଯ୍ୟାଳୟରୁ ଆସିଥିବା ଉପସ୍ଥିତ ଅଧିକାରୀମାନେ ମଧ ନିଜ ନିଜର ମତ ଉପସ୍ଥାପନ କରିଥିଲେ।

କାର୍ଯ୍ୟକ୍ରମ ସମାପନ ଅବସରରେ ପୂର୍ବରୁ ଆୟୋଜିତ ହୋଇଥିବା ହିନ୍ଦୀ ଦିବସ ଏବଂ ପଖୱାଡା କାର୍ଯ୍ୟକ୍ରମରେ ଭାଗ ନେଇ ବିଜୟୀ ହୋଇଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ତାପସ କୁମାର ମହାନ୍ତି (ପ୍ରବନ୍ଧକ) ଧନ୍ୟବାଦ ଅର୍ପଣ କରିଥିଲେ।

**ଫୁରସତ୍**



## ୱେବ୍ ସିରିଜ୍‌ରେ ଊର୍ମିଳା

ମୁମ୍ବାଇ

ବଲିଉଡ୍‌ର ଚୁଲ୍‌ବୁଲି ନାୟିକା ଭାବେ ଜଣାଯାଉଥିବା ଊର୍ମିଳା ମାତୋଣ୍ଡକର ଏବେ ୱେବ୍ ସିରିଜ୍‌ରେ ନିଜ ଭାଗ୍ୟ ପରୀକ୍ଷା କରିବାକୁ ଯାଉଛନ୍ତି। ଏକ ଥ୍ରିଲର, ସସ୍‌ପେନ୍ସ ସିରିଜ୍ ତିଆରି ଜରିଆରେ ସେ ଓଟିଟି (ଓଭର୍ ଦ ଟପ୍) ପ୍ଲାଟଫର୍ମରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଏକ ମା' ଝିଅଙ୍କ ଜୀବନୀ କାହାଣୀ ଉପରେ ଏହା ଆଧାରିତ ହୋଇଥିବାବେଳେ ସିରିଏଲ୍‌ର ସଂଳାପ ଊର୍ମିଳାଙ୍କୁ ପସନ୍ଦ ଆସିଥିବା କାରଣରୁ ସେ ଏଥିରେ କାମ କରିବା ପାଇଁ ରାଜି ହୋଇଥିବା କହିଛନ୍ତି। ଫିଲ୍ମ ନିର୍ଦ୍ଦେଶକ ସୌରଭ ବର୍ମା ଏହାର ନିର୍ଦ୍ଦେଶନା ଦେବେ । ତେବେ ଏହି ସିରିଜ୍‌କୁ ଦର୍ଶକ ନିଜ ପରିବାର ସହ ଏକାଠି ବସି ଉପଭୋଗ କରିପାରିବେ ବୋଲି ସେ କହିଛନ୍ତି। ଦୀର୍ଘଦିନ ପରେ ଊର୍ମିଳା ପୁଣିଥରେ ମନୋରଞ୍ଜନ ଜଗତକୁ ଫେରିବାବେଳେ ୫ରୁ ୭ ବର୍ଷ ମଧରେ ସେ ୫୦ରୁ ଊର୍ଦ୍ଧ୍ୱ ଫିଲ୍ମ ଅଫର୍ ରିଜେକ୍ଟ କରିଥିବା ଜଣାପଡ଼ିଛି।

## ଗ୍ରୀସ୍ ଫେରିବ ହଜାରେ ବର୍ଷର ଗ୍ରନ୍ଥ

ଆଥେନ୍ସ

ଦୀର୍ଘ ୧୦୦ ବର୍ଷ ପରେ ହଜାରେ ବର୍ଷର ପୁରୁଣା ଗ୍ରନ୍ଥକୁ ଫେରି ପାଇବ ଗ୍ରୀସ୍। ବିଶ୍ୱ ଯୁଦ୍ଧ ସମୟରେ ଏହି ଗ୍ରନ୍ଥକୁ ବୁଲ୍‌ଗେରିଆ ଆର୍ମି ଏହାକୁ ଚୋରି କରି ନେଇଥିଲା। ୧୯୧୭ରେ ଗ୍ରୀସ୍‌ରୁ ୪ ଶହରୁ ଊର୍ଦ୍ଧ୍ୱ ଗ୍ରନ୍ଥ ଚୋରି ହୋଇଥିଲା। ସୂଚନାଯୋଗ୍ୟ ଏହି ହଜାରେ ବର୍ଷର ଗ୍ରନ୍ଥ ବିଶ୍ୱର ସବୁଠାରୁ ପୁରୁଣା ଗ୍ରନ୍ଥ। ଦଶମ ଶତାବ୍ଦୀ ସମୟରେ ଏହାର ରଚନା କରାଯାଇଥିବା ଜଣାପଡ଼ିଛି। ସାଉଥର୍ନ ଇଟାଲୀରେ ଏହାକୁ ଲେଖା ଯାଇଥିବାବେଳେ ଚତୁର୍ଦ୍ଦଶ ଏବଂ ପଞ୍ଚଦଶ ଶତାବ୍ଦୀ ବେଳକୁ ଏହି ଗ୍ରନ୍ଥ ନର୍ଦନ ଗ୍ରୀସ୍ ଅଣାଯାଇଥିଲା। ଗ୍ରନ୍ଥ ଚୋରି କରାଯିବା ପରେ ଏହାକୁ ୟୁରୋପୀୟ ଦେଶରେ ଅନେକ ଥର ବିକ୍ରି କରାଯାଇଥିଲା।



ବର୍ତ୍ତମାନ ସମୟରେ ହଜାର ବର୍ଷର ଏହି ପୁରାତନ ଗ୍ରନ୍ଥ ଆମେରିକାର ସଂଗ୍ରହାଳୟରେ ରଖାଯାଇଛି। ପୁରାତନ ଗ୍ରନ୍ଥ ଗ୍ରୀସ୍ ଫେରିଆସୁ ବୋଲି ଅର୍ଥୋଡକ୍ସ ଧର୍ମଗୁରୁମାନେ ଚାହୁଁଥିଲେ।

ଆମେରିକା ସଂଗ୍ରହାଳୟରେ ଥିବା ପୁରାତନ ଗ୍ରନ୍ଥକୁ ସ୍ୱସ୍ଥାନକୁ ଫେରାଇବା ପାଇଁ ୨୦୧୫ରେ ଗ୍ରୀସ୍ ଚର୍ଚ୍ଚ ପକ୍ଷରୁ କୁହାଯାଇଥିଲା। ୨୦୨୦ରେ ଉଭୟ ପକ୍ଷ ମଧରେ ଆଲୋଚନା ହେବା ପରେ ୨୦୨୨ ସେପ୍ଟେମ୍ବର ୨୯ରେ ଏହାକୁ ଗ୍ରୀସ୍ ଫେରାଇ ଦିଆଯିବ ବୋଲି ଆମେରିକା ସଂଗ୍ରହାଳୟ ପକ୍ଷରୁ କୁହାଯାଇଥିଲ।

## ପ୍ରାଣୀଙ୍କ ଉପସ୍ଥିତି ଅପରିହାର୍ଯ୍ୟ

### ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ

ପରିବେଶର ସୁରକ୍ଷା ଏବଂ ମାନବ ସୁସ୍ଥତା ପାଇଁ ପ୍ରାଣୀମାନେ ପ୍ରକୃତିର ସମାନ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ। ପ୍ରକୃତିର ପରିବେଶକୁ ସନ୍ତୁଳିତ କରିବା ପାଇଁ ଇକୋସିଷ୍ଟମରେ ଥିବା ସମସ୍ତ ପ୍ରାଣୀ ଏକତ୍ରିତ ହୋଇଥାନ୍ତି। କେତେକ ପ୍ରାଣୀ ଆମକୁ ପୋଷକତତ୍ତ୍ୱ ଆଣିବାରେ ସାହାଯ୍ୟ କରୁଥିବାବେଳେ ଅନ୍ୟମାନେ ଅଙ୍ଗାରକାମ୍ଳ ଏବଂ ନାଇଟ୍ରୋଜେନ୍ ଚକ୍ରକୁ ତ୍ୱରାନ୍ୱିତ କରିଥାନ୍ତି।

ଆମେ ସେମାନଙ୍କ ଅବଦାନକୁ ଅଣଦେଖା କରିବା ଉଚିତ ନୁହେଁ । ସମସ୍ତ ପ୍ରାଣୀଙ୍କ ପାଇଁ ବିଶ୍ୱରେ ଏକ ଉତ୍ତମ ସ୍ଥାନ ଦେବାକୁ ଚେଷ୍ଟା କରିବା ଜରୁରୀ। ଏହାକୁ ଦୃଷ୍ଟିରେ ରଖି ପ୍ରାଣୀଙ୍କ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଅକ୍ଟୋବର ୪ରେ ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ ପାଳିତ ହୋଇଥାଏ।

ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ ୧୯୨୫ ମସିହାରୁ ଆରମ୍ଭ ହୋଇଥିଲା । ସାଇନୋଲୋଜିଷ୍ଟ ହେନ୍‌ରିଚ୍ ଜିମର୍ମନ ୨୪ ମାର୍ଚ୍ଚ ୧୯୨୫ରେ ଜର୍ମାନୀର ବର୍ଲିନ ସ୍ଥିତ ସ୍ପୋର୍ଟସ ପ୍ୟାଲେସ୍‌ରେ ପ୍ରଥମ ବିଶ୍ୱ ପ୍ରାଣୀ ଦିବସ ଆୟୋଜନ କରିଥିଲେ। ପଶୁମାନଙ୍କ କଲ୍ୟାଣ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ସେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପ୍ରଥମ କାର୍ଯ୍ୟକ୍ରମରେ ୫୦୦୦ ରୁ ଅଧିକ ଲୋକ ଯୋଗ ଦେଇଥିଲେ । ତେବେ ପରବର୍ତ୍ତୀ ସମୟରେ ୧୯୨୯ରେ ଏହାକୁ ୪ ଅକ୍ଟୋବରକୁ ସ୍ଥାନାନ୍ତରିତ କରାଯାଇଥିଲ।।

ବ୍ରିଟେନ୍‌ର ପ୍ରାଣୀ କଲ୍ୟାଣକାରୀ ସଂସ୍ଥା ନେଚର ୱାଚ୍ ଫାଉଣ୍ଡେଶନ ୨୦୦୩ରେ ପ୍ରଥମ ବିଶ୍ୱ ପ୍ରାଣୀ ଦିବସ ୱେବ୍‌ସାଇଟ ଲଞ୍ଚ୍ କରିଥିଲା। ପଶୁ ଅଧିକାର ଏବଂ କଲ୍ୟାଣ ପାଇଁ ଏହା ଏକ ଅନ୍ତର୍ଜାତୀୟ ଦିବସ। ଏହି ଦିନଟି ପ୍ରାଣୀ ପ୍ରେମୀ ଦିବସ ଭାବରେ ମଧ ଜଣାଶୁଣା।



## ଚର୍ଚ୍ଚାରୁ ମିଳିଲା ସୁଯୋଗ



**ପାଟନା:** ଆଇଏଏସ୍ ଅଫିସର୍‌ଙ୍କୁ ସାନିଟାରି ନ୍ୟାପ୍‌କିନ୍ ବିଷୟରେ ପ୍ରଶ୍ନ ପଚାରି ଚର୍ଚ୍ଚାକୁ ଆସିଥିବା ପାଟନାର ରିୟାଙ୍କୁ କମର୍ସିଆଲ ଆଡ୍ ପାଇଁ ସୁଯୋଗ ମିଳିଛି। ଏକ ନ୍ୟାପ୍‌କିନ୍ କମ୍ପାନୀ ରିୟାଙ୍କୁ ନେଇ ବିଜ୍ଞାପନ କରିବାକୁ ବାହାରିଛି। ଏଥିସହ ଡିଗ୍ରୀ ପର୍ଯ୍ୟନ୍ତ ରିୟାଙ୍କ ପାଠପଢ଼ା ପାଇଁ ଖର୍ଚ୍ଚ ହେବାକୁ ଥିବା ଟଙ୍କା କମ୍ପାନୀ ବହନ କରିବ ବୋଲି କୁହାଯାଉଛି। ପାଟନାର କମଳା ନେହେରୁ ନଗରରେ ରିୟାଙ୍କ ଘର। ନ୍ୟାପ୍‌କିନ୍ କମ୍ପାନୀ ରିୟାଙ୍କୁ ଗୋଟିଏ ବର୍ଷ ପର୍ଯ୍ୟନ୍ତ ମାଗଣା ପ୍ୟାଡ୍ ଯୋଗାଇବାକୁ ମଧ ପ୍ରତିଶ୍ରୁତି ଦେଇଥିବା ରିୟା କହିଛନ୍ତି। ନିକଟରେ ବିହାର ତକ୍ ନାମରେ ଏକ କାର୍ଯକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ଆଇଏଏସ୍ ଅଫିସର ହରଜୋତ୍ କୌର ଯୋଗ ଦେଇଥିଲେ। ଝିଅମାନଙ୍କୁ ମାଗଣାରେ ସାନିଟାରି ନ୍ୟାପ୍‌କିନ୍ ଯୋଗାଇ ଦେବା ଲାଗି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ରିୟା କହିଥିଲେ।

## କୁନି ଝିଅକୁ କୋଟିଏ ଟଙ୍କାର ସହାୟତା

ଅମରାବତି

ଆନ୍ଧ୍ରପ୍ରଦେଶରେ ବିରଳ ରୋଗରେ ଆକ୍ରାନ୍ତ ହୋଇଥିବା ଶିଶୁକନ୍ୟାଙ୍କ ଚିକିତ୍ସାରେ ରାଜ୍ୟ ସରକାର ସାହାଯ୍ୟ କରିଛନ୍ତି। ଚିକିତ୍ସା ଲାଗି ୧ କୋଟି ଦେବା ଲାଗି ସରକାରଙ୍କ ପକ୍ଷରୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏ ନେଇ ଡା. ଆମ୍ବେଡକର କୋନାସୀମା ଜିଲା କଲେକ୍ଟର ୧୩ଟି ଇଞ୍ଜେକ୍ସନ ତାଙ୍କ ପରିବାରକୁ ଦେଇଛନ୍ତି। ଅଢ଼େଇ ବର୍ଷର କୁନି ଝିଅ ଗାଉଚର ରୋଗରେ ଆକ୍ରାନ୍ତ। ତେବେ ଚିକିତ୍ସାରେ ମୋଟ ୫୨ଟି ଇଞ୍ଜେକ୍ସନର ଆବଶ୍ୟକତା ରହିଥିବାବେଳେ ଏ ନେଇ ୧ କୋଟି ୨୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ନିକଟରେ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀ କୋନାସୀମା ପରିଦର୍ଶନରେ ଯାଇଥିବାବେଳେ ସେଠାରେ ସେ କୁନି ଝିଅର ବିରଳ ରୋଗ ବିଷୟରେ ଜାଣିବାକୁ ପାଇଥିଲେ। ଦେଶରେ ମୋଟ ୧୪ ଜଣ ଶିଶୁ ଏହି ବିରଳ ରୋଗରେ ଆକ୍ରାନ୍ତ ହୋଇଥିବାବେଳେ ଆମଲାପୁରମ ପ୍ରଥମ ସରକାରୀ ଡାକ୍ତରଖାନା ଯେଉଁଠାରେ ଏହି ରୋଗର ଚିକିତ୍ସା କରାଯାଉଛି। ତେବେ କୁନି ଝିଅର ଚିକିତ୍ସା ସାଙ୍ଗକୁ ତାଙ୍କ ପଢ଼ାପଢ଼ି ପାଇଁ ଖର୍ଚ୍ଚ ହେବାକୁ ଥିବା ସମସ୍ତ ଟଙ୍କା ସରକାର ବହନ କରିବେ ବୋଲି କୁହାଯାଉଛି।

### ଗାଉଚର ରୋଗ କ'ଣ

ଏହା ଏକ ଜେନେଟିକ୍ ରୋଗ। ଶରୀରରେ ଥିବା ଫ୍ୟାଟି ସବ୍‌ଷ୍ଟାନ୍ସ ଲିପିଡ୍‌ର ପରିମାଣ ଯକୃତରେ ବଢ଼ିବା ଆରମ୍ଭ ହୋଇଯାଏ। ଫଳରେ ଯକୃତର ସ୍ୱାଭାବିକ ଆକାର ବଢ଼ିବା ଆରମ୍ଭ ହେବ ଏବଂ ଏହା କାମ କରିବା ବନ୍ଦ କରିଦେବ।

**ଲକ୍ଷଣ**

- ଆଖିରେ ହଳଦିଆ ରଙ୍ଗର ଦାଗ ଦେଖାଯିବ।
- ଥକା ଲାଗିବା।
- ଫୁସ୍‌ଫୁସ୍‌ଜନିତ ସମସ୍ୟା ଦେଖାଯିବ

ଫ୍ୟାଶନ

# ଲେହେଙ୍ଗା ଲୁକ୍

**ଫ୍ୟାଶନ ଟ୍ରେଣ୍ଡରେ ଲେହେଙ୍ଗାର ଆଦର ସବୁବେଳେ ରହିଛି। ନବରାତ୍ର ଓ ଦଶହରା ସମୟରେ ଟ୍ରାଡିଶନାଲ ଲୁକ୍‌ରେ ସଜେଇ ହେଲେ ବେଶ୍ ଭଲ ଲାଗିବ। ଆଉ ଏଥିପାଇଁ ଲେହେଙ୍ଗା ଚୋଲିର ଆଉଟ୍‌ଫିଟ୍ ଏକ ସୁନ୍ଦର ବିକଳ୍ପ...**



❖ନବରାତ୍ର ସମୟରେ ଗରବା ନାଚ ପାଇଁ ହେଉ କି ଅନ୍ୟ କୌଣସି ସ୍ଥାନ ବୁଲାବୁଲି କରିବାକୁ ଯିବାପାଇଁ ହେଲେ ଲେହେଙ୍ଗା ଓ ଚୋଲି ବେଶ୍ ଭଲ ଲାଗିବ। ତେଣୁ ଦଶହରା ସମୟରେ ସବୁବେଳେ ଲେହେଙ୍ଗା ଆଉଟ୍‌ଫିଟ୍ ପସନ୍ଦ କରିପାରିବେ।

❖ଗରବା ସମୟରେ ସାଧାରଣତଃ ଅଧିକାଂଶ ମହିଳା ମିରର୍ ଲାଗିଥିବା ଲେହେଙ୍ଗା ପିନ୍ଧିବାକୁ ପସନ୍ଦ କରିଥାନ୍ତି। କିନ୍ତୁ ଆପଣ ଚାହିଁଲେ ସିମ୍ପଲ କିମ୍ବା ପ୍ରିଣ୍ଟେଡ୍ ଡିଜାଇନ୍ ଲେହେଙ୍ଗା ମଧ୍ୟ ଚୟନ କରିପାରିବେ।

❖ପ୍ରିଣ୍ଟେଡ୍ ଲେହେଙ୍ଗା ସହିତ ଦୁପ୍ପଟା ପିନ୍ଧି ପୂଜା ସମୟରେ ସଜେଇ ହେବା ଏକ ଭିନ୍ନ ଲୁକ୍ ଦେଇପାରିବ। ତେଣୁ ଏଥିପାଇଁ ପ୍ରିଣ୍ଟେଡ୍ ଲେହେଙ୍ଗା ସହ ସିମରୀ ୱର୍କଥିବା ବ୍ଲାଉଜ୍ ପସନ୍ଦ କରନ୍ତୁ। ଏହା ଟ୍ରେଣ୍ଡି ଲୁକ୍ ଦେବା ସହିତ ଆରାମଦାୟକ ଲାଗିବ।

❖ନବରାତ୍ର ପୂଜା ସମୟରେ ଲେହେଙ୍ଗା ପିନ୍ଧି ନିଜକୁ ସୁନ୍ଦରଭାବେ ସଜେଇପାରିବେ। ଲେହେଙ୍ଗା ପିନ୍ଧି କେଶ ଖୋଲା ରଖିବା ସହ ବିଭିନ୍ନ ଗହଣାରେ ମଧ୍ୟ ନିଜକୁ ସଜେଇପାରିବେ।



❖ ଆପଣ ଯଦି ଦୁପ୍ପଟା ପିନ୍ଧିବାକୁ ପସନ୍ଦ କରନ୍ତି ନାହିଁ ତେବେ କେବଳ ବ୍ଲାଉଜ୍ ପିନ୍ଧିପାରିବେ। ତେଣୁ ଫୁଲ୍ ସ୍ଲିଭ୍ ଓ ନେକଲାଇନ୍ ବ୍ଲାଉଜ୍ ପ୍ରିଣ୍ଟେଡ ଡିଜାଇନ୍ କିମ୍ବା ହେଭି ଘେରଥିବା ଲେହେଙ୍ଗା ସହିତ ପିନ୍ଧନ୍ତୁ।

❖ ପର୍ବପର୍ବାଣି ସମୟରେ ବ୍ରାଇଟ୍ କଲରର ଲେହେଙ୍ଗା ପିନ୍ଧନ୍ତୁ ଅଧିକ ଆକର୍ଷଣୀୟ ଲାଗିବ।

# ରୋଷେଇ ଟିପ୍ସ

★ ଅଦା ରସୁଣ ପେଷ୍ଟ ତିଆରି କରୁଥିଲେ ସବୁବେଳେ ଅଦାର ଭାଗ କମ୍ ନିଅନ୍ତୁ। ଅଦା ୪୦ ପ୍ରତିଶତ ହୋଇଥିଲେ ରସୁଣର ଭାଗ ୬୦ ପ୍ରତିଶତ ନିଅନ୍ତୁ।

★ ଟମାଟୋ ସୁପ୍ ତିଆରି କରୁଥିଲେ ସେଥିରେ କିଛି କଞ୍ଚାଲଙ୍କା, କିଛି କୋଳା ରସୁଣ ଓ ଖଣ୍ଡେ ଛୋଟ ଅଦାକୁ ଛେଚି ପକାଇ ଦିଅନ୍ତୁ। ସୁପ୍ ବହୁତ ସ୍ୱାଦିଷ୍ଟ ଲାଗିବ।

★ ସୋରିଷ ମସଲାର କୌଣସି ତରକାରି ତିଆରି କରୁଥିଲେ ସେଥିରେ କିଛି ଧଳା ସୋରିଷ ଗୁଣ୍ଡ, ଅଳ୍ପ ଧନିଆ ଗୁଣ୍ଡ, ଲଙ୍କାଗୁଣ୍ଡ ଓ ଲୁଣ ମିଶାଇ କଷନ୍ତୁ। ତରକାରିରେ ମସଲା ପିତା ଲାଗିବ ନାହିଁ।

★ ପିଜା କିମ୍ବା ଅନ୍ୟ କିଛି ତିଆରି କରିବା ପାଇଁ ବଟରକୁ କଦୁକସ୍ କରି ମେଶିନକୁ ସହଜରେ ସଫାକରିବା ପାଇଁ ସେଥିରେ ଆଳୁ କଦୁକସ୍ କରି ଦିଅନ୍ତୁ। ସହଜରେ ସଫା ହୋଇଯିବ।

ଖାଦ୍ୟରୁଚି

## ଆଳୁ ସ୍ନାକ୍ସ

**ଆବଶ୍ୟକ ସାମଗ୍ରୀ:** ମଇଦା– ୨ କପ୍, ସୁଜି– ୧ ବଡ ଚାମଚ, ଘିଅ– ୩ ଚାମଚ, ଜିରା, ଧନିଆ ଓ ପାନମଧୁରି– ଅଳ୍ପ (ଫୁଟଣ ପାଇଁ), ଆଳୁ– ୨ଟି (ବଡ), କଞ୍ଚାଲଙ୍କା– ୨ଟି, ଜିରାଗୁଣ୍ଡ, ଧନିଆ ଗୁଣ୍ଡ, ଲଙ୍କାଗୁଣ୍ଡ, ଆମଚୁର ପାଉଡର ଓ ଗରମ ମସଲା ଗୁଣ୍ଡ– ଅଳ୍ପ,ସ୍ୱାଦ ଅନୁସାରେ ଲୁଣ ଓ ଛାଣିବା ପାଇଁ ତେଲ।

**ପ୍ରଣାଳୀ:** ପ୍ରଥମେ ଆଳୁକୁ ସିଝାଇ ଚୋପା ଛଡାଇ ରଖନ୍ତୁ। ମଇଦାରେ ସୁଜି ଓ ଲୁଣ ମିଶାନ୍ତୁ। ସେଥିରେ ୩ ଚାମଚ ଘିଅ ମିଶାଇ ଭଲଭାବେ ଗୋଳାନ୍ତୁ। ଏବେ ପାଣି ଦେଇ ଏହାକୁ ଅଟା ଚକଟିବା ପରି ଚକଟି ରଖନ୍ତୁ। କିଛି ସମୟ ଏହାକୁ ଏକ ଧଳା କପଡାରେ ଘୋଡାଇ ଦିଅନ୍ତୁ। ଅନ୍ୟପଟେ କଡେଇ ଗରମ କରି ସେଥିରେ ଦୁଇ ଚାମଚ ତେଲ ପକାନ୍ତୁ। ତେଲ ତାତିବା ପରେ ସେଥିରେ କିଛି ଜିରା, ଧନିଆ ଓ ପାନମଧୁରି ପକାଇ ଛୁଙ୍କ କରନ୍ତୁ। ଏବେ ସେଥିରେ କଞ୍ଚାଲଙ୍କାକୁ କାଟି ପକାନ୍ତୁ। ଏହାପରେ କିଛି ଅଦା ପେଷ୍ଟ ପକାନ୍ତୁ। ଏବେ ସେଥିରେ ହଳଦୀ ଗୁଣ୍ଡ, ଲଙ୍କାଗୁଣ୍ଡ, ଗରମ ମସଲା ଗୁଣ୍ଡ ଓ କିଛି ଆମଚୁର ପାଉଡର ପକାନ୍ତୁ। ଅଳ୍ପ ହେଙ୍ଗୁ ମଧ୍ୟ ପକାନ୍ତୁ। କମ୍ ଆଞ୍ଚରେ ଏହାକୁ ମିଶାଇ ଏଥିରେ ସିଝା ଆଳୁକୁ ଚକଟି ପକାନ୍ତୁ ଓ ଭଲଭାବେ ମିଶାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଆଳୁର ଷ୍ଟଫିଙ୍ଗ୍। ଏବେ ଚକଟା ହୋଇ ରହିଥିବା ମଇଦାକୁ ଚୋଟ ଛୋଟ ଗୁଳା କରି ପତଳା କରି ବେଲି ଦିଅନ୍ତୁ। ସେଥିରେ କଷା ହୋଇ ରହିଥିବା ଆଳୁକୁ ପୁର ଭଳି ଦେଇ ଛୋଟ ଛୋଟ ଗୋଲ କରି ରଖନ୍ତୁ। ଏବେ କଡେଇରେ ତେଲ ଗରମ କରି ଏସବୁକୁ ଛାଣି ଦିଅନ୍ତୁ। ଆଳୁ ପୁରଥିବା ଏକ ଟେଷ୍ଟି ସ୍ନାକ୍ସ ପ୍ରସ୍ତୁତ ହୋଇଗଲା।



# ସୁନ୍ଦରତା ବଢ଼ାଏ ବେଲପତ୍ର



**ପୂଜା ପାଇଁ ବ୍ୟବହୃତ ହେଉଥିବା ବେଲପତ୍ରକୁ ସୌନ୍ଦର୍ଯ୍ୟ ଉପଚାରରେ ମଧ୍ୟ ବ୍ୟବହାର କରିହେବ। ତ୍ୱଚାରୁ ଆରମ୍ଭ କରି କେଶର ବିଭିନ୍ନ ସମସ୍ୟା ଦୂର କରିବା ପାଇଁ ବେଲପତ୍ର ଏକ ସୁନ୍ଦର ବିକଳ୍ପ...**

■ତ୍ୱଚାରେ ଯଦି ବିଭିନ୍ନ ପ୍ରକାରର ଦାଗ ରହିଥାଏ ଅଥବା ତ୍ୱଚା କୁଣ୍ଡାଇ ହେଉଥାଏ ତେବେ ବେଲପତ୍ରକୁ ବାଟି ଲଗାନ୍ତୁ। କିଛିଦିନ ପରେ ଏହି ସମସ୍ୟା ରହିବ ନାହିଁ। ଏହା ବ୍ୟତୀତ ଯଦି ଦେହରୁ ଝାଳ ଗନ୍ଧ ହେଉଥାଏ ତେବେ କିଛି ଦିନ ପର୍ଯ୍ୟନ୍ତ ବେଲପତ୍ରକୁ ବାଟି ଲଗାନ୍ତୁ। ଏହା ସହିତ ସ୍ନାନ ସମୟରେ ବେଲପତ୍ରର ତେଲକୁ ଲଗାନ୍ତୁ।

■ଯଦି କେଶ ଝଡିବାର ସମସ୍ୟା ରହିଥାଏ ତେବେ ବେଲପତ୍ର ରସ ପ୍ରତିଦିନ ପିଅନ୍ତୁ। ଏହା ସହିତ ବେଲପତ୍ରକୁ ବାଟି ସେଥିରେ ଏକ ଚାମଚ ମହୁ ମିଶାଇ କେଶ ମୂଳରେ ଲଗାନ୍ତୁ। କିଛି ଘଣ୍ଟା ରଖିବା ପରେ କେଶ ଧୋଇ ଦିଅନ୍ତୁ। କିଛି ଦିନ ଏପରି କରିବା ଫଳରେ କେଶ ଝଡିବା କମ୍ ହେବା ସହିତ କେଶ ଅଧିକ କୋମଳ ହୋଇଯିବ।

■କେଶରେ ଯଦି ରୂପି ସମସ୍ୟା ରହିଥାଏ ତେବେ ବେଲପତ୍ରକୁ ବାଟି ରସ ବାହାର କରି ଦିଅନ୍ତୁ। ଏବେ ଏଥିରେ ଅଳ୍ପ କର୍ପୂର ଓ ରାଶି ତେଲ ମିଶାଇ କେଶ ମୂଳରେ ଲଗାନ୍ତୁ। ପ୍ରାୟ ଏକ ଘଣ୍ଟା ପରେ କେଶ ଧୋଇ ଦିଅନ୍ତୁ। ନିୟମିତ ଏପରି କରିବା ଫଳରେ ରୂପି ସମସ୍ୟା ଦୂର ହୋଇଯିବ।

■ବେଲପତ୍ରରେ ବହୁ ଔଷଧୀୟ ଗୁଣ ରହିଛି। ତେଣୁ ଶରୀରର କୌଣସି ସ୍ଥାନରେ ଯଦି ଧଳା ଦାଗର ସମସ୍ୟା ରହିଥାଏ ତେବେ ବେଲପତ୍ର ବ୍ୟବହାର କରିହେବ। ଏଥିପାଇଁ ବେଲପତ୍ରକୁ ବାଟି ଅଧଘଣ୍ଟା ପର୍ଯ୍ୟନ୍ତ ସେହି ସ୍ଥାନରେ ଲଗାନ୍ତୁ। ଏହାପରେ ଧୋଇ ଦିଅନ୍ତୁ। କିଛି ଦିନ ପରେ ଧଳା ଦାଗ ଦୂର ହେବା ସହିତ ତ୍ୱଚା ଅଧିକ କୋମଳ ହୋଇପାରିବ।




# ପାର୍ବଣରେ...



**ପାର୍ବଣ ଆସିଲେ ହିଁ ମନରେ ଭରିଯାଏ ଆନନ୍ଦ। ଏହି ଅବସରରେ କିଏ କେମିତି ଖୁସି ମନାଇବେ ସେଥିପାଇଁ କେତେ କଳ୍ପନାଜଳ୍ପନା। କିନ୍ତୁ ଏମିତି କେତେଜଣ ଅଛନ୍ତି ଯେଉଁମାନଙ୍କ ପାଇଁ ପାର୍ବଣରେ ଖୁସି ସାଙ୍ଗରେ ଦାୟିତ୍ୱ ବି ଥାଏ ଅନେକ...**

ଗାଁଗଣ୍ଡା, ପୁରପଲ୍ଲୀ ସବୁଠି ଏବେ ପାର୍ବଣର ପରିବେଶ। ଦଶହରାକୁ ସ୍ୱାଗତ କରିବା ପାଇଁ ସମସ୍ତେ ନିଜ ନିଜ ଢଙ୍ଗରେ ପ୍ରସ୍ତୁତି କରିଛନ୍ତି। କିଏ କେଉଁଠି ଛୁଟି କଟେଇବ କି ଶପିଂ କରିବ ଅବା ଖିଆପିଆ, ବୁଲାବୁଲି ମଜାମସ୍ତିରେ ସମୟ କାଟିବ ସେଥିପାଇଁ ପ୍ଲାନିଂ ଜୋରଦାର। ପିଲାମାନେ ତ ଏଥିପାଇଁ ନିଜ ନିଜ ପ୍ଲାନିଂ ଅନୁସାରେ ମଜା ନେବାକୁ ଆଗୁଆ ସ୍ଥିର କରି ସାରିଲେଣି। ତା' ଛଡ଼ା ଦୁଇ ବର୍ଷ ପରେ କରୋନା କଟକଣା ନ ଥିବାରୁ ଦଶହରା ପାଇଁ ସମସ୍ତଙ୍କ ମନରେ ଢେର୍ ଉତ୍ସାହ। କିନ୍ତୁ ଏମିତି କେତେଜଣ ଅଛନ୍ତି ଯେଉଁମାନଙ୍କ ପାଇଁ ଏସବୁ ମଜାମସ୍ତିରେ ଥାଏ କଟକଣା। କେବଳ କର୍ତ୍ତବ୍ୟ ପାଇଁ ସେମାନେ ସବୁବେଳେ ତତ୍ପର ରହିଥାନ୍ତି।

## ଛୁଟିରେ କାମ ବେଶି

*–ମମତା ଜେନା*
*ଗୃହିଣୀ, ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର*





ଦଶହରା ଛୁଟି ପାଇଁ ଘରେ ବହୁତ ଗହଳି। ପିଲାମାନଙ୍କ ସହିତ ଘରେ ବନ୍ଧୁବାନ୍ଧବ ବି ଆସିଥାନ୍ତି। ସେଥିପାଇଁ ତ ମୋର କାମ ବହୁତ ବଢି ଯାଇଥାଏ। ଅବଶ୍ୟ ଅଧିକ କାମ କଲେ ବି ମନ ଖୁସି ରହିଥାଏ। ଛୁଟି ସମୟରେ ଘରେ ଥିବାବେଳେ ସମସ୍ତଙ୍କ ସହିତ ରହିବା ଆଉ ସେମାନଙ୍କ ପାଇଁ ରୋଷେଇ କରିବା ହିଁ ମୋ ପାଇଁ ଛୁଟି କଟେଇବା ଭଳି ଲାଗେ। ଏମିତିକି ସମସ୍ତଙ୍କୁ ଏକାଠି ବିଭିନ୍ନ ପ୍ରକାର ରୋଷେଇ କରି ଖାଇବାକୁ ଦେବା ଲାଗି ମତେ ବହୁତ ଭଲ ଲାଗେ। ଆଉ ବେଳେବେଳେ ନନ୍ଦନକାନନ କିମ୍ବା ପାର୍କ ଆଦି ବିଭିନ୍ନ ସ୍ଥାନକୁ ଆମେ ସମସ୍ତେ ଏକାଠି ହୋଇ ଯାଉ। ସମସ୍ତଙ୍କ ସହ ବୁଲିବା ଆଉ ସେମାନଙ୍କ ଖୁସିରେ ସାମିଲ ହେବାରେ ଏକ ଭିନ୍ନ ଆନନ୍ଦ ମିଳେ। ଛୁଟି ସରିଗଲେ ତ ସମସ୍ତେ ନିଜ ନିଜ କାମରେ ବ୍ୟସ୍ତ ରହିବେ ଆଉ ପୁଣି ଥରେ ଧରାବନ୍ଧା ରୁଟିନ ଜୀବନ ଆରମ୍ଭ ହୋଇଯିବ। ଅଧିକ କାମ ହୋଇଥାନ୍ତା, କିନ୍ତୁ ପରେ ନିଜ କାମରୁ ବେଳେବେଳେ ଏତେ ଆତ୍ମସନ୍ତୋଷ ମିଳେ ଯେ ସବୁ ଛୁଟି ପାଳିବାର ମଜା ମତେ ସେଇ ମାଧ୍ୟମରେ ମିଳିଯାଏ। ଦଶହରା ସମୟରେ ବେଳେବେଳେ ମୋର ଅପରେଶନ ଚାଲିଥାଏ ଆଉ ଝିଅଟିଏ ହେଲେ ମତେ ଲାଗେ ବୋଧେ ମାଆଙ୍କର ଦର୍ଶନ ହୋଇଗଲା। ଏସବୁ ପରେ ମତେ ଲାଗେ ନିଜ କର୍ତ୍ତବ୍ୟ କରିବାରେ ହିଁ ଆତ୍ମତୃପ୍ତି। ଏମିତିରେ ଆହୁରି ଅନେକ ଅଛନ୍ତି ଯେଉଁମାନଙ୍କର ଦାୟିତ୍ୱ ଛୁଟି ସମୟରେ ଆହୁରି ଅଧିକ ବଢି ଯାଇଥାଏ।

## ଆତ୍ମତୃପ୍ତି ମିଳେ

*–ମୋନାଲିସା ନାୟକ*
*ଗାଇନିକ୍ ସ୍ପେଶାଲିଷ୍ଟ, ଶ୍ରୀ ହସ୍‌ପିଟାଲ*

ମତେ ଯେବେ ଛୁଟି ମିଳେ ସେତେବେଳେ ମୋ ପାଇଁ ହୁଏ ଦଶହରା। ଏକଥା ମୁଁ ସିନା ବୁଝିସାରିଛି ହେଲେ ପିଲାମାନଙ୍କୁ ବୁଝାଇବାକୁ ଟିକେ କଷ୍ଟ ହୁଏ। ପିଲାମାନଙ୍କର ଛୁଟି ଅଛି ଓ ସେମାନେ ଘରେ ଅଛନ୍ତି କିନ୍ତୁ ମୋ ପାଖରେ ତାଙ୍କ ପାଇଁ ସମୟ ନାହିଁ। ଅବଶ୍ୟ ମୋ ଝିଅ ଏବେ ଦଶ ଏଗାର ବର୍ଷର ହେଲାଣି ବୋଲି ଟିକେ ବୁଝିଗଲାଣି ଯେ, ମାମା ସାଙ୍ଗରେ ସେ ବୁଲିବାକୁ ଯାଇପାରିବନି। ତେଣୁ ଆଈ ସାଙ୍ଗରେ ସେ ବୁଲିବା ପାଇଁ ନିଜ ଆଡୁ ପ୍ଲାନ କରିଛି। ପୁଅ ଛୋଟ ଅଛି ବୋଲି ସବୁଦିନ କହୁଛି ଯେ ଆମ ସାଙ୍ଗରେ ବୁଲିବ ଆଉ ଖେଳଣା କିଣିବ, ଅମକ ଖାଇବ ଇତ୍ୟାଦି। ବେଳେବେଳେ ଭାବେ ଡାକ୍ତର ହୋଇ ନ ଥିଲେ ଅନ୍ୟ କେଉଁ ପ୍ରଫେସନରେ ଥିଲେ ହୁଏତ ଭଲ ପଡିଲେ ବି ଛୁଟିରେ ସମସ୍ତଙ୍କ ସହ ସମୟ କାଟିବା ପାଇଁ ମତେ ଭଲ ଲାଗେ। ତେଣୁ ଛୁଟି ସମୟରେ ମତେ ଘରଛାଡି ଅନ୍ୟ କେଉଁଠିକୁ ଏକୁଟିଆ ବୁଲିବାକୁ ଯିବାକୁ ବି ଇଚ୍ଛା ହୁଏନି।



ମୋନାଲିସା ନାୟକ



ମମତା ଜେନା



ସୁଚିତ୍ରା ପରିଡା

## କାମ ଭିତରେ ମଜା

*–ସୁଚିତ୍ରା ପରିଡା, ଆଇଆଇସି, ପାହାଳ*

ସମସ୍ତଙ୍କର ଛୁଟି ମାନେ ଆମର କାମ ଅଧିକ। କିନ୍ତୁ କାମ ଭିତରେ ଗୋଟେ ଅଲଗା ପ୍ରକାରର ମଜା ଲାଗେ। ସେଇଠି ଭିତରେ କାମ କରୁ ଆଉ ସେଇଠି ତାରି ଭିତରେ ଏନ୍‌ଜଏ ବି କରୁ। ଲୋକଙ୍କୁ ସୁରକ୍ଷା ଦେବା ପାଇଁ ଆମେ ଭିଡ ନିୟନ୍ତ୍ରଣ କରୁ। ସେଥିପାଇଁ ଖୁସି ଲାଗେ ଯେ ଆମେ ଲୋକଙ୍କ ପାଇଁ କାମ କରୁଛୁ। ତା'ଛଡା ପରିବାରକୁ ସମୟ ଦେବା ପାଇଁ ଆମ ପାଖରେ ଟାଇମ୍ ହୁଏନି ସିନା ଏଥିପାଇଁ କାହାର ବି ଆଉ ମନଦୁଃଖ ହେଉନି। ଘର ଲୋକେ ସବୁ ଏବେ ଆଡ୍‌ଜଷ୍ଟ କରି ସାରିଲେଣି। ଏବେ ପୂଜା ଆରମ୍ଭ ହୋଇନି ସତ କିନ୍ତୁ ମାର୍କେଟିଂ ପାଇଁ ବହୁତ ଗହଳି ହେଉଛି। ସବୁଠି ଆମର ଦାୟିତ୍ୱ ବଢିଯାଇଛି। କିନ୍ତୁ ଏଇଠି ବାହାରେ କାମ କରିବା ଭିତରେ ଆମେ ଖୁସି ହେଉଛୁ, ମଜା ବି କରୁଛୁ। ଭିଡ ଭିତରେ କାହାର କିଛି ଅଘଟଣ ନ ହେଉ କେଉଁଠି କିଛି ଅସୁବିଧା ନ ହେଉ ସମସ୍ତେ ଶାନ୍ତିଶୃଙ୍ଖଳାର ସହିତ ବୁଲାବୁଲି କରନ୍ତୁ ଏଥିପାଇଁ ଆମକୁ ପ୍ରତି ମୁହୂର୍ତ୍ତରେ ସଜାଗ ହୋଇ ରହିବାକୁ ପଡିଥାଏ। ଏମିତି ଛୁଟି ସମୟରେ ଆମକୁ ଅଧିକ ସମୟ କାମ କରିବାକୁ ପଡିଥାଏ। ଏଥିପାଇଁ କେବେ ବି ମୋର କିମ୍ବା ମୋ ସହକର୍ମୀ କାହାର ବି ମନଦୁଃଖ ହୁଏନି।

# ଫଳ ଖାଆନ୍ତୁ ଏମିତି

**ପ୍ରତିଦିନ ଫଳ ଖାଇବା ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ, କିନ୍ତୁ ଠିକ୍ ଢଙ୍ଗରେ ନ ଖାଇଲେ ହୁଏତ ଫାଇଦା ମିଳି ନ ପାରେ। ତେଣୁ ନିୟମ ଅନୁସାରେ କିପରି ଫଳ ଖାଇବେ ଜାଣି ରଖନ୍ତୁ...**

➤ତରକାରି କିମ୍ବା ସାଲାଡ ଖାଇବା ସମୟରେ ଫଳ ଖାଆନ୍ତୁ ନାହିଁ। ଏହି ଅଭ୍ୟାସ ଯୋଗୁଁ ପାଚନ ସମସ୍ୟା ଦେଖା ଦେବା ସହିତ ତ୍ୱଚା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଦେଖା ଦେଇଥାଏ।

➤ଜୁସ୍ ପିଇବା ବଦଳରେ ଫଳକୁ କାଟି ଖାଇବା ଭଲ। କାରଣ ଜୁସକୁ ଛାଣିବା ପରେ କିଛି ପୋଷକ ତତ୍ତ୍ୱ ରହି ଯାଇଥାଏ।

➤ଫଳକୁ କେବେହେଲେ କ୍ଷୀର ସହିତ ଖାଇବା ଉଚିତ୍ ନୁହେଁ। କ୍ଷୀର ସହିତ ବିଭିନ୍ନ ପ୍ରକାରର ଫଳକୁ ସେକ୍ କରି ପିଇବାକୁ ହୁଏତ ସ୍ୱାଦିଷ୍ଟ ଲାଗିପାରେ, କିନ୍ତୁ ସ୍ୱାସ୍ଥ୍ୟ ପାଇଁ ଏହା ଆଦୌ ଭଲ ନୁହେଁ।



➤ରାତିରେ ଖାଇ ସାରିବା ପରେ ଫଳ ଖାଇବା ଠିକ୍ ନୁହେଁ। ଏହା ହଜମ ସମସ୍ୟା ସୃଷ୍ଟି କରିଥାଏ।



## ସଂକ୍ଷେପରେ

### ଗଞ୍ଜାମରେ ରାଜପଥର ୫ସ୍ଥାନ ଦୁର୍ଘଟଣାପ୍ରବଣ

ଛତ୍ରପୁର,୩।୧୦(ଡି.ଏନ୍.ଏ.)-ଗଞ୍ଜାମ ଜିଲା ଦେଇ ୧୬ନଂ. ଜାତୀୟ ରାଜପଥ ଯାଇଛି। ତେବେ ଜାତୀୟ ଓ ରାଜ୍ୟ ରାଜପଥର ବିଭିନ୍ନ ସ୍ଥାନରେ ଇଞ୍ଜିନିୟରିଂ ତ୍ରୁଟି, ସାଇନେଜ୍ ଓ ରେଡିୟମ ନ ଥିବାରୁ ନିର୍ଦ୍ଦିଷ୍ଟ ସ୍ଥାନଗୁଡିକରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଉକ୍ତ ଦୁର୍ଘଟଣାପ୍ରବଣ ସ୍ଥାନଗୁଡିକୁ ଆରଟିଓଙ୍କ ପକ୍ଷରୁ ଚିହ୍ନଟ ହୋଇଥିଲେ ମଧ ଏହା ଉପରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ଦୁର୍ଘଟଣା ପୂର୍ବଭଳି ଚାଲିଛି।

ଦୁର୍ଘଟଣାପ୍ରବଣ ୫ଟି ରାସ୍ତା ଛକ ମଧରେ ରହିଛି ଛତ୍ରପୁର ନିକଟ ଉଜ୍ଜ୍ୱଳେଶ୍ୱରୀ ଛକ, ପାରଳା ମହାରାଜା ଇଂଜିନିୟରିଂ ସ୍କୁଲ ରାସ୍ତା-ନରେନ୍ଦ୍ରପୁର ଛକ, ଗୋଳନ୍ଥରା-ରଣ୍ଡା ଛକ-ହଳଦୀଆପଦର ଛକ ଓ ଖଲ୍ଲିକୋଟ ସାନଘାଟି, ଜିଲୁଣ୍ଡି ଛକ-ଭଞ୍ଜନଗର ଏବଂ କରଡାବାଡି ଗାଁରୁ ସୋରଡା ଟୋଲଗେଟ୍ ରହିଛି। ଏସବୁ ରାସ୍ତା ଗଞ୍ଜାମ ଓ ବ୍ରହ୍ମପୁର ପୋଲିସ ଜିଲାର ୧୦ଟି ଥାନା ଅଞ୍ଚଳ ମଧରେ ଆସୁଛି। ପୁରୁଷୋତ୍ତମପୁର, ଆସିକା, କୋଦଳା, ରମ୍ଭା, ସୋରଡା, ବ୍ରହ୍ମପୁର ଟ୍ରାଫିକ୍, ଗୋଳନ୍ଥରା, ବ୍ରହ୍ମପୁର ସଦର, ଦିଗପହଣ୍ଡି ଓ ଜରଡା ଥାନା ଅଞ୍ଚଳରେ ଅଧିକ ଦୁର୍ଘଟଣା ଘଟୁଥିବା ରେକର୍ଡ ହୋଇଛି।

### ଲିଙ୍ଗାଗଡ଼ରେ ଗ୍ରାମସଭା ଆଗାମୀ ଆର୍ଥିକ ବର୍ଷ ପାଇଁ ବାର୍ଷିକ ଖସଡ଼ା ପ୍ରସ୍ତୁତ

ଜି.ଉଦୟଗିରି,୩।୧୦(ଡି.ଏନ.ଏ.)ଲିଙ୍ଗଗଡ଼ ପଞ୍ଚାୟତ ପରିସରରେ ଲିଙ୍ଗଗଡ଼ ପଞ୍ଚାୟତର ଗ୍ରାମସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଅବୋଲକରା ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆଗାମୀ ଆର୍ଥିକ ବର୍ଷ ପାଇଁ ଅଟକଳ ବାର୍ଷିକ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରରେ ଜିଆର୍ଏସ୍ ପ୍ରଭାତ ଚନ୍ଦ୍ର ପ୍ରଧାନ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧରେ ନାଏବ ସରପଞ୍ଚ ରଶ୍ମିତା ପ୍ରଧାନ, ବ୍ଲକ କୋଡିନେଟର ସୁଜିତ୍ କୁମାର୍ ନାୟକ, ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ସମେତ ବହୁ ସଂଖ୍ୟକ ଲୋକ ଯୋଗ ଦେଇଥିଲେ। ଗ୍ରାମସଭାରେ ବିଶେଷକରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଆବାସ ଯୋଜନା ଓ ବିଭିନ୍ନ ପ୍ରକାର ଭତ୍ତା ସହ ପଞ୍ଚାୟତ ସ୍ତରରେ ହେବାକୁ ଥିବା ଅନେକ ଜନ ହିତକର ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା।

### ଗଛରୁ ପଡ଼ି ଜଣେ ମୃତ

ପାରଳାଖେମୁଣ୍ଡି, ୩।୧୦(ଡି.ଏନ୍.ଏ.)-ପାରଳାଖେମୁଣ୍ଡି ସହରର ଜଣେ ବ୍ୟକ୍ତିଙ୍କ ସୋମବାର ଗଛରୁ ପଡି ମୃତ୍ୟୁ ଘଟିଛି। ସେ ହେଲେ ବଡବ୍ରାହ୍ମଣସାହି ବାସିନ୍ଦା ରମାକାନ୍ତ ପାଣିଗ୍ରାହୀ (୫୫)। ସକାଳେ ରମାକାନ୍ତ ମହାଷ୍ଟମୀରେ ପୂଜା ପାଇଁ ବେଲ ପତ୍ର ତୋଳିବାକୁ ନିଜ ବାରିପଟେ ଥିବା ଗଛ ଚଢିଥିଲେ। କୌଣସି କାରଣରୁ ତାଙ୍କ ଗୋଡ ଖସିଯିବାରୁ ତଳେ ପଡି ଗୁରୁତର ଆହାତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ପାରଳାଖେମୁଣ୍ଡି ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବିଶାଖାପାଟଣା ମେଡିକାଲ ସ୍ଥାନାନ୍ତର କରିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୂର୍ବତନ କାଉନସିଲର ବିଭୂତି ଭୂଷଣ ନାୟକ, ତ୍ରିପତି ପାତ୍ରଙ୍କ ସମେତ ବଡବ୍ରାହ୍ମଣସାହି ବାସିନ୍ଦା ଏବଂ ବଡବ୍ରାହ୍ମଣ ସାହି ଦୁର୍ଗାପୂଜା କମିଟି ପକ୍ଷରୁ ଶୋକ ପ୍ରକାଶ କରାଯିବା ସହ ମୃତକଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ୧୦ ଦିନ ଖୋଲାହୁଏ ମା’ ଦାଣ୍ଡୁମାରାମ୍ମାଙ୍କ ମନ୍ଦିର

ପାରଳାଖେମୁଣ୍ଡି,୩।୧୦ (ଡି.ଏନ୍.ଏ.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ରହିଛି ଭିନ୍ନ ପରମ୍ପରାର ଏକ ଦୁର୍ଗା ମନ୍ଦିର। ମନ୍ଦିରଟି ବର୍ଷକୁ ମାତ୍ର ୧୦ଦିନ ପାଇଁ ଖୋଲା ହୁଏ ଓ ପୂଜାନୀତି ଚାଲେ। ପୁରାତନ ଏହି ମନ୍ଦିରଟି ପାରଳା ରାଜ ପରିବାର ତରଫରୁ ନିର୍ମିତ। ମା’ ଦୁର୍ଗା ଏଠାରେ ମା’ ଦାଣ୍ଡୁମାରାମ୍ମା ନାମରେ ପୂଜା ପାଇ ଆସୁଛନ୍ତି। ବର୍ଷକୁ ଥରେ କେବଳ ନବରାତ୍ର ୯ ଦିନ ମା’ଙ୍କ ପୂଜାର୍ଚ୍ଚନା ପରେ ବିଜୟା ଦଶମୀ ବିଳମ୍ବିତ ରାତିରେ ମନ୍ଦିରକୁ ବନ୍ଦ କରି ଦିଆଯାଏ। ରାଜାଙ୍କ ସମୟରେ ମହାଷ୍ଟମୀ ରାତିରେ ମା’ଙ୍କ ନିକଟରେ ବଳି ଦେବା ପ୍ରଥା ରହିଥିଲା। କାଳକ୍ରମେ ଏହି ପ୍ରଥା ବନ୍ଦ ହୋଇଯାଇଛି। ଏବେ ମନ୍ଦିର ନିକଟରେ ଥିବା ଦଣ୍ଡୁମାଲାସାହି ବାସିନ୍ଦାଙ୍କ ଦ୍ୱାରା ମନ୍ଦିର ବର୍ତ୍ତମାନ ପରିଚାଳନା କରାଯାଉଛି। ପାରଳା ସହରବାସୀଙ୍କ ଆର୍ଥିକ ସହାୟତାରେ ବର୍ତ୍ତମାନ



ମା’ ଦାଣ୍ଡୁମାରାମ୍ମା।

ଜାକଜମକରେ ମା’ଙ୍କ ନବରାତ୍ର ପାଳନ ଚାଲିଛି। ଦାଣ୍ଡୁମାଲାସାହି ବାସିନ୍ଦା ମା’ଙ୍କୁ ଏହି ୯ ଦିନ ନିଜ ଘରେ ଖିରି, ଖେଚେଡି ଆଦି ପ୍ରସ୍ତୁତ କରି ଆଣି ଭୋଗ

**ଭିନ୍ନ ଏକ ପରମ୍ପରା**

ଲଗାଇଥାନ୍ତି। ବିଶ୍ୱାସ ରହିଛି, ମା’ ଦାଣ୍ଡୁମାରାମ୍ମାଙ୍କୁ ଦର୍ଶନ କଲେ ସର୍ବମଙ୍ଗଳ ପ୍ରାପ୍ତି ହେବା ସହ ଦୂରାରୋଗ୍ୟ ଓ ସମସ୍ତ କ୍ଲେଶ ଦୂର ହୁଏ। ଯାହା ମାନସିକ କଲେ ପୂର୍ଣ୍ଣ ହୁଏ। ମା’ଙ୍କ ପ୍ରତିମୂର୍ତ୍ତି ପଛରେ ଏକ ସାପବିଳା ରହିଛି। ଏଥିରେ ବହୁ କାଳରୁ ଏକମାତ୍ର ନାଗସାପ ରହିଥିବା ବିଶ୍ୱାସ ରହିଛି। ଗତ ରବିବାର ଅଷ୍ଟମୀ ପୂଜା ଉପଲକ୍ଷେ ମନ୍ଦିର ଜନଗହଳି ଥିବା ସମୟରେ ମା’ଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ନାଗ ସାପ ଦେଖିବାକୁ ମିଳିଥିଲା। ସାପ ଦେଖିବା ପାଇଁ ସହରର ଚାରିପଟୁ ଭକ୍ତଙ୍କ ଗହଳି ହୋଇଥିଲା। ନବରାତ୍ର ସରିଲେ ମନ୍ଦିର ବନ୍ଦ ହେବା ପରେ ଏହି ନାଗସାପଟି ମା’ଙ୍କ ଠାରେ ଜଗି ରହି ଆସୁଥିବା ବିଶ୍ୱାସ ରହିଛି। ଏଭଳି ଅନେକ କିମ୍ବଦନ୍ତୀ ଥିବା ଏହି ମନ୍ଦିରକୁ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ନବରାତ୍ରରେ ବହୁ ଭକ୍ତ ଆସି ପୂଜାର୍ଚ୍ଚନା କରିଛନ୍ତି।

# ଟ୍ରେଜେରି ଅଫିସ ଷ୍ଟ୍ରଙ୍ଗ ରୁମ୍‌ରେ ରହିବ ହାତୀଦାନ୍ତ

ଛତ୍ରପୁର,୩।୧୦(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଛତ୍ରପୁରସ୍ଥିତ ଜିଲା ଟ୍ରେଜେରି କାର୍ଯ୍ୟାଳୟର ଷ୍ଟ୍ରଙ୍ଗରୁମ୍‌ରେ ହାତୀ ଦାନ୍ତ ରଖାଯିବାକୁ ସ୍ଥିର ହୋଇଛି। ପ୍ରାୟ ୧୫ ବର୍ଷ ପୂର୍ବେ ରମ୍ଭା ୱାଇଲ୍ଡ ଲାଇଫ୍ ରେଞ୍ଜ ଅଞ୍ଚଳରେ ଏକ ଛୁଆହାତୀ ମୃତ୍ୟୁ ହୋଇଥିଲା। ତାହାର ଦୁଇଟି ଦାନ୍ତ ପ୍ରଥମେ ରମ୍ଭା ୱାଇଲ୍ଡ ଲାଇଫ୍ ରେଞ୍ଜ ଅଫିସରେ ରଖାଯାଇଥିଲା। ରମ୍ଭା ୱାଇଲ୍ଡ ଲାଇଫ୍ ଖୋର୍ଦ୍ଧା ଜିଲା ବାଲୁଗାଁସ୍ଥିତ ଚିଲିକା ୱାଇଲ୍ଡ ଲାଇଫ୍ ଡିଭିଜନର ଡିଏଫଓଙ୍କ କାର୍ଯ୍ୟାଳୟ ଅଧୀନରେ ଆସୁଥିବାରୁ ପରେ ହାତୀ ଦାନ୍ତ ୨ଟି ସେଠାକୁ ସ୍ଥାନାନ୍ତର ହୋଇଥିଲା। ବର୍ତ୍ତମାନ ସୁଦ୍ଧା ତାହା ଉକ୍ତ କାର୍ଯ୍ୟାଳୟରେ ରହିଛି। ପୂର୍ବରୁ ସବୁ ଡିଭିଜନ ଓ ରେଞ୍ଜ ଅଫିସରେ ଥିବା ହାତୀଦାନ୍ତ ଗୁଡିକୁ ସମ୍ପୃକ୍ତ ଅଞ୍ଚଳର ଟ୍ରେଜେରି ଅଫିସ ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଥିଲା। ମାତ୍ର ଏହି ୨ଟି ଦାନ୍ତକୁ ଷ୍ଟ୍ରଙ୍ଗରୁମ୍‌ରେ କୌଣସି କାରଣରୁ ରଖାଯାଇ ନ ଥିଲା। ଏ ନେଇ ୱାଇଲ୍ଡ ଲାଇଫ୍ ପକ୍ଷରୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଥିଲା। ଛତ୍ରପୁରସ୍ଥିତ ଗଞ୍ଜାମ ଜିଲା ଟ୍ରେଜେରି ଅଫିସ ଷ୍ଟ୍ରଙ୍ଗରୁମ୍‌ରେ ହାତୀଦାନ୍ତ ୨ଟି ରଖିବାକୁ ଜିଲାପାଳ ଗତ ୨୭ ତାରିଖରେ ଟ୍ରେଜେରି ଅଫିସରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ୨୮ ତାରିଖରେ ହାତୀଦାନ୍ତକୁ ଟ୍ରେଜେରି ଅଫିସ ଷ୍ଟ୍ରଙ୍ଗରୁମ୍‌ରେ ରଖିବାକୁ ଟ୍ରେଜେରି ଅଫିସରଙ୍କ ପକ୍ଷରୁ ରମ୍ଭା ୱାଇଲ୍ଡ ଲାଇଫ୍ ରେଞ୍ଜ ଅଫିସରଙ୍କୁ ଏକ ଚିଠି ଆସିଛି। ଏଥିସହ ଏ ସମ୍ପର୍କରେ ବାଲୁଗାଁ ଚିଲିକା ୱାଇଲ୍ଡ ଲାଇଫ୍ ଡିଏଫଓଙ୍କୁ ମଧ ଚିଠି କରାଯାଇଛି। ଆସନ୍ତା ୧୪ ତାରିଖରେ ହାତୀଦାନ୍ତ ଦୁଇଟିକୁ ଟ୍ରେଜେରି ଅଫିସ ଷ୍ଟ୍ରଙ୍ଗରୁମ୍‌ରେ ଜମା କରିବାକୁ ଚିଠିରେ କୁହାଯାଇଛି। ସୂଚନାଯୋଗ୍ୟ, ହାତୀଦାନ୍ତ କ’ଣ ହେବ ସେ ସମ୍ପର୍କରେ ଭାରତ ସରକାର ନିଷ୍ପତି ନେବେ।

# ଏନ୍ଏସ୍ଏସ୍ ୟୁନିଟ୍-୨ର ପୂଜା ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ



ଶିବିରରେ ଉପସ୍ଥିତ ଅତିଥି।

ବୁଗୁଡା,୩।୧୦(ଡି.ଏନ.ଏ.)

ବୁଗୁଡା ପିପୁଲ୍ସ କଲେଜର ଏନ୍ଏସ୍ଏସ୍ ୟୁନିଟ୍-୨ ପକ୍ଷରୁ ଆୟୋଜିତ ସପ୍ତାହବ୍ୟାପୀ ପୂଜା ସ୍ୱତନ୍ତ୍ର ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅଧାପକ ପ୍ରଭଞ୍ଜନ ମୁନି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ମୋ କଲେଜ ଅଭିଯାନର ସଂଯୋଜକ ସୁଶାନ୍ତ କୁମାର ସାହୁଙ୍କ ସମେତ ଡେମୋନଷ୍ଟ୍ରେଟର ସୁଶାନ୍ତ କୁମାର ଦାଶ ଓ ପ୍ରଦୀପ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଶିବିରାର୍ଥୀଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ରବୀନ୍ଦ୍ରନାଥ ପୋଲାଇ ସ୍ୱତନ୍ତ୍ର ଶିବିର ଆୟୋଜନର ଲକ୍ଷ୍ୟ ଓ ଆବଶ୍ୟକତା ସମ୍ପର୍କରେ ସ୍ୱେଚ୍ଛାସେବୀଙ୍କୁ ଅବଗତ କରାଇଥିଲେ। ଉଦ୍‌ଘାଟନୀ ଦିବସରେ ସ୍ୱେଚ୍ଛାସେବୀମାନେ ପୋଷ୍ୟଗ୍ରାମ ବରଡ଼ିପଲ୍ଲୀକୁ ଯାଇ ଗ୍ରାମର ପରିବାର ଓ ଲୋକ ସଂଖ୍ୟା ସମ୍ପର୍କରେ ସର୍ଭେ କରିଥିଲେ। ତେବେ ଆସନ୍ତା ୯ ତାରିଖରେ ଉଦ୍‌ଯାପିତ ହେବାକୁ ଥିବା ଉକ୍ତ ଶିବିର ଅବସରରେ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ପୋଷ୍ୟଗ୍ରାମର ଲୋକଙ୍କ ଅର୍ଥନୈତିକ, ଶୈକ୍ଷିକ ଏବଂ ଜୀବନ ଜୀବିକା ସମ୍ପର୍କରେ ସର୍ଭେ କରାଯିବ ବୋଲି ପ୍ରୋଗ୍ରାମ ଅଧିକାରୀଙ୍କ ଠାରୁ ପ୍ରକାଶ।

# ଜନ ହିତାଧିକାରୀ ପ୍ରକଳ୍ପ ପ୍ରସ୍ତୁତିର ସଚେତନତା ଶିବିର

ଆର.ଉଦୟଗିରି,୩।୧୦(ଡି.ଏନ୍.ଏ.)

ଆର.ଉଦୟଗିରି ବ୍ଲକ ଦୁର୍ଗମ ବସ୍ତିରିଗୁଡା ପଞ୍ଚାୟତ କାର୍ଯ୍ୟାଳୟଠାରେ ଉନ୍ନୟନ କାର୍ଯ୍ୟରେ ଭାଗୀଦାରି ସମସ୍ତ ବ୍ୟକ୍ତିଙ୍କୁ ସାମିଲ କରାଯାଇ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଡିଓ ଲରିମନ ଖର୍ସେଲ ଯୋଗଦେଇ ଅଧିକରୁ ଅଧିକ ପ୍ରକଳ୍ପ ପ୍ରସ୍ତୁତି କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ପଞ୍ଚାୟତରେ ଥିବା ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରି ଭତ୍ତା ଯୋଗାଇ ଦେବାକୁ କହିଥିଲେ। ଉକ୍ତ ବୈଠକରେ ଏପିଓ, ଭାରପ୍ରାପ୍ତ ଜିପିଇଓ ଶଶାଙ୍କଶେଖର ସୁବୁଦ୍ଧି, ସରପଞ୍ଚ, ସମିତିସଭ୍ୟ, ୱାର୍ଡ ସଭ୍ୟାସଭ୍ୟ, ଜିଆରଏସ୍, ଗ୍ରାମସାଥୀ ଓ ଗ୍ରାମବାସୀ ପ୍ରମୁଖ ଯୋଗ ଦେଇଥିଲେ। ବିଡିଓ ପ୍ରଥମ କରି ପଞ୍ଚାୟତକୁ ଆସିଥିବାରୁ ପଞ୍ଚାୟତବାସୀ ବିଡିଓଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିବା ସହ ବାଜାବଜାଇ ପଞ୍ଚାୟତକୁ ପାଛୋଟି ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜେ. ସତ୍ୟନାରାୟଣ ପରିଚାଳନା କରିଥିଲେ।

# ମା’ ଖମ୍ବେଶ୍ୱରୀଙ୍କ ସୁନାବେଶ

ଆସିକା,୩।୧୦(ଡି.ଏନ.ଏ.)

ଆସିକାର ଆରାଧ ଦେବୀ ମା’ ଖମ୍ବେଶ୍ୱରୀଙ୍କ ପୀଠରେ ଗତ ସୋମବାରଠାରୁ ଦେବୀଙ୍କ ଶାରଦୀୟ ନବରାତ୍ର ପୂଜା ଲାଗି ମନ୍ଦିର ପରିସର ଉତ୍ସବ ମୁଖରିତ ହୋଇଛି। ରବିବାରଠାରୁ ଦେବୀଙ୍କ ସୁନାବେଶ ଆରମ୍ଭ ହୋଇଛି। ଏହି ବେଶ ଚାରିଦିନ ଧରି ବୁଧବାର ପର୍ଯ୍ୟନ୍ତ ରହିବ। ସଶସ୍ତ୍ର ପୋଲିସ ପହରା ମଧରେ ସ୍ୱର୍ଣ୍ଣ ଅଳଙ୍କାର ମଣ୍ଡିତ ଦେବୀଙ୍କ ସୁନାବେଶ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ଭିଡ ଜମିବାରେ ଲାଗିଛି। ଅପରପକ୍ଷେ ମନ୍ଦିର ବେଢାରେ ଶ୍ରଦ୍ଧାଳୁ ସେମାନଙ୍କ ମାନସିକ ସ୍ଥିତି ଆଶାରେ ଅଖଣ୍ଡଦୀପ ମଧ ପ୍ରଜ୍ୱଳିତ କରିଛନ୍ତି। ପ୍ରତ୍ୟହ ସୂର୍ଯ୍ୟପୂଜା, ସାଲା ପୂଜା, ଘଟପୂଜା, ଗ୍ରହଣ ମଣ୍ଡଳ ପୂଜା, ନୈବେଦ୍ୟ ସଂସ୍କାର, ଷୋଡଷ ଉପଚାର ପୂଜା, ବିଲ୍ଲୋପତ୍ର ଅର୍ଚ୍ଚନ, ହମୋଯଜ୍ଞ ଓ ଚଣ୍ଡିପାଠ ମଧରେ ଏହି ନବରାତ୍ର ପୂଜା ଚାଲୁ ରହିଛି। ପଣ୍ଡିତ ଦୟାନିଧି ଦାସଙ୍କ ଦ୍ୱାରା ଚଣ୍ଡିପାଠ କରାଯାଉଥିଲା ବେଳେ ଆଚାର୍ଯ୍ୟ ଭାବେ ମହେନ୍ଦ୍ର ଶତପଥୀ ଓ ପ୍ରଚାରକ ଭାବେ ସନ୍ତୋଷ ତ୍ରିପାଠୀ ଏହି ପୂଜାରେ ସାମିଲ ହୋଇଛନ୍ତି। ମନ୍ଦିର ପରିଚାଳନା କମିଟିର ସଭାପତି ସତ୍ୟନାରାୟଣ ସ୍ୱାଇଁ, ସଚ୍ଚିଦାନନ୍ଦ ଖଟାଇ, ମୁଖ୍ୟ ପୂଜକ ମନୋଜ ମୁନି ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ



ମା’ ଖମ୍ବେଶ୍ୱରୀଙ୍କ ସୁନାବେଶ।

ଏହି ପୂଜାର୍ଚ୍ଚନା ଚାଲିଛି। ସେହିଭଳି ଆସିକାର ଶ୍ୟାମାକାଳୀ ମନ୍ଦିର, ଦଣ୍ଡକାଳି ମନ୍ଦିର, ବସଷ୍ଟାଣ୍ଡ ଠାକୁରାଣୀ ମନ୍ଦିର ଓ କାଳଷଣ୍ଢପୁର ଦଣ୍ଡକାଳି ମନ୍ଦିରରେ ମଧ ଏହି ନବରାତ୍ର ପୂଜା ଲାଗି ଶ୍ରଦ୍ଧାଳୁଙ୍କ ସମାଗମ ଲାଗି ରହିଛି।

# ଦିଗପହଣ୍ଡି ଠାକୁରାଣୀ ଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼

ଦିଗପହଣ୍ଡି,୩।୧୦(ଡି.ଏନ.ଏ.)

ଦିଗପହଣ୍ଡି ସହରର ପାରମ୍ପରିକ ମା’ ବୁଢ଼ୀ ଠାକୁରାଣୀଙ୍କ ଶାରଦୀୟ ଯାତ୍ରା ମହୋତ୍ସବ ସୋମବାର ୩ୟ ଦିବସ ବିତିଛି। ସନ୍ଧ୍ୟାରେ ବଜାର ଗାନ୍ଧୀ ଛକ ସ୍ଥିତ ଅସ୍ଥାୟୀ ଯାତ୍ରା ପୀଠରେ ସହର ସମେତ ଆଖପାଖ ଗ୍ରାମାଞ୍ଚଳର ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଯାତ୍ରାପୀଠରେ ମୁଖ୍ୟ ପୁରୋହିତ ପଣ୍ଡିତ ସନାତନ ରଥ ଓ ସେବାୟତ ଆଦିତ୍ୟ ପାତ୍ର ପ୍ରଚଳିତ ରୀତିନୀତି ଅନୁଯାୟୀ ମା’ଙ୍କୁ ପୂଜାର୍ଚ୍ଚନା ବନ୍ଦାପନା ଓ ସହସ୍ର ପରିମିତ ଆଳତି କରିଥିଲେ। ମା’ ବୁଢ଼ୀ ଠାକୁରାଣୀଙ୍କୁ ଘଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ପାଇଁ ଆବାହନ କରାଯାଇଥିଲା। ମା’ଙ୍କ ଆଜ୍ଞାମାଳ ଖସିବା ପରେ ମୁଖ୍ୟ ଘଟ(ବଡ଼ହାଣ୍ଡି)କୁ ଶୋଭାଯାତ୍ରାର ସମ୍ମୁଖ ଭାଗରେ ରଖାଯିବା ପରେ ପାର୍ଶ୍ୱଘଟଧାରୀ ମହିଳାମାନେ ମା’ ଅନୁମତି ନେଇ ମସ୍ତକ ଉପରକୁ ଘଟ ଉଠାଇଥିଲେ। ପରେ ବାଦ୍ୟବାଜଣା ପଟୁଆରରେ ଘଟ ଶୋଭାଯାତ୍ରା ବଜାର ସାହି, ଚନ୍ଦ୍ରଚୂଡ଼ ସାହି, ଗୁଣ୍ଡିଚା ମନ୍ଦିର ରୋଡ୍, ସାନଦାଣ୍ଡ ସାହି, ଜନତାଲେନ ଦେଇ ଯାତ୍ରା ପୀଠକୁ ପ୍ରତ୍ୟାବର୍ତ୍ତନ କରିଥିଲା। କୋଭିଡ୍ କଟକଣା ଯୋଗୁ ୨ ବର୍ଷ ଯାତ୍ରା ବନ୍ଦ ଥିବା ବେଳେ ଚଳିତବର୍ଷ ଯାତ୍ରାକୁ ଖୁବ୍ ଆକର୍ଷଣୀୟ କରାଯାଇଛି। ରାତିରେ ଯାତ୍ରାପୀଠରେ ବଲାଙ୍ଗୀରର ଚେଇଁରି ସାଂସ୍କୃତିକ ଅନୁଷ୍ଠାନ ଏବଂ ଦିଗପହଣ୍ଡି ସ୍ଥିତ ଜଗନ୍ନାଥ କଳାନିକେତନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ପ୍ରାଧ୍ୟାପକଙ୍କ ବିୟୋଗରେ ଶୋକସଭା

ଭଞ୍ଜନଗର,୩।୧୦(ଡି.ଏନ.ଏ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ବଟୁକେଶର ବାରିକଙ୍କ ବିୟୋଗରେ ସୋମବାର କଲେଜରେ ଏକ ଶୋକସଭା ହୋଇଥିଲା। ଏଥିରେ ଭାରପ୍ରାପ୍ତ ଅଧକ୍ଷ ରାଜେନ୍ଦ୍ର କୁମାର ଦାସ ଅଧକ୍ଷତା କରିଥିଲେ। ଷ୍ଟାଫ୍ ଆସୋସିଏଶନ ସେକ୍ରେଟାରି ପ୍ରାଧ୍ୟାପକ ସାତ୍ୟକି ସାହୁ, ଏକାଡେମିକ କନଭେନର ଡ. ପୀତବାସ ପାଳ, ପ୍ରାଧ୍ୟାପିକା ଆରତି ପ୍ରଧାନ, ରାଜଲକ୍ଷ୍ମୀ ରଥ, ଏନ୍‌ସିସି ନାଭାଲ ଅଫିସର ଡ. ରବୀନ୍ଦ୍ର ମିଶ୍ର, ଅଧାପିକା ସ୍ମରଣିକା ପାଢୀ, ସସ୍ମିତା ଦାସ, ଅଧାପକ ବିକ୍ରମ ପ୍ରଧାନ, ବି. ପି. ମହାନ୍ତି, ସୁନୀଲ ବ୍ରହ୍ମା, ପ୍ରଦୀପ ଖଣ୍ଡୁଆଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

# ଜୁଆଖେଳ ଉପରେ ବୁଗୁଡ଼ା ପୋଲିସର ନଜର

ବୁଗୁଡ଼ା,୩।୧୦(ଡି.ଏନ୍.ଏ.)

ବୁଗୁଡ଼ା ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ପରମ୍ପରା ନାଁରେ ଆରମ୍ଭ ହୋଇଗଲାଣି ତାସଖେଳ ଏବଂ ଜୁଆଖେଳର ଆସର। କେତେକ ସ୍ଥାନରେ ମଜା ମଜଲିସରେ ଲୋକେ ତାସ ଖେଳୁଥିବା ବେଳେ ଆଉ କେତେକ ଜୁଆଖେଳରେ ପ୍ରଚୁର ଟଙ୍କା ବାଜିରେ ଲାଗୁଥିବା ଦେଖିବାକୁ ମିଳିଛି। ପୋଲିସ ମଧ ଏହି ବେଆଇନ ଜୁଆଖେଳ ରୋକିବାକୁ ବିଭିନ୍ନ ପ୍ରକାର ଉଦ୍ୟମ ଜାରି ରଖିଛି। ବିଶେଷକରି ପାର୍ବଣରତୁ ବା ଦଶହରା ଆସିଲେ ବୁଗୁଡ଼ା ଅଞ୍ଚଳ ହୁଏ ଚଳଚଞ୍ଚଳ। ଗ୍ରାମାଞ୍ଚଳଠାରୁ ଆରମ୍ଭକରି ସହରାଞ୍ଚଳ ସବୁଠି ଚାଲେ ଜୁଆଖେଳର ଆସର। ମା’ ଦୁର୍ଗାଙ୍କ ଆଗମନ କିମ୍ବା କୁମାର ପୂର୍ଣ୍ଣିମା ଉତ୍ସବକୁ ନେଇ ଲୋକମାନେ ଯେତିକି ଉତ୍ସାହିତ ହୋଇଥାନ୍ତି, ସାଙ୍ଗସାଥୀ ଓ ପରିବାର ଲୋକଙ୍କ ମଧରେ ତାସ ଖେଳିବା ପାଇଁ ମଧ ତା’ଠାରୁ ଢେର ଅଧିକ ଉତ୍ସାହିତ ହୋଇ ପଡ଼ିଥାନ୍ତି। କାଳକ୍ରମେ ଏହି ତାସଖେଳ କିଛି ଲୋକଙ୍କ ପାଇଁ ଜୁଆଖେଳର ପରମ୍ପରାରେ ପରିଣତ ହୋଇ ନିଶା ପାଲଟିଯାଇଥିବାର ଦେଖିବାକୁ ମିଳୁଛି। ଅଳ୍ପ ସମୟ ମଧରେ ଅଧିକ ଟଙ୍କା ଆୟ କରିବା ପାଇଁ କେତେଜଣ ବ୍ୟକ୍ତିବିଶେଷ ଜୁଆଖେଳ ପ୍ରତି ଆସକ୍ତ ହୋଇ ପଡୁଛନ୍ତି। ଏପରିକି ଅନେକ ସମୟରେ ବହୁ ଜୁଆଡ଼ି ନିଜର ସର୍ବସ୍ୱ ହରାଇ ରାସ୍ତାର ଭିକାରି ପାଲଟିଯାଇଥିବାର ନଜିର ରହିଛି। ପରିତ୍ୟକ୍ତ ସ୍ଥାନରେ, ନିଛାଟିଆ ଘର ମଧରେ, ଗାଁ ନିକଟ ତୋଟା କିମ୍ବା ଜଙ୍ଗଲ ମଧରେ ଜୁଆଖେଳ ଜମୁଥିବାର ଦେଖିବାକୁ ମିଳୁଛି। ସ୍ଥାନୀୟ ଥାନା ଅଧିକାରୀ ଚିତ୍ତରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ସାଦା ପୋଷାକଧାରୀ ପୋଲିସଙ୍କୁ ନିୟୋଜିତ କରାଯାଇ ଜୁଆଡ଼ି ଓ ଜୁଆଆଡ୍ଡା ଉପରେ ତୀକ୍ଷ୍ଣ ନଜର ରଖାଯାଇଥିବା ଜଣାପଡ଼ିଛି।

# ନିଖିଳ ଉତ୍କଳ ଆଳିୟ ଖଣ୍ଡାୟତ ସମାଜ ବାର୍ଷିକୋତ୍ସବ



ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଜଣେ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଭଞ୍ଜନଗର,୩।୧୦(ଡି.ଏନ୍.ଏ.)

ବେଲଗୁଣ୍ଠା ବ୍ଲକ ପାଇଲିପଡ଼ା ପଞ୍ଚାୟତ କେ.ନୂଆଗଡ ଠାରେ ସୋମବାର ନିଖିଳ ଉତ୍କଳ ଆଳିୟ ଖଣ୍ଡାୟତ ସମାଜର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ, ଆସିକା ଏମ୍‌ପି ପ୍ରମିଳା ବିଶୋଇ, ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୂର୍ବତନ ଜିଲା ପରିଷଦ ଅଧକ୍ଷ ସୁରଥ ପ୍ରଧାନ, ବେଲଗୁଣ୍ଠା ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ନାୟକ, ସମିତିସଭ୍ୟ କୁଞ୍ଜ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସନ୍ତୋଷ ସ୍ୱାଇଁ, ଜୟ ନାୟକ, ଶିବରାମ ରାଉତ, ସୁରେନ୍ଦ୍ର ଦାସ, କୁଞ୍ଜ ମହାନ୍ତି, ବିଭୁପାଦ ଜେନା, ସ୍ୱସ୍ତିକ ସିଅ ପ୍ରମୁଖ ଯୋଗଦେଇ ନିଜ ମତ ରଖିଥିଲେ। ଏହି ଅବସରରେ କୂଳର ବିଭିନ୍ନ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ

ଗଞ୍ଜାମ,୩।୧୦(ଡି.ଏନ୍.ଏ.)

ଗଞ୍ଜାମ ମହାବିଦ୍ୟାଳୟରେ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସ୍ୱଚ୍ଛ ଭାରତ ଅଭିଯାନର ସଫେଇ କାର୍ଯ୍ୟ ମହାବିଦ୍ୟାଳୟ ପରିସର ମଧରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ତଥା ଅର୍ଥନୀତି ବିଭାଗର ମୁଖ୍ୟ ଡ. ପୁରୁଷୋତ୍ତମ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଇତିହାସ ବିଭାଗର ଅଧାପକ ତଥା ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଡ. ସୁଶାନ୍ତ କୁମାର ସେଠୀ ଏହି ସଭାକୁ ସଂଯୋଜନା କରି ଆଜିର ଦିନର ମହତ୍ତ୍ୱ ଉଦ୍ଦେଶ୍ୟ ବିଷୟରେ ଦୃଷ୍ଟିଆକର୍ଷଣ କରିଥିଲେ। ଡ. ପୁରୁଷୋତ୍ତମ ସାହୁ ଗାନ୍ଧୀଙ୍କ ସ୍ୱଚ୍ଛ ଭାରତ ସ୍ୱପ୍ନ କିପରି ସାକାର ହେବ ପ୍ରାଞ୍ଜଳ ଭାବରେ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

ବର୍ଣ୍ଣନା କରିଥଲେ। ଡ. ସୁଶାନ୍ତ କୁମାର ସେଠୀ ଐତିହାସିକ ସ୍ୱଚ୍ଛ ଭାରତର ବିଷୟରେ ଆଲୋଚନା କରିଥିଲେ। ରାଜନୀତି ବିଭାଗର ଅଧାପକ ଶୁଭେନ୍ଦୁ କୁମାର ଟହଲ ସ୍ୱଚ୍ଛ ଭାରତର ଲକ୍ଷ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ଶେଷରେ ସ୍ୱେଚ୍ଛାସେବୀ ରାହୁଲ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର କର୍ମଚାରୀ ତଥା ରଘୁନାଥ ରେଡ୍ଡୀ, ପ୍ରବୀର ପାଢ଼ୀ ଓ ସ୍ୱେଚ୍ଛାସେବୀ ସୁଧାଙ୍ଗିନୀ ନାହାକ, ରଘୁନାଥ ସାହୁ, ରାମନାଥ ମଣ୍ଡଳ ଗାନ୍ଧୀଙ୍କ ଆଦର୍ଶ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ।

# ପଞ୍ଜାବରେ ଅପରେଶନ ଲୋଟସ୍ ଫେଲ୍

## ଆସ୍ଥା ଭୋଟ ଜିତିଲେ ମାନ୍

ଚଣ୍ଡିଗଡ଼,୩।୧୦

ପଞ୍ଜାବ ବିଧାନସଭାରେ କଂଗ୍ରେସ ବିଧାୟକମାନଙ୍କ କକ୍ଷତ୍ୟାଗ ସତ୍ତ୍ୱେ ଆମ୍ ଆଦ୍‌ମୀ ପାର୍ଟି ସରକାର ସୋମବାର ଆସ୍ଥା ଭୋଟ ଜିତିଯାଇଛନ୍ତି। ରାଜ୍ୟରେ ଭାଜପାର ଅପରେଶନ ଲୋଟସ୍ ବିଫଳ ହୋଇଥିବା ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଆସ୍ଥା ଭୋଟ ଜିତିବା ପରେ କହିଛନ୍ତି। ବିଧାନସଭାରେ ମୁଖ୍ୟମନ୍ତ୍ରୀ ଆସ୍ଥା ପ୍ରସ୍ତାବ ଆଣିଥିଲେ। ଏହା ଉପରେ ଆଲୋଚନା ବେଳେ ଏଏପି ବିଧାୟକମାନେ ଭାଜପାର ଅପରେଶନ ଲୋଟସ୍ ଅଭିଯାନକୁ କଡ଼ା ସମାଲୋଚନା କରିଥିଲେ। ରାଜ୍ୟ ସରକାରକୁ ଭାଙ୍ଗିବା ପାଇଁ ଏହି ଦଳ ଉଦ୍ୟମ କରୁଥିବା ଏବଂ ଏଥିପାଇଁ ଅନ୍ୟୁନ ୧୦ ଜଣ ବିଧାୟକଙ୍କୁ ୨୫ କୋଟି ଲେଖାଏ ଟଙ୍କା ଯଚାଯାଇଥିବା ଏଏପି ପୂର୍ବରୁ ଅଭିଯୋଗ କରିଥିଲା। ଆସ୍ଥା ପ୍ରସ୍ତାବ ଉପରେ ଆଲୋଚନା ପରେ ବାଚସ୍ପତି କୁଲତର



ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍

ସିଂ ସନ୍ଧୱାନ ଏହା ଉପରେ ମତାମତ ଲୋଡ଼ିଥିଲେ। ପ୍ରସ୍ତାବକୁ ସମର୍ଥନ କରୁଥିବା ସଦସ୍ୟମାନେ ହାତ ଟେକିବାକୁ କୁହାଯାଇଥିଲା। ଆଲୋଚନା ଆରମ୍ଭରୁ କଂଗ୍ରେସ ବିଧାୟକମାନେ କକ୍ଷତ୍ୟାଗ କରି ଚାଲିଯାଇଥିଲେ। ୯୧ ଏଏପି ବିଧାୟକଙ୍କ ସମେତ ୯୩ ଜଣ ପ୍ରସ୍ତାବକୁ ସମର୍ଥନ କରିଥିବାବେଳେ କେହି ବିରୋଧ କରି ନ ଥିଲେ। ଫଳରେ ସର୍ବସମ୍ମତକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିବା ବାଚସ୍ପତି କହିଥିଲେ।

# ନ୍ୟାୟ ଦାବିରେ ଚାଷୀଙ୍କ ବିକ୍ଷୋଭ

## ଲଖିମ୍‌ପୁର ଖେରି ହିଂସାକୁ ବର୍ଷେ

### ଅଭିଯୁକ୍ତଙ୍କ ବାପା ମନ୍ତ୍ରୀ ପଦରେ ଥିବାରୁ କଂଗ୍ରେସର ସମାଲୋଚନା

ଚଣ୍ଡିଗଡ଼,୩।୧୦(ଆଇଏଏନ୍ଏସ୍)

ଉତ୍ତରପ୍ରଦେଶର ଲଖିମ୍‌ପୁର ଖେରିରେ ବିକ୍ଷୋଭରତ ଚାଷୀଙ୍କ ଉପରେ ଗାଡ଼ି ମଡ଼ାଇ ମାରିବା ଘଟଣାକୁ ସୋମବାର ବର୍ଷେ ପୂରିଛି। ମୁଖ୍ୟ ଅଭିଯୁକ୍ତ ଆଶିଷ ମିଶ୍ରାଙ୍କ ବାପା ଅଜୟ ମିଶ୍ରା ଏବେ ବି କେନ୍ଦ୍ରରେ ମନ୍ତ୍ରୀପଦରେ ରହିଥିବାରୁ କଂଗ୍ରେସ ନରେନ୍ଦ୍ର ମୋଦି ସରକାରଙ୍କୁ ସମାଲୋଚନା କରିଛି। କେନ୍ଦ୍ର ସରକାରଙ୍କ କଳା ଆଇନ ବିରୋଧରେ ଚାଷୀମାନେ ଆନ୍ଦୋଳନ କରୁଥିବାବେଳେ ଜାଣିଶୁଣି ସେମାନଙ୍କୁ ହତ୍ୟା କରିବାଠାରୁ ଅଧିକ ଲଜ୍ଜାଜନକ ଘଟଣା କିଛି ନ ଥାଇପାରେ। ତଥାପି ଷଡ଼ଯନ୍ତ୍ରକାରୀ କେନ୍ଦ୍ରରେ ମନ୍ତ୍ରୀ ପଦରେ ରହିଥିବା କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି।

ଏହି ଅବସରରେ କିଷାନ ମଜଦୁର ସଂଘର୍ଷ କମିଟି (କେଏମ୍ଏସ୍‌ସି) ଡାକରାରେ ପଞ୍ଜାବର ୧୭ଟି ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଗତବର୍ଷ ଅକ୍ଟୋବର ୩ରେ ଲଖିମ୍‌ପୁର ଖେରିରେ ଆନ୍ଦୋଳନରତ ଚାଷୀଙ୍କ ଉପରେ ଭାଜପା ମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରା ଗାଡ଼ି ମଡ଼ାଇ ଦେବାରୁ ୪ ଜଣ



ଚାଷୀଙ୍କ ମୃତ୍ୟୁ ଘଟିଥିଲା ଓ ପରବର୍ତ୍ତୀ ହିଂସାରେ ଆଉ ୪ ଜଣ ପ୍ରାଣ ହରାଇଥିଲେ। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବିରେ ଚାଷୀମାନେ ଭାଲ୍ଲାଠାରେ ଅମୃତସର-ଦିଲ୍ଲୀ ରେଳଲାଇନକୁ ଅବରୋଧ କରିଥିଲେ। ଉକ୍ତ ଗଣହତ୍ୟାର ଷଡ଼ଯନ୍ତ୍ରକାରୀ ଏବେ ବି ପ୍ରମୁଖ ପଦବୀରେ ରହିଥିବାବେଳେ ଘଟଣାସ୍ଥଳରେ ଥିବା ଚାଷୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ସେମାନଙ୍କୁ ଜେଲ ପଠାଯାଇଛି ବୋଲି କେଏମ୍ଏସ୍‌ସି ସାଧାରଣ ସମ୍ପାଦକ ସରୱାନ ସିଂ ପାନ୍ଧେର୍ ଅଭିଯୋଗ କରିଛନ୍ତି। ୭୫୦ ଆନ୍ଦୋଳନରତ ଚାଷୀଙ୍କ ବଳିଦାନ ପରେ ଦିଲ୍ଲୀରେ କୃଷକ ଆନ୍ଦୋଳନ ସଫଳ ହୋଇଥିଲା ବୋଲି ଅନ୍ୟତମ ଚାଷୀ ନେତା ଗୁର୍‌ବଚନ ସିଂ ଚାବା କହିଛନ୍ତି।

# ଆସନ ଦଖଲ ପାଇଁ ୩ ଦଳର କସରତ

## ଧାମନଗର ଉପନିର୍ବାଚନ ବିଗୁଲ୍

ଭଦ୍ରକ ଅଫିସ, ୩।୧୦

ଭଦ୍ରକ ଜିଲା ଧାମନଗର ବିଧାୟକ ବିଷ୍ଣୁ ଚରଣ ସେଠୀଙ୍କ ଦେହାନ୍ତ ପରେ ଉକ୍ତ ଆସନ ଖାଲିପଡ଼ିଛି। ସୋମବାର ନିର୍ବାଚନ କମିଶନର ଧାମନଗର ଉପନିର୍ବାଚନ ତାରିଖ ଘୋଷଣା କରିଛନ୍ତି। ଆସନ୍ତା ନଭେମ୍ବର ୩ ତାରିଖରେ ଉପନିର୍ବାଚନ ହେବା ନେଇ ତାରିଖ ଘୋଷଣା ପରେ ୩ ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ପ୍ରାର୍ଥୀ ଦେବା ନେଇ କସରତ ଚଳାଇଛନ୍ତି।

ଗତ ସାଧାରଣ ନିର୍ବାଚନରେ ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ୭ଜଣ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବା ବେଳେ ୧,୬୫,୨୭୨ ଭୋଟର ମତଦାନ କରିଥିଲେ। ଭାଜପାରୁ ବିଷ୍ଣୁ ସେଠୀ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସଙ୍କୁ ହରାଇ ନିର୍ବାଚନ ଜିତିଥିଲେ। ବିଷ୍ଣୁଙ୍କୁ ୮୦,୧୧୧ ଭୋଟ ମିଳିଥିବା ବେଳେ ରାଜେନ୍ଦ୍ରଙ୍କୁ ୭୫,୪୮୬ ଖଣ୍ଡ ଭୋଟ ମିଳିଥିଲା। ସେହିପରି କଂଗ୍ରେସ ପ୍ରାର୍ଥୀ ବିଦ୍ୟାଧର ଜେନାଙ୍କ ସପକ୍ଷରେ ୭,୩୦୩ ଭୋଟ ଥିଲା। ଭାଜପାର ଗଡ଼ କୁହାଯାଉଥିବା ଧାମନଗର ଆସନକୁ ଉପନିର୍ବାଚନରେ ହାତେଇବା ପାଇଁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଭାଜପା ଜିଲା ସଭାପତି ହେମନ୍ତ ପାଢ଼ୀ।



ଉପନିର୍ବାଚନ ବିଷୟରେ ରବିବାର ରାଜ୍ୟ ସଙ୍ଗଠନ ମନ୍ତ୍ରୀ ଓ ବିରୋଧୀ ଦଳ ନେତାଙ୍କ ସହ ଆଲୋଚନା କରାଯାଇଛି। ବିଷ୍ଣୁ ବାବୁଙ୍କ ଉନ୍ନୟନମୂଳକ କାର୍ଯ୍ୟ ଓ ତାଙ୍କ ଦେହାନ୍ତର ଦେଢ଼ମାସ ମଧ୍ୟରେ ନିର୍ବାଚନ ହେଉଥିବାରୁ ଅନୁକମ୍ପା ଭୋଟ ଭାଜପାକୁ ମିଳିବ। ତାଙ୍କର ପୁତ୍ର ସୁରଜ ସୂର୍ଯ୍ୟବଂଶୀଙ୍କୁ ଦଳ ପ୍ରାର୍ଥୀ କରିବ ବୋଲି ଏକପ୍ରକାର ନିଶ୍ଚିତ ହୋଇଛି। ସାଧାରଣ ନିର୍ବାଚନଠାରୁ ଅଧିକ ବ୍ୟବଧାନରେ ଦଳ ବିଜୟୀ ହେବ ବୋଲି ସେ କହିଛନ୍ତି।

ଗତ ସାଧାରଣ ନିର୍ବାଚନରେ ବିଜେଡି ମାତ୍ର ୪,୬୨୫ ଭୋଟ୍‌ରେ ପରାଜିତ ହୋଇଥିଲା। ଏଥର ଉପନିର୍ବାଚନ ପାଇଁ ଦଳ ସବୁପ୍ରକାର ପ୍ରସ୍ତୁତ ଅଛି, ମୁଖ୍ୟମନ୍ତ୍ରୀଙ୍କ ନିର୍ମଳ ଭାବମୂର୍ତ୍ତି ଓ ଜନହିତକର ଯୋଜନାକୁ ପାଥେୟ କରି ସୁସଙ୍ଗଠିତ ଭାବେ ନିର୍ବାଚନ ଲଢ଼ିବ। ଦଳ ପକ୍ଷରୁ ଖୁବ୍‌ଶୀଘ୍ର ପ୍ରାର୍ଥୀ ଘୋଷଣା କରାଯିବ। ଉପନିର୍ବାଚନରେ ଆମେ ନିଶ୍ଚିତ ଭାବେ ବିଜୟଲାଭ କରିବୁ ବୋଲି କହିଛନ୍ତି ଦଳର ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ। ସେହିପରି କଂଗ୍ରେସ ମଧ୍ୟ ଏହି ନିର୍ବାଚନକୁ ଗୁରୁତର ସହ ନେଇଛି। ବିଧାୟକ ସେଠୀଙ୍କ ଦେହାନ୍ତ ପରେ ଏକ ସର୍ଭେ ଟିମ୍ କଂଗ୍ରେସ ପକ୍ଷରୁ ନିର୍ବାଚନମଣ୍ଡଳୀକୁ ପଠାଯାଇଛି। ସେମାନଙ୍କ ସର୍ଭେ ରିପୋର୍ଟ ଓ ସ୍ଥାନୀୟ ପଦାଧିକାରୀଙ୍କ ମତାମତ ନେଇ ଦଳ ପକ୍ଷରୁ ପ୍ରାର୍ଥୀ ଦିଆଯିବ ବୋଲି ଜିଲା ସଭାପତି ସୁବ୍ରତ ଦାସ କହିଛନ୍ତି।

## ଅନ୍ୟାନ୍ୟ ଖବର

# ପୂର୍ବତନ ବ୍ୟାଙ୍କ ଅଧିକାରୀଙ୍କ ୧.୦୫ କୋଟିର ସମ୍ପତ୍ତି ଆଟାଚ୍

ଭୁବନେଶ୍ୱର,୩।୧୦(ବ୍ୟୁରୋ)

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର କଟକ ଓ ଭୁବନେଶ୍ୱର ଶାଖାରେ ହୋଇଥିବା ଠକେଇ ମାମଲାର ଅର୍ଥ କାରବାର ସଂକ୍ରାନ୍ତରେ ତଦନ୍ତ କରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କାର୍ଯ୍ୟାନୁଷ୍ଠାନ ନେଇଛି। ଅଭିଯୁକ୍ତ ତଥା ଉକ୍ତ ବ୍ୟାଙ୍କର ପୂର୍ବତନ ହେଡ୍ କ୍ୟାସିଅର୍ ବେଦବ୍ୟାସ ବାରିକ ଓ ତାଙ୍କ ସ୍ତ୍ରୀ ସର୍ମିଳା ପଣ୍ଡାଙ୍କ ୧ କୋଟି ୫ ଲକ୍ଷ ୬୮ ହଜାର ୩୮୧ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ଇଡି ଆଟାଚ୍ କରିଛି। ଏନେଇ ଇଡି ପକ୍ଷରୁ ସୋମବାର ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

- ବିଭିନ୍ନ ନିବେଶ ଯୋଜନାରେ ଠକିଥିଲେ ୪.୭୮ କୋଟି
- ସିବିଆଇର ମାମଲା ଆଧାରରେ ତଦନ୍ତ କରିଥିଲା ଇଡି

ଏହି ସମ୍ପତ୍ତିରେ ବେଦବ୍ୟାସଙ୍କ ୮ଟି ବ୍ୟାଙ୍କରେ ଥିବା ଟଙ୍କା, ଭୁବନେଶ୍ୱର ଓ କଟକରେ ଥିବା ୪ଟି ପ୍ଲଟ୍ ଏବଂ ଗୋଟିଏ ଫ୍ଲାଟ୍ ରହିଛି। ଠକେଇ ଟଙ୍କାରୁ ଏସବୁ ସମ୍ପତ୍ତି କରାଯାଇଥିବା ପ୍ରମାଣ ମିଳିବା ପରେ ପ୍ରିଭେନ୍‌ଶନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ (ପିଏମ୍ଏଲ୍ଏ) ୨୦୦୨ ଅନୁଯାୟୀ ଏହି ପଦକ୍ଷେପ ନିଆଯାଇଛି। ଏନେଇ ଅଧିକ ତଦନ୍ତ କରାଯାଉଥିବା ଇଡି ପକ୍ଷରୁ ସୂଚନା ଦିଆଯାଇଛି।

ଇଡିର ସୂଚନା ଅନୁଯାୟୀ, ଅଭିଯୁକ୍ତ ବେଦବ୍ୟାସଙ୍କ ଘର ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ମୈତ୍ରୀ ବିହାରରେ। ସେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର କଟକ ଓ ଭୁବନେଶ୍ୱର ଶାଖାର ମୁଖ୍ୟ କ୍ୟାସିୟର ଥିଲେ। ୨୦୦୮ରୁ ୨୦୧୨ ମଧ୍ୟରେ ସେ ତାଙ୍କ ପଦବୀକୁ ଅପବ୍ୟବହାର କରି ଦିଲ୍ଲୀ ବାସିନ୍ଦା ବିଜୟ କେତନ ବାରିକଙ୍କ ସ୍ତ୍ରୀ ସୁକାନ୍ତି ବାରିକଙ୍କଠାରୁ ସୁଧମୂଳ ସହ ୪କୋଟି ୭୮ ଲକ୍ଷ ଠକେଇ କରିଥିଲେ। ସୁକାନ୍ତି କଟକ ଶାଖାରେ ଆର୍‌ଡି ଆକାଉଣ୍ଟ ଖୋଲି ୨୦୦୮ ଡିସେମ୍ବରରୁ ୨୦ ମାସ ପର୍ଯ୍ୟନ୍ତ ପ୍ରତିମାସ ୪୦ ହଜାର ଟଙ୍କା ଲେଖାଏ ଡିପୋଜିଟ୍ କରିଥିଲେ। ତେବେ ବେଦବ୍ୟାସ ୬ରୁ ୨୦ଟି କିସ୍ତି ଟଙ୍କାକୁ ଠକି ନେଇଥିଲେ। ସେହିପରି ଭୁବନେଶ୍ୱର ଶାଖାରେ ସୁକାନ୍ତି ମୋଟ ୨.୮୯ କୋଟି ଟଙ୍କା ନିବେଶ କରିଥିଲେ ମଧ୍ୟ ବେଦବ୍ୟାସ ସୁକାନ୍ତିଙ୍କୁ ୧୬ ଏଫ୍‌ଡିଆର୍‌ଏସ୍‌ର ଜାଲ୍ ରସିଦ ଦେଇଥିଲେ। ଠକେଇ ସଂକ୍ରାନ୍ତରେ ଜଣାପଡ଼ିବା ପରେ ସୁକାନ୍ତି ଏନେଇ ସିବିଆଇ ନିକଟରେ ଅଭିଯୋଗ କରିଥିଲେ। ସିବିଆଇ ୨୦୧୯ ଏପ୍ରିଲ ୯ରେ ମାମଲା ରୁଜୁ କରି ତଦନ୍ତ କରିବା ସହ ବେଦବ୍ୟାସଙ୍କୁ ଗିରଫ କରିଥିଲା। ତେବେ ସିବିଆଇର ମାମଲା ଆଧାରରେ ଇଡି ଏହି ବେଆଇନ୍ ଅର୍ଥ କାରବାର ସଂକ୍ରାନ୍ତରେ ତଦନ୍ତ ଆରମ୍ଭ କରିଥିଲା।

# ରାଉରକେଲାକୁ ମିଳିବ ମୋ ବସ୍ ସେବା

**ରାଉରକେଲା ଅଫିସ,୩।୧୦:** ହକି ବିଶ୍ୱକପ୍ ପୂର୍ବରୁ ରାଉରକେଲାକୁ ମିଳିବ ମୋ ବସ୍ ସେବା। ପ୍ରଥମ ପର୍ଯ୍ୟାୟରେ ରାଉରକେଲାକୁ ରାଜ୍ୟ ସରକାର ୧୫ଟି ବସ୍ ଯୋଗାଇ ଦେବେ ବୋଲି ସୂଚନା ମିଳିଛି। ଏହି ବସ୍ ଚଳାଚଳ ପାଇଁ କ୍ରୁଟ୍ ସଂସ୍ଥା ଦାୟିତ୍ୱ ନେବ। ସେଥିପାଇଁ ସହରରେ ବିଭିନ୍ନ ସ୍ଥାନରେ ମୋ ବସ୍ ସେବା ପାଇଁ ବସ ଷ୍ଟପେଜ ବ୍ୟବସ୍ଥା ରହିଛି। ରାଉରକେଲାରେ ମୋ ବସ୍ ଚଳାଚଳ କଲେ ସ୍ଥାନୀୟ ଲୋକେ ଉପକୃତ ହେବା ସହ ସହରରେ ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆସିପାରିବ ବୋଲି ଆଲୋଚନା ହେଉଛି।

# ଖର୍ଚ୍ଚ ଉପରେ କଟକଣା ଲଗାନ୍ତୁ ସୁପ୍ରିମକୋର୍ଟ

## ମାଗଣା ଭେଟି ଟାଇମ୍-ବମ୍

### ଏସ୍‌ବିଆଇ ରିପୋର୍ଟ

ମୁମ୍ବାଇ,୩।୧୦

ଭୋଟରମାନଙ୍କୁ ଆକୃଷ୍ଟ କରିବା ଲାଗି ସରକାରଙ୍କ ପକ୍ଷରୁ ଦିଆଯାଉଥିବା ମାଗଣା ଉପହାର ଟାଇମ୍ ବମ୍ ଭଳି ବିପଜ୍ଜନକ ବୋଲି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ରିପୋର୍ଟରେ କୁହାଯାଇଛି। ମାଗଣା ଭେଟିକୁ ନେଇ ରାଜ୍ୟ ରାଜ୍ୟ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ କମିଟି ଏଭଳି କଲ୍ୟାଣକାରୀ ଯୋଜନା ବାବଦ ଖର୍ଚ୍ଚକୁ ରାଜ୍ୟ ଜିଡିପିର ୧ ପ୍ରତିଶତ କିମ୍ବା ରାଜ୍ୟ ସଂଗ୍ରହ କରୁଥିବା ଟିକସର ୧ ପ୍ରତିଶତରେ ସୀମିତ ରଖିପାରିବେ ବୋଲି ରିପୋର୍ଟରେ ପ୍ରସ୍ତାବ ଦିଆଯାଇଛି। ଏସ୍‌ବିଆଇର ଗ୍ରୁପ୍ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ସୌମ୍ୟକାନ୍ତି ଘୋଷ ଲେଖିଥିବା ଉକ୍ତ ରିପୋର୍ଟରେ ମାତ୍ର ୩ଟି ରାଜ୍ୟର ଦୃଷ୍ଟାନ୍ତ ଦିଆଯାଇଛି। ଛତିଶଗଡ଼, ରାଜସ୍ଥାନ ଓ ଝାଡ଼ଖଣ୍ଡ ଭଳି ଗରିବ ଦେଶରେ ବାର୍ଷିକ ପେନ୍‌ସନ ବ୍ୟୟ ୩ ଲକ୍ଷ କୋଟି ଟଙ୍କା ଆକଳନ କରାଯାଇଛି। ଝାଡ଼ଖଣ୍ଡ, ରାଜସ୍ଥାନ ଓ ଛତିଶଗଡ଼ର ନିଜସ୍ୱ ଟିକସ ରାଜସ୍ୱ ସହ ପେନସନ ଦେୟତାକୁ ତୁଳନା କଲେ ଯଥାକ୍ରମେ ୨୧୭, ୧୯୦ ଏବଂ ୨୦୭ ପ୍ରତିଶତ ହେଉଛି। କେତେକ ରାଜ୍ୟ ପୁରୁଣା ପେନ୍‌ସନ ବ୍ୟବସ୍ଥା ଫେରାଇ ଆଣିବାକୁ ଚାହୁଁଛନ୍ତି, ଯେଉଁଠି ହିତାଧିକାରୀଙ୍କୁ କିଛି ଦେବାକୁ ପଡ଼ି ନ ଥାଏ।

ସଦ୍ୟ ସୂଚନା ଅନୁଯାୟୀ ରାଜ୍ୟଗୁଡ଼ିକର ବଜେଟ ବାହାରେ ଋଣ ୨୦୨୨ରେ ଜିଡିପିର ପ୍ରାୟ ୪.୫ ପ୍ରତିଶତରେ ପହଞ୍ଚିଲାଣି। କେତେକ ରାଜ୍ୟ ନିୟନ୍ତ୍ରିତ ସଂସ୍ଥା ଉଠାଉଥିବା ଋଣ ଉପରେ ସରକାରଙ୍କ ଗ୍ୟାରେଣ୍ଟି ପରିମାଣ ଏହାଠାରୁ ଯଥେଷ୍ଟ ଅଧିକ। ତେଲଙ୍ଗାନାରେ ଏହା ଜିଡିପିର ୧୧.୭ ପ୍ରତିଶତ ହୋଇଥିବାବେଳେ ସିକିମ୍‌ରେ ୧୦.୮, ଆନ୍ଧ୍ରରେ ୯.୮, ରାଜସ୍ଥାନରେ ୭.୧ ଏବଂ ଉତ୍ତରପ୍ରଦେଶରେ ୬.୩ ପ୍ରତିଶତ ରହିଛି। କେବଳ ବିଦ୍ୟୁତ୍ ସେକ୍ଟରକୁ ଋଣ ଗ୍ୟାରେଣ୍ଟିର ୪୦ ପ୍ରତିଶତ ଯାଉଥିବାବେଳେ ଜଳସେଚନ, ଭିତ୍ତିଭୂମି ବିକାଶ, ଖାଦ୍ୟ ଓ ଜଳଯୋଗାଣ ଆଦି ସେକ୍ଟରକୁ ଋଣ କରିବା ପାଇଁ ସରକାର ଗ୍ୟାରେଣ୍ଟି ଯୋଗାଇ ଦେଉଛନ୍ତି। ସେଥିପାଇଁ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରା ନିଯୁକ୍ତ କମିଟି କଲ୍ୟାଣକାରୀ ଯୋଜନା ଖର୍ଚ୍ଚକୁ ସୀମିତ ରଖିବା ନିମନ୍ତେ ସୁପାରିସ କରିବା ଆବଶ୍ୟକ ବୋଲି ରିପୋର୍ଟରେ ପ୍ରସ୍ତାବ ଦିଆଯାଇଛି। ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକରେ ବିଭିନ୍ନ ରାଜନୈତିକ ଦଳ ଦେଉଥିବା ପ୍ରତିଶ୍ରୁତି ବାବଦ ଖର୍ଚ୍ଚକୁ ରାଜସ୍ୱ ସଂଗ୍ରହ ଏବଂ ନିଜସ୍ୱ ଟିକସ ରାଜସ୍ୱ ସହ ତୁଳନା କଲେ ହିମାଚଳପ୍ରଦେଶରେ ଏହା ୧-୩ ଏବଂ ୨-୧୦ ହୋଇଥିବାବେଳେ ଗୁଜରାଟରେ ୫-୮ ଏବଂ ୮-୧୩ ପ୍ରତିଶତ ବୋଲି ରିପୋର୍ଟରେ କୁହାଯାଇଛି।

ଯେଉଁ ରାଜ୍ୟଗୁଡ଼ିକ ପୁରୁଣା ପେନସନ ଯୋଜନା ଲାଗୁ କରିଛନ୍ତି କିମ୍ବା ପ୍ରତିଶ୍ରୁତି ଦେଇଛନ୍ତି, ସେଥିପାଇଁ ୨୦୨୦ ଆର୍ଥିକ ବର୍ଷରେ ମୋଟ ଦେୟତା ୩,୪୫,୫୦୫ କୋଟି ଟଙ୍କା ରହିଥିଲା। ତାହା ଏବେ ଛତିଶଗଡ ପାଇଁ ରାଜ୍ୟ ଜିଡିପିର ୧.୯ ପ୍ରତିଶତକୁ ବୃଦ୍ଧି ପାଇବା ସହ ବ୍ୟୟଭାର ୬,୬୩୮ କୋଟିରୁ ୬୦,୦୦୦ କୋଟି ଟଙ୍କା ହେବାକୁ ଯାଉଛି। ଝାଡ଼ଖଣ୍ଡ ପାଇଁ ପେନ୍‌ସନ ବାବଦ ବ୍ୟୟଭାର ୨୦୨୦ ବର୍ଷରେ ୬,୦୦୫ କୋଟି ଥିବାବେଳେ ତାହା ରାଜ୍ୟ ଜିଡିପିର ୧.୭ ପ୍ରତିଶତ ଏବଂ ୫୪,୦୦୦ କୋଟି ଟଙ୍କା ହେବାକୁ ଯାଉଛି। ସେହିପରି ରାଜସ୍ଥାନରେ ତାହା ୨୦,୭୬୧ କୋଟିରୁ ୧.୮୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବାକୁ ଯାଉଥିବା ରିପୋର୍ଟରେ କୁହାଯାଇଛି।

ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ
୰ଚିନ୍ତାମଣି ପରିଡ଼ା
ହୁମାର, ଡେଲାଙ୍ଗ, ପୁରୀ
ଆବିର୍ଭାବ: ୦୧।୦୧।୧୯୪୧
ତିରୋଧାନ: ୨୫।୦୯।୨୦୨୨
ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
୰ସରୋଜିନୀ ପାଣି
ନାଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର ବାସିନ୍ଦା
ସ୍ୱର୍ଗତ କାଳି ପ୍ରସନ୍ନ ପାଣିଙ୍କର ଧର୍ମପତ୍ନୀ ସରୋଜିନୀ ପାଣି ଗତ ୨୪।୦୯।୨୦୨୨ ତାରିଖରେ ପରଲୋକ ଗମନ କରିଛନ୍ତି। ତାଙ୍କ ସ୍ୱର୍ଗତ ଆତ୍ମାର ସଦ୍‌ଗତି ପାଇଁ ଆମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନୀତ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର, କନ୍ୟା, ବନ୍ଧୁ ଓ ପରିବାରବର୍ଗ।
ଧ-୧୭୦୧

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
୰ପ୍ରଫେସର ପ୍ରଫୁଲ୍ଲ କୁମାର ଦାଶ
(ଡୁମୁଡୁମା, ଭୁବନେଶ୍ୱର)
ଅବସର ପ୍ରାପ୍ତ ପ୍ରଫେସର ଡ଼ିପାର୍ଟମେଣ୍ଟ ଭେଷଜ ବିଜ୍ଞାନ ପଶୁ ଚିକିତ୍ସା ମହାବିଦ୍ୟାଳୟ, ଓୟୁଏଟି
ଆବିର୍ଭାବ - ୧୩.୧୦.୧୯୪୩
ତିରୋଧାନ - ୨୩.୦୯.୨୦୨୨
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶୋକାକୁଳ ପରିବାରବର୍ଗ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ଶ୍ରୀ କାଳିଚରଣ ଦାଶ (ଭାଇ), ଡ଼. ସୁନୀଲ କୁମାର ଦାଶ (ପୁତ୍ର), ସୁଜିତ ଦାଶ (ପୁତ୍ର), ସୁଚିତ୍ରା ସାହୁ (ଝିଅ) ଏବଂ ବନ୍ଧୁ ଓ ପରିବାରବର୍ଗ।
ଧ-୭୧୫୪୦

Shradhanjali
(On 1st Death Anniversary)
DOB: 01.07.1929
DOD: 15.10.2021
Late Biswanath Mishra
(Former Law Secretary)
A noble soul, your simple, honest and disciplined life will continue to guide us. You will live in our memories and be in our prayers always.
DEEPLY MOURNED BY
Family, Friends and Relatives
ଧ-୧୬୯୧

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
୰ହୀନମଣି ଷଡ଼ଙ୍ଗୀ
ସ୍ୱାମୀ: ଗୋବିନ୍ଦ ଚନ୍ଦ୍ର ଷଡ଼ଙ୍ଗୀ
ବଳଙ୍ଗା, ରୂପଦେଇପୁର, ଅଳାରପୁର
ଆବିର୍ଭାବ: ୧୫।୦୭।୧୯୪୬
ତିରୋଧାନ: ୨୭।୦୯।୨୦୨୨
ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ଆଦର୍ଶ ଆମ ସମସ୍ତଙ୍କ ଜୀବନର ପାଥେୟ ହେଉ। ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭେମାନେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶ୍ରଦ୍ଧାଞ୍ଜଳି ସହ: ଆଦିତ୍ୟ, ସୂର୍ଯ୍ୟ, ସୁକାନ୍ତ, ସଚ୍ଚିକାନ୍ତ, ଅନୁପମା, ନିରୁପମା, ମନୋରମା।
ଧ-୧୭୦୫

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ନୟାପଲ୍ଲୀ ବ୍ରିଟ୍‌କଲୋନୀସ୍ଥ ଜାତି ପ୍ରେମୀ ମିଷ୍ଟଭାଷୀ, ପରୋପକାରୀ, ଦୀନବନ୍ଧୁ ସ୍ନେହୀ ସମାଜ ତଥା ତୈଳିକ ସମାଜ, ଭୁବନେଶ୍ୱରର ଆଜୀବନ ସଭ୍ୟ ୰ ଶ୍ରୀନିବାସ ସାହୁଙ୍କର ଗତ ତା ୦୧।୧୦।୨୦୨୨ରିଖ ଶନିବାର ରାତ୍ର ୮ଘଟିକାରେ ଦେହାନ୍ତ ହୋଇଯାଇଛି। ତାଙ୍କ ବିୟୋଗରେ ତୈଳିକ ସମାଜ ଓ ସ୍ନେହୀ ସମାଜରେ ଶୋକର ଛାୟା ଖେଳି ଯାଇଛି।
ଧ-୧୭୦୬

ଅଭିନନ୍ଦନ
ଶାରଦୀୟ ଦଶହରା ପୂଜା ଅବସରରେ ଗଞ୍ଜାମ ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି।
ଶର୍ମିଷ୍ଠା ପ୍ରଧାନ
ଅଧ୍ୟକ୍ଷା, ଗଞ୍ଜାମ ବ୍ଲକ

ଅଭିନନ୍ଦନ
ପବିତ୍ର ଦୁର୍ଗାପୂଜା ଉପଲକ୍ଷେ କମ୍ପସଲା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ବାବୁଲି ପ୍ରଧାନ
କମ୍ପସଲା ସରପଞ୍ଚ

ଅଭିନନ୍ଦନ
ପବିତ୍ର ଦଶହରା ଉପଲକ୍ଷେ ତେଣ୍ଟୁଲୋଇ କୋଡାସାହି ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ଆପଣମାନଙ୍କ ନିରାମୟ ଜୀବନପାଇଁ ମା'ଙ୍କ ନିକଟରେ ପ୍ରାର୍ଥନା।
ପ୍ରିୟଙ୍କା ସାହୁ
ତେଣ୍ଟୁଲୋଇ କୋଡାସାହି ସରପଞ୍ଚ

ଅଭିନନ୍ଦନ
ପବିତ୍ର ଦୁର୍ଗାପୂଜା ଉପଲକ୍ଷେ କରପଡା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ନାରାୟଣ ସାହୁ
ପୂର୍ବତନ ସରପଞ୍ଚ, କରପଡା

ଶାରଦୀୟ ଅଭିନନ୍ଦନ
ଯା ଦେବୀ ସର୍ବଭୂତେଷୁ...
ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ଓଡ଼ିଶାର ଅଗଣିତ ଗୁରୁଜନ, ଯୁବବର୍ଗ ଓ ଛାତ୍ରୀଛାତ୍ରଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଚିନ୍ମୟ କୁମାର ଦାସ
ବରିଷ୍ଠ ଉପସଭାପତି, ବିଜେଡି, ଓଡ଼ିଶା

ଅଭିନନ୍ଦନ
ଶାରଦୀୟ ଦଶହରା ପୂଜା ଅବସରରେ ଗଞ୍ଜାମ ବ୍ଲକ ମଲାଡ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା।
ମମତା ବେହେରା
ସରପଞ୍ଚ, ମଲାଡ ଗ୍ରାମପଞ୍ଚାୟତ

ଅଭିନନ୍ଦନ
ପବିତ୍ର ଦଶହରା ଉପଲକ୍ଷେ କୁଶକିଳା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ଆପଣମାନଙ୍କ ନିରାମୟ ଜୀବନପାଇଁ ମା'ଙ୍କ ନିକଟରେ ପ୍ରାର୍ଥନା।
ସୁଶାନ୍ତ ସାହୁ
ସରପଞ୍ଚ, କୁଶକିଳା

ଅଭିନନ୍ଦନ
ଦଶହରା ଉପଲକ୍ଷେ ଓଡ଼ିଶାବାସୀଙ୍କୁ
ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଇଂ ବିଶ୍ୱେଶ୍ୱର ଟୁଡୁ
ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ

Mob - 8637267697, 9937697918
FASHION PARADISE
Kantilo, Nayagarh
A Branded Showroom of Saree &
Readymade Garments & Kids Wear
JOCKEY mufti KILLER DUKE the essence of great fashion

# ୫୨୧ ବର୍ଷର ଦୁର୍ଗାପୂଜା



ଲକ୍ଷ୍ମଣନାଥଗଡ଼ ମା’ ଦୁର୍ଗା ମନ୍ଦିର ।

ମା’ ଦୁର୍ଗାଙ୍କ ଧରାବତରଣରେ ଚଳଚଞ୍ଚଳ ହୋଇଉଠିଛି ଗାଁରୁ ସହର । ଦୁଇବର୍ଷ ପରେ ରାଜ୍ୟବାସୀ ଧୂମ୍‌ଧାମ୍‌ରେ ପୂଜା ପାଳୁଛନ୍ତି । ସାର୍ବଜନୀନ ମଣ୍ଡପଠାରୁ ଆରମ୍ଭ କରି ଶକ୍ତିପୀଠରେ ମା’ଙ୍କ ଷୋଡ଼ଶ ଉପଚାର ପୂଜା ଚାଲିଛି । ମହାଳୟାଠାରୁ ମା’ ଦୁର୍ଗାଙ୍କ ନବରାତ୍ର ପୂଜା ଚାଲିଥିବା ବେଳେ ବିଭିନ୍ନ ବେଶରେ ମା’ ଦର୍ଶନ ଦେଉଛନ୍ତି । ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଲକ୍ଷ୍ମଣନାଥ ଗଡ଼ରେ ଏଥର ଦୁର୍ଗାପୂଜା ୫୨୧ବର୍ଷରେ ପଦାର୍ପଣ କରିଛି । ଏହି ପୀଠକୁ ତନ୍ତ୍ରପୀଠ କୁହାଯାଉଥିବା ବେଳେ ରାଜକୀୟ ଢଙ୍ଗରେ ମା’ଙ୍କ ଆବାହନ କରାଯାଇଥାଏ ।

ଶୁଣିବାକୁ ମିଳେ ବଙ୍ଗର ନବାବ ଜଳେଶ୍ୱର ସଦର କାନୁନଗୋ ଭାବେ ରାମଚନ୍ଦ୍ର ଘୋଷଙ୍କୁ ନିୟୋଜିତ କରିବା ପରେ ତାଙ୍କ ଦ୍ୱାରା ୧୫୦୮ ଖ୍ରୀଷ୍ଟାବ୍ଦରେ ମା’ଙ୍କ ଆବାହନ ଜଳେଶ୍ୱରରେ ଆରମ୍ଭ ହୋଇଥିଲା । ଚୈତନ୍ୟ ମହାପ୍ରଭୁ ପୁରୀ ଯିବା ରାସ୍ତାରେ ସଦର କାନୁନଗୋଙ୍କ ଆତିଥ୍ୟ ଗ୍ରହଣ କରିବା ସହ ଗଡ଼ର ଏହି ପୂଜାମଣ୍ଡପରେ ଆଶ୍ରୟ ନେଇଥିଲେ । ୧୫୫୦ ଖ୍ରୀଷ୍ଟାବ୍ଦରେ ବଙ୍ଗ ନବାବ ସେ ସମୟର ସଦର କାନୁନଗୋଙ୍କୁ ରାୟ ମହାଶୟ ଭାବେ ଘୋଷିତ କରିଥିଲେ । ୧୭୨୦ମସିହାରେ ରାୟ ମହାଶୟଙ୍କ ବାସସ୍ଥାନ ଜଳେଶ୍ୱରରୁ ଲକ୍ଷ୍ମଣନାଥକୁ ସ୍ଥାନାନ୍ତରିତ ହୋଇଥିଲା । ସେହିଦିନଠାରୁ ଆଜିଯାଏ ଲକ୍ଷ୍ମଣନାଥ ଗଡ଼ରେ ମା’ଙ୍କ ପୂଜାର୍ଚ୍ଚନା କରାଯାଉଛି ।

ମା’ଙ୍କ ପୂଜାର୍ଚ୍ଚନା ଏଠାରେ ସମ୍ପୂର୍ଣ୍ଣ ଭିନ୍ନ । ମା’ଙ୍କୁ ତନ୍ତ୍ରମନ୍ତ୍ର ମାଧ୍ୟମରେ ବରଣ କରାଯାଇଥାଏ । ପ୍ରଥମରୁ ମା’ଙ୍କ ଯେଉଁଭଳି ମୃଣ୍ମୟୀ ମୂର୍ତ୍ତି ହେଉଥିଲା ତାହା ଆଜି ବି ସେମିତି ତିଆରି ହେଉଛି । ମା’ଙ୍କ ମୂର୍ତ୍ତି ତିଆରି କରୁଥିବା କାରିଗର ତାଙ୍କର ପରପିଢ଼ି ଏବେ ଯାଏ ମୂର୍ତ୍ତି ତିଆରି କରୁଛନ୍ତି । ତେବେ ମା’ଙ୍କ ମୂର୍ତ୍ତିର ରଙ୍ଗ ସୁବର୍ଣ୍ଣ ରଙ୍ଗରେ ହୋଇଥିବା ବେଳେ ଉଚ୍ଚତା ୧୭ ଫୁଟ ହିଁ ରହିଥାଏ । ତନ୍ତ୍ରପୀଠ ଭାବେ ପରିଚିତ ଏହି ପୀଠରେ ନିଶାପୂଜା ସାଙ୍ଗକୁ ଷଷ୍ଠୀଠାରୁ ବେଶ୍ ଧୁମ୍‌ଧାମ୍‌ରେ ପୂଜା ହୋଇଥାଏ । ଆଉ ଏକ ବିଶେଷତ୍ୱ ହେଉଛି, ନବମୀ ଦିନ ମା’ଙ୍କ ପାଖରେ କୁମାରୀ ପୂଜା ଅନୁଷ୍ଠିତ ହୁଏ । ଜଣେ ବ୍ରାହ୍ମଣ ପରିବାରର କୁନି ବାଳିକାଙ୍କ ପୂଜା ମା’ଙ୍କ ପାଖରେ କରାଯାଇଥାଏ । ଏହାସହ ଦୁଇଟି ବିରାଟ ଥାଳିରେ ମା’ଙ୍କ ପାଇଁ ୩ କୁଇଣ୍ଟାଲ ଅରୁଆ ଚାଉଳରେ ଭୋଗଲାଗି ହୋଇଥାଏ । ୪ଦିନ ଧରି ମା’ଙ୍କ ପୂଜାର୍ଚ୍ଚନା ଚାଲିଥିବା ବେଳେ ଦଶମୀ ଦିନ ବିସର୍ଜନ ଦିଆଯିବା ସହ ସେହିଦିନ ହିଁ ମା’ଙ୍କୁ ମେଲାଣି ଦିଆଯାଇଥାଏ ।

ମା’ଙ୍କ ଏହି ଦୁର୍ଲଭ ପୂଜା ଦେଖିବା ପାଇଁ ଓଡ଼ିଶା, ତଥା ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବିହାରରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟେ । ଏହି ୪ଦିନରେ ପ୍ରାୟ ୧୦ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ । ମଣ୍ଡପ ସାମ୍ନାରେ ଥିବା ପଡ଼ିଆରେ ୪ ଦିନ ମେଳା ଲାଗିଥାଏ । ଯେଉଁଠି ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମିନାବଜାର, ଦୋକାନ ଆଦିର ପସରା ମେଲିଥାଏ ।

–ମାନସ ବିଶ୍ୱାଳ

Wishing you peace and happiness, prosperity and joy on the auspicious occasion of Dussehra. Happy Dussehra to you and your family.
CHANDAN SENAPATI
Chairman, Kesinga Block
Kesinga, Kalahandi, Odisha-766012

ପବିତ୍ର ଦୁର୍ଗାପୂଜା ଉପଲକ୍ଷେ ଗୌଡିଆବୋରଦା ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ଆନ୍ତରିକ ଶାରଦୀୟ ଅଭିନନ୍ଦନ । ଜଗତଜନନୀ ମା’ ସମସ୍ତଙ୍କୁ ଆଶିଷ ପ୍ରଦାନ କରନ୍ତୁ ।
ଶ୍ରୀମତୀ ସୁନ୍ଦରୀ ମହାରଥା
ସରପଞ୍ଚ, ଗୌଡିଆବୋରଦା ଗ୍ରାମପଞ୍ଚାୟତ, ବୁଗୁଡା

Wishing you peace and happiness, prosperity and joy on the auspicious occasion of Dussehra. Happy Dussehra to you and your family.
MAR THOMA ENGLISH MEDIUM SCHOOL TURLAKHAMAN
Principal, Mar Thoma English Medium School, At/Po- Turlakhaman, Kesinga, Kalahandi, Odisha-766012

CHITTARANJAN ELECTRONICS & FURNITURE
FINANCE AVAILABLE / Mob.: 9337683752, 8763691027, 06728-224454
Mansapol, Jajpur Town

ଶୁଭେଚ୍ଛା
ପବିତ୍ର ଦଶହରା ଉପଲକ୍ଷେ ଜଗତ୍‌ସିଂହପୁର ଜିଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା ।
ହେମନ୍ତ କୁମାର ରଥ
ଜଗତ୍‌ସିଂହପୁର

ପବିତ୍ର ଦୁର୍ଗାପୂଜା ଅବସରରେ ପୋଚାଲୁଣ୍ଡି ପଞ୍ଚାୟତର ସମସ୍ତ ପ୍ରିୟ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା । କୃପାମୟୀ ମା’ ସମସ୍ତଙ୍କ ଉପରେ କୃପା କରନ୍ତୁ ।
ଶ୍ରୀ ବିଜୁଳି ଜେନା
ପୂର୍ବତନ ସରପଞ୍ଚ, ପୋଚାଲୁଣ୍ଡି ଗ୍ରାମପଞ୍ଚାୟତ, ବୁଗୁଡା

ପବିତ୍ର ଦୁର୍ଗାପୂଜା ଅବସରରେ ବୁଗୁଡା ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଶାରଦୀୟ ଅଭିନନ୍ଦନ । ଜଗତଜନନୀ ମା’ ସମସ୍ତଙ୍କ ମଙ୍ଗଳ କରନ୍ତୁ ।
ଶ୍ରୀ ମାନସ ରଞ୍ଜନ ପ୍ରଧାନ
ବ୍ଲକ ଉପାଧ୍ୟକ୍ଷ, ବୁଗୁଡା ପଞ୍ଚାୟତ ସମିତି (ଗଞ୍ଜାମ)

ପବିତ୍ର ଦୁର୍ଗାପୂଜା ଉପଲକ୍ଷେ ବୁଗୁଡା ଏନଏସିର ସମସ୍ତ ଜନସାଧାରଣଙ୍କୁ ମୋର ଆନ୍ତରିକ ଶାରଦୀୟ ଅଭିନନ୍ଦନ । କରୁଣାମୟୀ ମା’ ସମସ୍ତଙ୍କୁ ଆନନ୍ଦ ପ୍ରଦାନ କରନ୍ତୁ ।
ଶ୍ରୀ ଚିତ୍ରସେନ ପ୍ରଧାନ
ଅଧ୍ୟକ୍ଷ, ବୁଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦ

ଶାରଦୀୟ ଅଭିନନ୍ଦନ
ଦୁର୍ଗତୀ ନାଶିନୀ ମା’ ଦୁର୍ଗାଙ୍କ ଅପାର୍ କରୁଣା ସମସ୍ତଙ୍କଠାରେ ଝରି ପଡୁ ଏହାହିଁ କାମନା ।
ସୁଶାନ୍ତ ବେହେରା
ବିଧାୟକ, ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ

ଅଭିନନ୍ଦନ
ପବିତ୍ର ଦଶହରା ଓ ମହାଳୟା ପାଳନ ଅବସରରେ କେସିଙ୍ଗା ବ୍ଲକ ଓ କୁଣ୍ଡାବନ୍ଧ ଗ୍ରା.ପ.ର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ଆପଣମାନଙ୍କ ସମସ୍ତଙ୍କ ନିରାମୟ ଜୀବନପାଇଁ ମା’ ମାଣିକେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା କରୁଛି ।
ମନୋଜ କୁମାର ପଟ୍ଟନାୟକ
ସମାଜସେବୀ ଓ ସମିତିସଭ୍ୟ,କୁଣ୍ଡାବନ୍ଧ ଗ୍ରା.ପ.,କେସିଙ୍ଗା,କଳାହାଣ୍ଡି

ଅଭିନନ୍ଦନ
ପବିତ୍ର ଦଶହରା ପାଳନ ଉପଲକ୍ଷେ ତୁଣ୍ଡଲା ଗ୍ରାମପଞ୍ଚାୟତ ତଥା ନର୍ଲା ନିର୍ବାଚନ ମଣ୍ଡଳୀର ସମସ୍ତ ଭାଇଭଉଣୀମାନଙ୍କ ପାଇଁ ଶୁଭକାମନା କରି ମା’ ଜଗତଜନନୀଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ, ତାଙ୍କର ଜୀବନ ସୁଖ ଓ ଶାନ୍ତିମୟ ହେଉ ।
ସରୋଜ ସେଠ
ସରପଞ୍ଚ,ତୁଣ୍ଡଲା ଗ୍ରା.ପ.,କେସିଙ୍ଗା, କଳାହାଣ୍ଡି

ଅଭିନନ୍ଦନ
କରୋନାର ଦୁଇବର୍ଷ ପରେ ଚଳିତ ବର୍ଷ ଜଗତ ଜନନୀ ମା’ ଦୁର୍ଗାପୂଜା ପାଳନ ଅବସରରେ ସୁନ୍ଦରଗଡ ଜିଲ୍ଲା ତଥା ରାଉରକେଲା ସହରବାସୀଙ୍କୁ ମୋର ଅନେକ ଶୁଭେଚ୍ଛା । ମହିଷ ମର୍ଦ୍ଦିନୀ ମା’ ଦୁର୍ଗା କରୋନା ମହାମାରୀରୁ ସମସ୍ତଙ୍କୁ ଉଦ୍ଧାର କରି ସୁଖ, ଶାନ୍ତି, ସମୃଦ୍ଧି ଓ ନିରାମୟ ପ୍ରଦାନ କରନ୍ତୁ, ଏତିକି ମୋ କାମନା ।
ସଙ୍କୀର୍ତ୍ତନ ଜୟପୁରିଆ
ସମାଜସେବୀ, ରାଉରକେଲା

ଶାରଦୀୟ ଅଭିନନ୍ଦନ
ଦୁର୍ଗତିନାଶିନୀ ଜଗତ ଜନନୀ ମା’ ଦୁର୍ଗାଙ୍କର ପବିତ୍ର ଶାରଦୀୟ ପୂଜା ଅବସରରେ କେନ୍ଦୁଝର ଜିଲ୍ଲାବାସୀ, ରାଜ୍ୟବାସୀ ଓ ଦେଶବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ମା’ ଜଗତଜନନୀ ଦଶଭୁଜାଙ୍କ ନିକଟରେ ସମସ୍ତ ଭାଇ, ଭଉଣୀ ଓ ଗୁରୁଜନମାନଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।
ସନାତନ ମହାକୁଡ
ପୂର୍ବତନ ବିଧାୟକ, ଚମ୍ପୁଆ, କେନ୍ଦୁଝର

ଦୁର୍ଗାପୂଜା ଓ ଦଶହରା ଉପଲକ୍ଷେ ଅଭିନନ୍ଦନ
ପାର୍ବଣ ଅବସରରେ ଓଡ଼ିଶାର ଅଗଣିତ ଲେଖିକା, ଲେଖକ, ପାଠିକା, ପାଠକ, ବିଜ୍ଞାପନଦାତା ଓ ଶୁଭେଚ୍ଛୁମାନଙ୍କୁ ଗୋକର୍ଣ୍ଣିକା ସାହିତ୍ୟ ସମାଜ-ଜାରକା ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ । ଆପଣମାନଙ୍କ ସହଯୋଗରେ "ଗୋକର୍ଣ୍ଣିକା" ସାହିତ୍ୟ ପତ୍ରିକା ଜାରକା ଅଞ୍ଚଳରୁ ପ୍ରକାଶ ପାଇ ୪୫ ବର୍ଷରେ ପଦାର୍ପଣ କରି ଓଡ଼ିଆ ସାହିତ୍ୟର ସେବା କରିଚାଲିଛି ।
ରମାକାନ୍ତ ଜେନା
ସଭାପତି, ଗୋକର୍ଣ୍ଣିକା ସାହିତ୍ୟ ସମାଜ ଓ ସମ୍ପାଦକ, ଗୋକର୍ଣ୍ଣିକା

ଅଭିନନ୍ଦନ
ନୟାଗଡ଼ ବ୍ଲକର ଜନସାଧାରଣଙ୍କୁ ଶାରଦୀୟ ଅଭିନନ୍ଦନ ।
କିଶୋର ଚନ୍ଦ୍ର ସାହୁ
ଅଧ୍ୟକ୍ଷ, ନୟାଗଡ଼ ବ୍ଲକ

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ମଙ୍ଗଳବାର, ଅକ୍ଟୋବର ୪/୨୦୨୨ Berhampur, Tuesday, October 4/ 2022


## ସଂକ୍ଷେପରେ

### ଅବଶିଷ୍ଟ ଭାରତ ନିୟନ୍ତ୍ରଣରେ ଇରାନୀ କପ୍

**ରାଜକୋଟ,୩।୧୦:** ରଣଜୀ ଟ୍ରଫି ଚାମ୍ପିୟନ ସୌରାଷ୍ଟ୍ର ବିପକ୍ଷ ଇରାନୀ କପ୍ ମ୍ୟାଚ ଅବଶିଷ୍ଟ ଭାରତ ଏକାଦଶ ନିୟନ୍ତ୍ରଣରେ ରହିଛି। ପ୍ରଥମ ଇନିଂସରେ ୨୭୬ ରନରେ ପଛୁଆ ରହିଥିବା ସୌରାଷ୍ଟ୍ର ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ୮ ଉଇକେଟରେ ୩୬୮ ରନ୍ ସଂଗ୍ରହ କରି ୯୨ ରନରେ ଆଗୁଆ ରହିଛି। ଆହୁରି ୨ ଦିନର ଖେଳ ବାକିଥିବାରୁ ଅବଶିଷ୍ଟ ଭାରତ ପଲା ଭାରି ରହିଛି। ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୨/୪୯ରୁ ଖେଳ ଆରମ୍ଭ କରି ସୌରାଷ୍ଟ୍ର ମାତ୍ର ୮ ରନରେ ଦୁଇ ଉଇକେଟ ହରାଇଥିଲା। ୫୭ ରନରେ ୪ ଉଇକେଟ ହରାଇ ଦଳ ସଙ୍କଟରେ ପଡିଥିଲା। ତେବେ କିଛି ଆକର୍ଷଣୀୟ ଶଟ୍ ଖେଳି ଦ୍ରୁତ ୨୫ ରନ୍ କରିଥିଲେ ଧର୍ମେନ୍ଦ୍ର ସିଂ ଜାଡେଜା। ମଧ୍ୟକ୍ରମ ଓ ନିମ୍ନ ମଧ୍ୟକ୍ରମ ବ୍ୟାଟରଙ୍କ ଉପଯୋଗୀ ଅବଦାନ ଫଳରେ ସୌରାଷ୍ଟ୍ର ଇନିଂସ ପରାଜୟ ଏଡାଇବାରେ ସମର୍ଥ ହୋଇଥିଲା। ସେଲଡନ୍ ଜ୍ୟାକସନ୍ ୭୧, ଅର୍ପିତ ବାସବଦା ୫୫, ପ୍ରେରକ ମଙ୍କଡ ୭୨ ଓ ଜୟଦେବ ଉନାଡକଟ ୭୮* ରନର ଇନିଂସ ଖେଳିଥିଲେ। ଏହା ପରେ ଅଧିନାୟକ ଜୟଦେବ ଉନାଡକଟ ଓ ପ୍ରେରକ ମଙ୍କଡ ଯୋଡିଥିଲେ ୧୪୪ ରନ୍। ଅବଶିଷ୍ଟ ଭାରତ ପକ୍ଷରୁ କୁଲଦୀପ ସେନ୍, ସୌରଭ କୁମାର ୩ଟି ଲେଖାଏ ଉଇକେଟ ନେଇଛନ୍ତି।

### ଭାରତ ପ୍ରଥମେ ପାକିସ୍ତାନକୁ ଭେଟିବ

**ଦୁବାଇ, ୩।୧୦(ପି.ଟି.)-** ଆଇସିସି ମହିଳା ଟି୨୦ ବିଶ୍ୱକପ୍ ୨୦୨୩ ପାଇଁ ସୋମବାର ଅନ୍ତର୍ଜାତୀୟ କ୍ରୀଡ଼ା ପରିଷଦ (ଆଇସିସି) ତରଫରୁ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ତଦନୁସାରେ ଭାରତ ଏହାର ପ୍ରଥମ ମ୍ୟାଚ ପାକିସ୍ତାନ ବିପକ୍ଷରେ ଫେବୃୟାରୀ ୧୨ରେ କେପ୍‌ଟାଉନ୍‌ଠାରେ ଖେଳିବ। ଦକ୍ଷିଣ ଆଫ୍ରିକାରେ ଫେବୃୟାରୀ ୧୦ରୁ ୨୬ ପର୍ଯ୍ୟନ୍ତ ହେବାକୁଥିବା ଏହି ଟୁର୍ନାମେଣ୍ଟର ଗ୍ରୁପ୍ ୨ରେ ଇଂଲଣ୍ଡ, ୱେଷ୍ଟଇଣ୍ଡିଜ, ପାକିସ୍ତାନ ଓ କ୍ୱାଲିଫାୟର ଆୟର୍ଲାଣ୍ଡ ସ୍ଥାନ ପାଇଛନ୍ତି। ଭାରତ ଏହାର ଦ୍ୱିତୀୟ ମ୍ୟାଚ୍ ଫେବୃୟାରୀ ୧୫ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ କେପ୍‌ଟାଉନ୍‌ରେ ଖେଳିବ। ଦଳ ଇଂଲଣ୍ଡ ଓ ଆୟର୍ଲାଣ୍ଡକୁ ଯଥାକ୍ରମେ ଫେବୃୟାରୀ ୧୮ ଓ ୨୦ରେ ଜିକ୍ୱେବର୍‌ହାଠାରେ ଭେଟିବ। ଆୟୋଜକ ଦକ୍ଷିଣ ଆଫ୍ରିକା ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ଶ୍ରୀଲଙ୍କା ବିପକ୍ଷରେ କେପ୍‌ଟାଉନ୍‌ରେ ଖେଳିବ। ଫାଇନାଲ ମ୍ୟାଚ୍ ଫେବୃୟାରୀ ୨୬ରେ ଖେଳାଯିବ। ଧାର୍ଯ୍ୟ ଦିବସରେ ଯଦି କୌଣସି କାରଣରୁ ଖେଳ ସମ୍ଭବପର ନ ହୁଏ ତେବେ ପରଦିନକୁ ଏଥିଲାଗି ସଂରକ୍ଷିତ ରଖାଯାଇଛି।

### କାଜାଖସ୍ତାନକୁ ହରାଇଲା କିଟ୍

**ଭୁବନେଶ୍ୱର, ୩।୧୦ (କ୍ରୀଡ଼ା ପ୍ରତିନିଧି):** କିଟ୍ ଓ କିସ୍ ଦଳ ସୋମବାର ଅନୁଷ୍ଠିତ ଏକ ହକି ଅଭ୍ୟାସ ମ୍ୟାଚରେ ୧୬ ବର୍ଷରୁ କମ୍ କାଜାଖସ୍ଥାନକୁ ୫-୦ ଗୋଲରେ ପରାସ୍ତ କରିଛି। କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ହକି ଷ୍ଟାଡିୟମରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରକାଶ ଯୋଗ୍ୟ ଯେ, ୧୬ ବର୍ଷରୁ କମ୍ କାଜାଖସ୍ତାନ ହକି ଦଳର ଟ୍ରେନିଂ କ୍ୟାମ୍ପ ସମ୍ପ୍ରତି ଭୁବନେଶ୍ୱରରେ ଚାଲିଛି। ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା କ୍ୟାମ୍ପ ଅବସରରେ ଏହି ଅଭ୍ୟାସ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ, ହକି ଆସୋସିଏଶନ ଅଫ୍ ଓଡ଼ିଶା ଏବଂ କିଟ୍ ଓ କିସ୍ ପକ୍ଷରୁ ଯୋଗାଇ ଦିଆଯାଉଥିବା ସମସ୍ତ ସୁବିଧା ସୁଯୋଗରେ କାଜାଖସ୍ତାନ ଦଳର ଖେଳାଳିମାନେ ସନ୍ତୋଷ ପ୍ରକାଶ କରିଛନ୍ତି।



ଜାତୀୟ କ୍ରୀଡ଼ାରେ ରୌପ୍ୟ ବିଜୟୀ ଶ୍ରୀୟଙ୍କା ଷଡ଼ଙ୍ଗୀ (ବାମ)।



ପୋଡିୟମ ଉପରେ ପଦକ ସହ ସ୍ୱସ୍ତି ସିଂ (ବାମ)।



ରୋଇଂ ଡବ୍ଲ୍ୟୁ ୮ ଇଭେଣ୍ଟରେ ରୌପ୍ୟ ପଦକ ହାସଲକାରୀ ଓଡ଼ିଶା ଦଳ।

# ଦୀନେଶ କୁମାରଙ୍କୁ ଡବଲ ସ୍ୱର୍ଣ୍ଣ

**ଜାତୀୟ କ୍ରୀଡ଼ା**

- ଚତୁର୍ଥ ଦିବସରେ ଓଡ଼ିଶାକୁ ୨ ସ୍ୱର୍ଣ୍ଣ, ୩ ରୌପ୍ୟ, ୩ ବ୍ରୋଞ୍ଜ
- ଶୁଟର ଶ୍ରୀୟଙ୍କା, ସାଇକ୍ଲିଷ୍ଟ ସ୍ୱସ୍ତିଙ୍କୁ ରୌପ୍ୟ ପଦକ
- ରୋଇଂରୁ ୧ ରୌପ୍ୟ, ୨ ବ୍ରୋଞ୍ଜ

**ଭୁବନେଶ୍ୱର, ୩।୧୦ (କ୍ରୀଡ଼ା ପ୍ରତିନିଧି)**

ଗୁଜରାଟର ୬ ସହର ଅହମଦାବାଦ, ଗାନ୍ଧୀନଗର, ସୁରଟ, ଭଦୋଦରା, ରାଜକୋଟ ଓ ଭବନଗରରେ ଚାଲିଥିବା ଜାତୀୟ କ୍ରୀଡ଼ାର ୪ର୍ଥ ଦିବସରେ ସୋମବାର ଓଡ଼ିଶାକୁ ୨ ସ୍ୱର୍ଣ୍ଣ, ୩ ରୌପ୍ୟ ସହ ମୋଟ୍ ୮ ପଦକ ମିଳିଛି। ସାଇକ୍ଲିଷ୍ଟ ଦୀନେଶ କୁମାର ଏକାକୀ ୨ଟି ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ସେ ସାଇକ୍ଲିଂର ବ୍ୟକ୍ତିଗତ ଓ ଟିମ୍ ପର୍ଶ୍ୟୁଟରେ ଏହି ସଫଳତା ପାଇଛନ୍ତି। ଶୁଟର ଶ୍ରୀୟଙ୍କା ଷଡ଼ଙ୍ଗୀ ୫୦ ମିଟର ରାଇଫଲ୍ ଏବଂ ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ଓମ୍‌ନିଅମ ରେସ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ଶୁଭଶ୍ରୀ ବିଶ୍ୱାଳ, ସୋନାଲି ସ୍ୱାଇଁ, ରୀତୁ କାଉଡି, ଦୀପିକା ଖେସ୍, ସଞ୍ଜୁକ୍ତା ଡୁଙ୍ଗ୍‌ଡୁଙ୍ଗ, ରେଶ୍‌ମା ଲାକ୍ରା, ମନୀଷା କିସ୍‌ପୋଟା, ଝରଣା ହସ୍ତି ଓ ଅଶ୍ମିତା କେର୍କେଟାଙ୍କୁ ନେଇ ଗଠିତ ଓଡ଼ିଶା ରୋଇଂ ଦଳ ଡବ୍ଲ୍ୟୁ ୮ ଇଭେଣ୍ଟରେ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ରୋଇଂର ଏଲ୍‌ଡବ୍ଲ୍ୟୁ୨ଏକ୍ସ ଇଭେଣ୍ଟରେ ଆଂଶିକା ଭାରତୀ ଓ ସୋନାଲିକା ଦାସ ଏବଂ ଡବ୍ଲ୍ୟୁ୪ଏକ୍ସ ଇଭେଣ୍ଟରେ ଆଂଶିକା ଭାରତୀ, ସୋନାଲିକା ଦାସ, ଅରୁଣପ୍ରୀତ କୌର ଓ ରିକେଲ ଲାକ୍ରା ବ୍ରୋଞ୍ଜ ପଦକ ପାଇଛନ୍ତି। ଅସୀଚାଳନାରେ ସିନିୟର ଓଡ଼ିଶା ଫଏଲ୍ ଦଳ ବ୍ରୋଞ୍ଜ ପଦକ ପାଇଛି। ରବିନ୍ଦର କୁମାର, ରବି ଶର୍ମା, ହେରୋଜିତ ସିଂ ଓ ରବି କୁମାର ଓଡ଼ିଶା ଦଳର ସଦସ୍ୟ ଥିଲେ। ଏହାକୁ ମିଶାଇ ଚଳିତ ଜାତୀୟ କ୍ରୀଡ଼ାରେ ଓଡ଼ିଶାର ପଦକ ସଂଖ୍ୟା ୧୬ରେ ପହଞ୍ଚିଛି। ଏହା ମଧ୍ୟରେ ୫ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୭ ବ୍ରୋଞ୍ଜ ସାମିଲ।



ସ୍ୱର୍ଣ୍ଣ ପଦକ ବିଜେତା ଦୀନେଶ କୁମାର (ମଝି)।

# ବେଞ୍ଚ୍ ଷ୍ଟ୍ରେଙ୍ଗ୍‌ଥ ପରୀକ୍ଷା କରିବ ଭାରତ

**ଇନ୍ଦୋର,୩।୧୦(ପି.ଟି.)**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି ୨୦ ସିରିଜ୍‌ର ଅନ୍ତିମ ମ୍ୟାଚ୍ ମଙ୍ଗଳବାର ଇନ୍ଦୋରର ହୋଲ୍‌କାର ଷ୍ଟାଡିୟମରେ ଖେଳାଯିବ। ୩ ମ୍ୟାଚ୍‌ବିଶିଷ୍ଟ ଏହି ଟି୨୦ ସିରିଜ୍‌କୁ ଭାରତ ଆଗୁଆ ଜିତିନେଇଥିବା ବେଳେ ଅନ୍ତିମ ମ୍ୟାଚ୍‌ରେ ବେଞ୍ଚ୍ ଷ୍ଟ୍ରେଙ୍ଗ୍‌ଥ ପରୀକ୍ଷଣ କରିବ ଭାରତୀୟ ମ୍ୟାନେଜ୍‌ମେଣ୍ଟ। ଏହି ମ୍ୟାଚ୍ ପୂର୍ବରୁ ଭାରତ ବିରାଟ କୋହଲି ଏବଂ ଲୋକେଶ ରାହୁଲଙ୍କୁ ବିଶ୍ରାମ ଦେଇସାରିଛି। ପ୍ରଥମଥର ପାଇଁ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ବିଜୟ ପରେ ଭାରତର ଶ୍ରେଷ୍ଠ ବ୍ୟାଟର କୋହଲି ଏବଂ ଉପ ଅଧିନାୟକ ରାହୁଲଙ୍କୁ ଦଳ ବିଶ୍ରାମ ଦେଇଛି। ଉଭୟ ଖେଳାଳି ସିଧାସଳଖ ୬ ତାରିଖରେ ଅଷ୍ଟ୍ରେଲିଆ ଯିବାକୁ ଥିବା ଦଳ ସହିତ ମୁମ୍ବାଇରେ ଯୋଗଦେବେ। ବିରାଟଙ୍କ ସ୍ଥାନରେ ରିଜର୍ଭ ଖେଳାଳି ଭାବେ ଥିବା ଶ୍ରେୟସ ଆୟାରଙ୍କୁ ସୁଯୋଗ ମିଳିପାରେ। ସେହିପରି ରାହୁଲଙ୍କ ବଦଳରେ ରିଷଭ ପନ୍ତ କିମ୍ବା ସୂର୍ଯ୍ୟକୁମାର ଯାଦବଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିବ। ସେହିପରି ଅନ୍‌କ୍ୟାପ୍‌ଡ ଶାହବାଜ ଅହମଦ୍, ମହମ୍ମଦ ସିରାଜ ଓ ଉମେଶ ଯାଦବଙ୍କ ମଧ୍ୟରୁ ଜଣଙ୍କୁ ଦଳରେ ସାମିଲ କରାଯାଇପାରେ।

ୟୁଏଇରେ ବିଶ୍ୱକପ୍ ବିପର୍ଯ୍ୟୟ ପରେ ଭାରତୀୟ ଦଳ ଦୃଢ଼ ଭାବେ ପ୍ରତ୍ୟାବର୍ତ୍ତନ କରୁଛି। ଭାରତୀୟ ଟପ୍-୩ ବର୍ତ୍ତମାନ ବଢ଼ିଆ ଫର୍ମରେ ରହିଛନ୍ତି। ଏସିଆ କପ୍ ପରବର୍ତ୍ତୀ ସମୟରେ ଭାରତୀୟ ଅଧିନାୟକ ବିରାଟ କୋହଲି ୧୪୦+ ଷ୍ଟ୍ରାଇକ୍ ରେଟ୍‌ରେ ରନ୍ ସ୍କୋର କରୁଛନ୍ତି।

**ଆଜି ଅନ୍ତିମ ଟି୨୦**

ସେହିପରି ରୋହିତ ଶର୍ମା ମଧ୍ୟ ଉପଯୋଗୀ ବ୍ୟାଟିଂ କରୁଥିବା ବେଳେ ରାହୁଲ ତାଙ୍କ ଫର୍ମ ଫେରିପାଇବାରେ ସମର୍ଥ ହୋଇଛନ୍ତି। ୪ ନମ୍ବର ବ୍ୟାଟର ସୂର୍ଯ୍ୟକୁମାର ଯାଦବ ନିଜ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ରହିଛନ୍ତି। ପନ୍ତ ଏହି ସିରିଜ୍‌ରେ ବ୍ୟାଟିଂ ପାଇ ନ ଥିବା ବେଳେ ଦୀନେଶ କାର୍ତ୍ତିକଙ୍କୁ ବ୍ୟାଟିଂ ପାଇଁ ମିଳିଛି ମାତ୍ର ୭ଟି ବଲ୍। ଏହି ଦୁଇ ଖେଳାଳିଙ୍କୁ ଅଧିକରୁ ଅଧିକ ସୁଯୋଗ ଦେବାକୁ ଚାହିଁବ ମ୍ୟାନେଜ୍‌ମେଣ୍ଟ। ବୁମ୍‌ରାଙ୍କ ଅନୁପସ୍ଥିତିରେ ଭାରତୀୟ ଦଳ ବେଶ୍ ଦୁର୍ବଳ ମନେହେଉଛି। ବିଶ୍ୱକପ୍ ଲାଗି ରିଜର୍ଭ ରହିଥିବା ଦୀପକ ଚହର ମଧ୍ୟ ବେଶ୍ ପ୍ରଭାବୀ ବୋଲିଂ କରିଛନ୍ତି। ଅନ୍ୟପକ୍ଷରେ ଅର୍ଶଦୀପଙ୍କ ବୋଲିଂ ମଧ୍ୟ ଭଲ ରହିଛି। କେବଳ ରବିବାର ମ୍ୟାଚ୍‌କୁ ବାଦ୍ ଦେଲେ ଡେଥ୍ ଓ ପ୍ରାରମ୍ଭିକ ଓଭରରେ ସେ ଚମତ୍କାର ବୋଲିଂ କରିଛନ୍ତି। ହର୍ଷଲ ପଟେଲଙ୍କ ବିବିଧତା ତାଙ୍କର ଶକ୍ତି ହୋଇଥିବା ବେଳେ ସେ ଆହତ ହୋଇ ଫେରିବା ପରେ ମଧ୍ୟ ତାଙ୍କ ବୋଲିଂ ଧାରହୀନ ମନେହେଉଛି। ରେଡ୍ ବଲ୍ ସ୍ପେଶାଲିଷ୍ଟ ଆର୍. ଅଶ୍ୱିନ ଗୋଟିଏ ବି ଉଇକେଟ ନେବାରେ ସମର୍ଥ ହୋଇନାହାନ୍ତି। ଆସାମର ଗୁଳୁଗୁଳିଆ ପରିବେଶରେ ବୋଲିଂ କରିବା ଲାଗି ଦକ୍ଷିଣ ଆଫ୍ରିକା ବୋଲରଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ତେବେ ହୋଲ୍‌କାର ଷ୍ଟାଡିୟମରେ ସେହି ଅସୁବିଧା ରହିବ ନାହିଁ ବୋଲି ଆଶା କରାଯାଏ। ସିରିଜ୍ ହାରିଥିଲେ ହେଁ ଡେଭିଡ ମିଲର ଓ କ୍ୱିଣ୍ଟନ ଡିକକ୍ ଫର୍ମକୁ ଫେରିବା ଶୁଭସଙ୍କେତ ବୋଲି ଟିମ୍ ମ୍ୟାନେଜ୍‌ମେଣ୍ଟ ପକ୍ଷରୁ କୁହାଯାଇଛି।

# ଭାରତର କ୍ରମାଗତ ବିଜୟ

**ମହିଳା ଏସିଆ କପ୍**

**ସିଲହଟ୍,୩।୧୦(ପି.ଟି.)**

ଓପ୍‌ନର ସାଭିନେନି ମେଘନାଙ୍କ ପ୍ରଥମ ଟି୨୦ ଅର୍ଦ୍ଧଶତକ ବଳରେ ଭାରତ ମହିଳା ଦଳ ଏସିଆ କପ୍ କ୍ରିକେଟରେ କ୍ରମାଗତ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରିଥିବା ଭାରତ ସୋମବାର ମାଲେସିଆକୁ ୩୦ ରନ୍‌ରେ ହରାଇଛି। ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌କୁ ଡକ୍‌ୱର୍ଥ ଲୁଇସ୍ ମାଧ୍ୟମରେ ୩୦ ରନ୍‌ରେ ଜିତିନେବା ସହ ଭାରତ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ସ୍ମୃତି ମନ୍ଧାନାଙ୍କ ସ୍ଥାନରେ ଖେଳିଥିବା ମେଘନା କ୍ୟାରିୟରର ଶ୍ରେଷ୍ଠ ୬୯ ରନ୍ ଖେଳିଥିଲେ। ଭାରତ ନିର୍ଦ୍ଧାରିତ ଓଭରରେ ୪ ଉଇକେଟରେ ୧୮୧ ରନ୍ କରିଥିଲା। ଜବାବରେ ମାଲେସିଆ ୫.୨ ଓଭରରେ ୨ ଉଇକେଟରେ ୧୬ ରନ୍ କରିଥିବା ବେଳେ ବର୍ଷା କାରଣରୁ ଭାରତ ବିଜୟୀ ହୋଇଥିଲା।

ମାଲେସିଆ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଅପେକ୍ଷାକୃତ ଦୁର୍ବଳ ମାଲେସିଆର ବୋଲିଂ ଲାଇନଅପ୍ ବିପକ୍ଷରେ ଶେଫାଳି ବର୍ମା(୪୬) ଓ ମେଘନା ପ୍ରଥମ ଉଇକେଟରେ ଯୋଡ଼ିଥିଲେ ୮୩ ବଲ୍‌ରେ ୧୧୬ ରନ୍। ମେଘନା ୫୩ ବଲ୍ ଖେଳି ୧୧ ଚୌକା ଓ ୧ ଛକା ମାରିଥିଲେ। ଅନ୍ୟପକ୍ଷରେ ଶେଫାଳି ୩୯ ବଲ୍‌ରେ ୧ ଚୌକା ଓ ୩ ଛକା ମାରିଥିଲେ। ବ୍ୟାଟିଂ କ୍ରମରେ ଆଗୁଆ ଆସିଥିବା ରିଚା ଘୋଷ୍ ମଧ୍ୟ ୧୯ ବଲ୍‌ରେ ଅପରାଜିତ ୩୩ ରନ୍ ସ୍କୋର କରିଥିଲେ। ମାଲେସିଆ ପକ୍ଷରୁ ନୁର ଦାନିଆ ସ୍ୟୁହାଦା ଓ କ୍ୟାପ୍‌ଟେନ୍ ୱିନିଫ୍ରେଡ୍ ଦୁରାଇସିଙ୍ଗମ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ୧୮୨ ରନ୍ ଲକ୍ଷ୍ୟର ପିଛା କରୁଥିବା ମାଲେସିଆ ୫.୨ ଓଭରରେ ୨ ଉଇକେଟ ହରାଇ ୧୬ ରନ୍ କରିଥିଲା। ଦୀପ୍ତି ଶର୍ମା ଓ ରାଜେଶ୍ୱରୀ ଗାଏକ୍ୱାଡ୍ ଗୋଟିଏ ଲେଖାଏ ଉଇକେଟ ନେଇଥିବା ବେଳେ ବର୍ଷା ହୋଇଥିଲା। ଡକ୍‌ୱର୍ଥ ଲୁଇସ୍ ବ୍ୟବସ୍ଥା ଅନୁସାରେ ମାଲେସିଆକୁ ୪୬ ରନ୍‌ର ଲକ୍ଷ୍ୟ ଦିଆଯାଇଥିଲା। କ୍ରମାଗତ ବିଜୟ ସହିତ ୪ ପଏଣ୍ଟ ପାଇ ପାକିସ୍ତାନ ପଛରେ ରହିଛି ଭାରତ। ସାଭିନେନି ମେଘନାଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଛି।

### ବିଶ୍ୱ ଟେବୁଲ ଟେନିସ୍ ମହିଳା ଦଳ ପ୍ରି-କ୍ୱାର୍ଟରରେ

**ଚେଙ୍ଗ୍‌ଡୁ, ୩।୧୦ (ପି.ଟି.):** ଜି. ସାଥିୟାଁଙ୍କ ନେତୃତ୍ୱରେ ଭାରତୀୟ ପୁରୁଷ ଦଳ ଏଠାରେ ଚାଲିଥିବା ବିଶ୍ୱ ଟେବୁଲ ଟେନିସ୍ (ଟିଟି) ଚାମ୍ପିୟନଶିପ୍‌ର ଏକ ଗ୍ରୁପ୍ ଲିଗ୍ ମୁକାବିଲାରେ କାଜାଖସ୍ତାନକୁ ୩-୨ରେ ପରାସ୍ତ କରିଛି। ଏଥିସହିତ ଦଳ ନକ୍‌ଆଉଟ ପର୍ଯ୍ୟାୟ ପ୍ରବେଶ ଆଶାକୁ ଉଜ୍ଜୀବିତ ରଖିଛି। ଅନ୍ୟପକ୍ଷରେ ଜର୍ମାନୀଠାରୁ ଅଳ୍ପକେ ହାରିଥିବା ମହିଳା ଦଳ ଇଜିପ୍ଟ ବିପକ୍ଷରେ ୩-୧ରେ ବିଜୟ ହାସଲ କରିବା ସହ ପ୍ରି-କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛି। ଗ୍ରୁପ୍-୨ ଟେବୁଲରେ ଶୀର୍ଷ ସ୍ଥାନ ଦଖଲ କରିବାକୁ ହେଲେ ପୁରୁଷ ଦଳକୁ ବର୍ତ୍ତମାନ ଏହାର ଫାଇନାଲ ଗ୍ରୁପ୍ ଲିଗ୍‌ରେ ଫ୍ରାନ୍ସକୁ ପରାସ୍ତ କରିବାକୁ ହେବ।

# ରାଜ୍ୟ ସବ୍‌ଜୁନିୟର ହ୍ୟାଣ୍ଡ୍‌ବଲ ପାଇଁ ଭୁବନେଶ୍ୱର ଦଳ

**ଭୁବନେଶ୍ୱର, ୩।୧୦ (କ୍ରୀଡ଼ା ପ୍ରତିନିଧି)**

ଚଳିତ ମାସ ୭ ଓ ୮ ତାରିଖରେ ୨୦ତମ ରାଜ୍ୟ ସବ୍‌ଜୁନିୟର ବାଳିକା ବାଳକ ହ୍ୟାଣ୍ଡ୍‌ବଲ ପ୍ରତିଯୋଗିତା କେନ୍ଦୁଝରଠାରେ ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ଭୁବନେଶ୍ୱର ଦଳ ଘୋଷଣା କରାଯାଇଛି। ଦଳରେ ସୁପ୍ରଜିତ୍ ବେହେରା ଅଧିନାୟକ, ସ୍ୱୟମ୍ ପ୍ରଧାନ, ଚିନ୍ମୟ ବେହେରା, ଅୟାଂଶୁ ଦାସ, ବିଶ୍ୱରଞ୍ଜନ ବେହେରା, ସତ୍ୟବ୍ରତ ନାୟକ, ଆୟୁଷ ପାତ୍ର, ଚିରଞ୍ଜୀବୀ ଡିଗି, ଆଶୁତୋଷ ଘଡ଼ାଇ, ଅମ୍ଳାନ ମହାନ୍ତି, ଶ୍ରୀକାନ୍ତ ଗୌଡ଼, ଶ୍ରୀଧର ଗୌଡ଼ ଜ୍ୟୋତିରଞ୍ଜନ ସେଠୀ, କେଶବ ନାୟକ ମନୋନୀତ ହୋଇଛନ୍ତି। ମୁଖ୍ୟ କୋଚ୍ ଗୌରୀ ଶଙ୍କର ମିଶ୍ର, ସହାୟକ କୋଚ୍ ପ୍ରକାଶ ପାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଅଭୟ ନାୟକ ଓ ଭୁବନେଶ୍ୱର ହ୍ୟାଣ୍ଡ୍‌ବଲ ଆସୋସିଏଶନ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ମନୋନୀତ ଭୁବନେଶ୍ୱର ଦଳର ଖେଳାଳିମାନେ କର୍ମକର୍ତ୍ତାଙ୍କ ଗହଣରେ।



ବୈଷ୍ଣବ ପରିଡା ସ୍ମାରକୀ ଚେସ ଟୁର୍ନାମେଣ୍ଟର କୃତୀ ପ୍ରତିଯୋଗୀ ଓ ଅତିଥି।

# ବୈଷ୍ଣବ ସ୍ମାରକୀ ଚେସ: ବୈଭବ ଚାମ୍ପିୟନ

**ଭୁବନେଶ୍ୱର, ୩।୧୦(କ୍ରୀଡ଼ା ପ୍ରତିନିଧି)**

କେନ୍ଦ୍ରାପଡା ଜିଲା ଚେସ ଆସୋସିଏଶନ୍ ଆନୁକୁଲ୍ୟରେ ଅଲ୍ ଓଡିଶା ଚେସ ଆସୋସିଏଶନ୍ (ଏଓସିଏ) ସହଯୋଗରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟଠାରେ ୨ ଦିନିଆ ବୈଷ୍ଣବ ପରିଡା ସ୍ମାରକୀ ଚେସ ଟୁର୍ନାମେଣ୍ଟ ସୋମବାର ଉଦଯାପିତ ହୋଇଛି। ଟୁର୍ନାମେଣ୍ଟରେ କେନ୍ଦ୍ରାପଡା ଜିଲ୍ଲାରୁ ମୋଟ ୩୭ ଖେଳାଳି ଯୋଗଦେଇଥିବା ବେଳେ ଡେରାବିଶ ବ୍ଲକର ବୈଭବ ସିଂ ଚାମ୍ପିୟନ, ଏସ. ଧରଣୀଧର ୨ୟ ଏବଂ ମହାକାଳପଡ଼ା ବ୍ଲକର ଜୀବନ ଜ୍ୟୋତି ୩ୟ ସ୍ଥାନ ଅଧିକାର କରିଥିଲେ। ଶ୍ରେଷ୍ଠ ୧୦ ପ୍ରତିଯୋଗୀଙ୍କୁ ନଗଦ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା।

ଉଦଯାପନୀ ଉତ୍ସବରେ ସର୍ବ ଭାରତୀୟ ଚେସ ସଂଘ (AICF)ର ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଓସିଏର କାର୍ଯ୍ୟକାରିଣୀ ସଦସ୍ୟ ସୂର୍ଯ୍ୟକାନ୍ତ ବିଶୋଇ ( କଟକ) ଓ ପ୍ରଦୀପ ମହାନ୍ତି (କୋରାପୁଟ),ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ବିଜେତା ସତ୍ୟ ରଞ୍ଜନ ପଟ୍ଟନାୟକ, ସୋନପୁର ଜିଲ୍ଲା ଚେସ ସମ୍ପାଦକ ଗୌରୀ ଶ୍ୟାମ ପଣ୍ଡା, ବୌଦ୍ଧ ଜିଲ୍ଲା ଚେସ ସମ୍ପାଦକ ଶଙ୍କର ମିଶ୍ର ସମ୍ମାନିତ ଅତିଥି ଏବଂ ଅସିତ ମୁଖାର୍ଜୀ ମୁଖ୍ୟ ବକ୍ତାଥିଲେ। କେନ୍ଦ୍ରାପଡା ଜିଲା ଚେସ ଆସୋସିଏଶନ୍‌ର କାର୍ଯକାରୀ ସଭାପତି ହାଡିବନ୍ଧୁ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଉପସଭାପତି ଲଲାଟ କେଶରୀ ସାମଲ ସ୍ୱାଗତ ଭାଷଣ ଦେଇଥିଲେ। ଅତିଥି ମାନଙ୍କୁ ଜିଲ୍ଲା ତରଫରୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କର ଯାଇଥିଲା। ଯାଜପୁର ଆସୋସିଏଶନର ସମ୍ପାଦକ ମନୋଜ ପରିଡା ଏବଂ କେନ୍ଦ୍ରାପଡାର କୋଷାଧ୍ୟକ୍ଷ ପିଙ୍କି ମହାପାତ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜକ ଆସୋସିଏଶନ୍ ସମ୍ପାଦକ ତଥା ଏଓସିଏ କୋଷାଧ୍ୟକ୍ଷ ଭାବେଶ ମହାନ୍ତି ବିବରଣୀ ପାଠ କରିଥିଲେ। ଅନ୍ୟତମ ଉପସଭାପତି ଧରଣୀଧର ସେଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଓକିନଓ୍ୱା କରାଟେ ସ୍କୁଲର ପ୍ରଶିକ୍ଷଣ ଶିବିର

**ଭୁବନେଶ୍ୱର, ୩।୧୦ (କ୍ରୀଡ଼ା ପ୍ରତିନିଧି)**

ଓକିନଓ୍ୱା କରାଟେ ସ୍କୁଲ ଆନୁକୂଲ୍ୟରେ କରାଟେ ପ୍ରଶିକ୍ଷଣ ଶିବିର ସ୍ଥାନୀୟ କଳିଙ୍ଗ ନଗରସ୍ଥିତ ଡିଏଭି ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଭିନ୍ନ ବୟସ ବର୍ଗର ଛାତ୍ରୀଛାତ୍ର ଯୋଗଦେଇଥିଲେ। ପ୍ରଶିକ୍ଷଣ ପରେ ବେଲ୍ଟ ଗ୍ରେଡିଂ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରମାନେ ହେଲେ ଶକ୍ତି ପ୍ରସାଦ ଗଜେନ୍ଦ୍ର, ପ୍ରିୟାଂଶୁ ମିଶ୍ର, ଭୂମିକା ଦାସ, ଦେବୀ ପ୍ରସାଦ, ଆୟୁଷ୍ମାନ ପତି, ଅନ୍ୱେଷ ମିଶ୍ର, ଶ୍ରେୟାଂଶ ବେହେରା, ହାର୍ଦ୍ଦିକ ପଟ୍ଟନାୟକ, ଐଶା କାନିତି, ସୁଚନ୍ଦନ ଦାସ, ଶ୍ରୁତି ନନ୍ଦ, ବୈଭବ କବି, ଧୃତିନନ୍ଦନ ସାହୁ, ଅନୁପ୍ରୀତ ବିଶ୍ୱାଳ, ଶ୍ରେୟାଂଶ ଘଡ଼େଇ, ପ୍ରଜ୍ୱଳ ରାଉତରାୟ, ଶୁଭ୍ରାଂଶୁ ସାହୁ, ଶୁଭମ୍ ସାଇ ମୁଦୁଲି, ହମଦ ଅଲ୍ଲୀ ଖାଁ, ଶୀତଳ ପାଣି, ରିଫା ସିଜଲ, ପ୍ରିୟାଂଶୀ ଛୋଟରାୟ, ଅର୍ପିତା ପ୍ରିୟଦର୍ଶିନୀ, ଆଶୁତୋଷ ସାହୁ, ସୌମ୍ୟରଞ୍ଜନ ଦାସ, ଅମୂଲ୍ୟ ଅଭିଷେକ ସ୍ୱାଇଁ ଓ ତନିଷ୍ଠା ଦାସ। ଜାପାନ କରାଟେ ସୋତୋକାଇ ଇଣ୍ଡିଆର ଉପସଭାପତି ସୌମ୍ୟରଞ୍ଜନ ଦାସ ପ୍ରଶିକ୍ଷଣ ଦେବା ସହ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସ୍କୁଲର କ୍ରୀଡ଼ା ଶିକ୍ଷକ ଏ. ରବିଶଙ୍କର, ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଏବଂ ପର୍ଯ୍ୟବେକ୍ଷକ ଦୀପାଞ୍ଜଳି ସାହୁ ଶିବିରରେ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ସ୍କୁଲର କରାଟେ ପ୍ରଶିକ୍ଷକ ଦେବାଶିଷ ରାଉତ ଉକ୍ତ ଶିବିରର ପରିଚାଳନା କରିଥିଲେ।



ଓକିନଓ୍ୱା କରାଟେ ସ୍କୁଲର ପ୍ରଶିକ୍ଷଣ ଶିବିର ଓ ବେଲ୍ଟ ଟେଷ୍ଟରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ଅତିଥି ଓ କର୍ମକର୍ତ୍ତାଙ୍କ ସହ।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ଆଜି କ'ଣ କେଉଁଠି

**ବ୍ରହ୍ମପୁର**

- ଦୁର୍ଗାପୂଜା ଅବସରରେ ବ୍ରହ୍ମାକୁମାରିସ୍ ପକ୍ଷରୁ ଆଧାତ୍ମିକ କାର୍ଯ୍ୟକ୍ରମ। ସ୍ଥାନ-ପ୍ରଭୁ ଉପହାର ରିଟ୍ରିଟ୍ ସେଣ୍ଟର, ସମୟ-ଅପରାହ୍ନ ୫ଟା ।

**ଦିଗପହଣ୍ଡି**

- ବଲାଙ୍ଗୀର, ପୁଇଁତୋଳା ଢୋଲ ମହୁରି କଳା ପରିଷଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ । ସ୍ଥାନ-ମା' ବୁଢ଼ୀ ଠାକୁରାଣୀଙ୍କ ଯାତ୍ରାପୀଠ,ସମୟ-ସନ୍ଧ୍ୟା ୭ଟା
- ଭଦ୍ରକ, ସଞ୍ଚାର ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ । ସ୍ଥାନ-ମା' ବୁଢ଼ୀ ଠାକୁରାଣୀଙ୍କ ଯାତ୍ରାପୀଠ, ଦିଗପହଣ୍ଡି, ସମୟ-ରାତି ୯ଟା

## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢ଼ାଉ ୧୦ ଜୁଆଡ଼ି ସହ ୪.୨୫ ଲକ୍ଷ ଟଙ୍କା ଜବତ

ବ୍ରହ୍ମପୁର ଅଫିସ,୩।୧୦-ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଖାରବେଳନଗର ଏକ ଜୁଆ ଆଡ୍ଡାରୁ ପୋଲିସ ରବିବାର ରାତିରେ ୧୦ ଜଣଙ୍କୁ କାବୁ କରିଥିଲା। ସୋମବାର ସମସ୍ତ ଗିରଫଙ୍କୁ କୋର୍ଟ ଚାଲାଣ କରିଥିବା କହିଛି। ପ୍ରକାଶ ଯେ, ରବିବାର ରାତି ପ୍ରାୟ ସାଢ଼େ ୧୧ଟାରେ ଖାରବେଳନଗରରେ ଏକ ବଡ଼ ଧରଣର ଜୁଆଆଡ୍ଡା ଚାଲିଥିବା ନେଇ ପୋଲିସକୁ ଖବର ମିଳିଥିଲା। ସେଠାରେ ଏକ ଟିମ୍ ଚଢ଼ାଉ କରିଥିଲା। ଜୁଆଆଡ୍ଡାରୁ ପୋଲିସ ୪ଲକ୍ଷ ୨୫ହଜାର ୨୭୦ଟଙ୍କା ସହ ୧୧ ମୋବାଇଲ, ୩ ବାଇକ୍ ଜବତ ମଧ ଜବତ କରିଥିଲା। ଘଟଣାସ୍ଥଳରୁ ୧୦ଜଣଙ୍କୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ ଅନ୍ଧାରର ସୁଯୋଗ ନେଇ କିଛି ଜୁଆଡ଼ି ସେଠାରୁ ଚମ୍ପଟ ମାରିଥିଲେ ବୋଲି ପୋଲିସ କହିଛି।

### କଇଁଝର ପଞ୍ଚାୟତରେ ଗ୍ରାମସଭା

ଫୁଲବାଣୀ ଅଫିସ/ଟିକାବାଲି, ୩।୧୦-ଗାନ୍ଧୀ ଜୟନ୍ତୀ ଅବସରରେ ଟିକାବାଲି ବ୍ଲକ କଇଁଝର ପଞ୍ଚାୟତରେ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଗ୍ରାମର ଲୋକମାନେ ଉପସ୍ଥିତ ରହି ସେମାନଙ୍କ ଆପତ୍ତି ଅଭିଯୋଗ କରିଥିଲେ। ଅଧିକାରୀମାନେ ଉପସ୍ଥିତ ରହି ସରକାରଙ୍କ ଜନହିତକର ଯୋଜନା ଉପରେ ସମସ୍ତଙ୍କୁ ଅବଗତ କରିଥିଲେ। ବିଶେଷକରି ପଞ୍ଚାୟତରେ ପ୍ରକୃତ ହିତାଧିକାରୀ ଯେଉଁମାନେ ଆବାସ ପାଇବାରୁ ବଞ୍ଚିତ ହୋଇଛନ୍ତି, ଭତ୍ତା ପାଉନାହାନ୍ତି, ସ୍ୱାସ୍ଥ୍ୟ ବୀମା କାର୍ଡ, ରାଶନ କାର୍ଡ ଆଦି ପାଇ ନାହାନ୍ତି ସେମାନଙ୍କ ନାମ ପଞ୍ଜୀକୃତ କରାଯାଇଥିଲା। ସରପଞ୍ଚ ରୁନିତା କହଁର, ଗ୍ରାମ କୃଷି ଅଧିକାରୀ ସୁରେନ୍ଦ୍ର ପ୍ରଧାନ, କୃଷକ ସାଥୀ ବିଶୁ କିଶୋର ପାତ୍ରଙ୍କ ସମେତ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ନ ଥିବାରୁ ଗ୍ରାମସଭାରେ ଅସନ୍ତୋଷ ପ୍ରକାଶ ପାଇଥିଲା।

### ପଲ୍ଲିସଭାରେ ପ୍ରକଳ୍ପ ପ୍ରସ୍ତୁତି ନେଇ ଆଲୋଚନା

ଆର.ଉଦୟଗିରି,୩।୧୦(ଡି.ଏନ୍.ଏ.)-ଆର.ଉଦୟଗିରି ବ୍ଲକ ସଭାବନା କକ୍ଷରେ ପଲ୍ଲିସଭାରେ ପ୍ରକଳ୍ପ ଚିହ୍ନଟ ସହ ମେଗା ପ୍ରକଳ୍ପ ପ୍ରସ୍ତୁତି ନେଇ ଆଲୋଚନା ହୋଇଥିଲା। ଗାନ୍ଧୀ ଜୟନ୍ତୀଠାରୁ ବିଭିନ୍ନ ପ୍ରକଳ୍ପ ଯୋଜନା, ଠିକ୍ ଖସଡ଼ା ପ୍ରସ୍ତୁତି ଓ ଏହାର ଅନୁମୋଦନ ନେଇ ବ୍ଲକର ସଭାବନା କକ୍ଷରେ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ବିଡିଓ ଲରିମନ ଖର୍ସେଲ, ସହକାରୀ ଉଦ୍ୟାନ ବିଭାଗ ମନୋଜ କୁମାର ମହାଳି ଓ ଏପିଓ ଅକ୍ଷୟ କୁମାର ବିଷୋୟୀ ରତ୍ନ। ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା ସମୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିକରୁ ଅଧିକ କାମ ଯେପରି କରାଯାଇପାରିବ ତାହା ଉପରେ ଆଲୋଚନାରେ କରାଯାଇଥିଲା। ଗାନ୍ଧୀ ଜୟନ୍ତୀଠାରୁ ପ୍ରକଳ୍ପ ପ୍ରସ୍ତୁତି ଓ ହସ୍ତାନ୍ତର ଥିବାବେଳେ ଅକ୍ଟୋବର ୩ ତାରିଖରୁ ସ୍ୱତନ୍ତ୍ର ପଲ୍ଲିସଭାରେ ଏହା ଅନୁମୋଦନ ହେବା ଏବଂ ୫ ତାରିଖ ସୁଦ୍ଧା ପଞ୍ଚାୟତ ପକ୍ଷରୁ ବ୍ଲକକୁ ପ୍ରକଳ୍ପଗୁଡ଼ିକୁ ହସ୍ତାନ୍ତର ନେଇ ତାରିଖ ଧାର୍ଯ୍ୟ ହୋଇଛି।

### ଗ୍ରାମସାଥୀଙ୍କ ସହ ବିଡିଓଙ୍କ ଆଲୋଚନା

ଆର.ଉଦୟଗିରି,୩।୧୦(ଡି.ଏନ.ଏ.)-ଆର.ଉଦୟଗିରି ବ୍ଲକ ମହେନ୍ଦ୍ରଗଡ ପଞ୍ଚାୟତ କାର୍ଯ୍ୟାଳୟଠାରେ ୨୦୨୩-୨୪ ଆର୍ଥିକ ବର୍ଷ ନିମନ୍ତେ ସମ ଅଟକଳ ପ୍ରସ୍ତୁତି ଓ ଅଧିକ କାର୍ଯ୍ୟ ଦିବସ ସୃଷ୍ଟି ଉଦ୍ଦେଶ୍ୟରେ ଗୁରୁବାର ବିଡିଓ ଲରିମନ ଖର୍ସେଲଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧକ୍ଷ ଲକ୍ଷ୍ମୀନାରାୟଣ ଶବରଙ୍କ ସମେତ ପଞ୍ଚାୟତର ସମସ୍ତ ନିର୍ବାଚନ ପ୍ରତିନିଧି, ଏପିଓ, ୱାର୍ଡମେମ୍ବର, ନିର୍ବାହୀ ଅଧିକାରୀ, ସରପଞ୍ଚ, ସମିତିସଭ୍ୟା/ସଭ୍ୟ, ଗ୍ରାମ ରୋଜଗାର ସେବକ ପ୍ରମୁଖ ଯୋଗ ଦେଇଥିଲେ।

# ଜିଏସ୍‌ଟି ବିଭାଗକୁ ହସ୍ତାନ୍ତର କରାଯିବ ଅଳଙ୍କାର

ବ୍ରହ୍ମପୁର ଅଫିସ,୩।୧୦

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ପୋଲିସ ରବିବାର ସକାଳେ ଏକ କାରରୁ ବିପୁଳ ପରିମାଣର ସୁନା ଓ ରୁପା ଅଳଙ୍କାର ଜବତ କରିଥିଲା। ପ୍ରାୟ ୩ କୋଟି ୧୦ ଲକ୍ଷ ଟଙ୍କାର ଏହି ସୁନା ଓ ରୁପା ଅଳଙ୍କାର ଜିଏସ୍‌ଟି ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ବ୍ରହ୍ମପୁର ଏସ୍‌ପି ଡା. ଶ୍ରବଣା ବିବେକ ଏମ୍. ସୋମବାର ସୂଚନା ଦେଇଛନ୍ତି। ତାମିଲନାଡୁର ସେଲମ୍ ସହରରୁ ଏହି ସୁନା ଓ ରୁପା ଅଳଙ୍କାର ବ୍ରହ୍ମପୁର ଅଣାଯାଇ ଜଣେ ବେପାରୀଙ୍କୁ ହସ୍ତାନ୍ତର କରାଯାଇଥାନ୍ତା ବୋଲି ପୋଲିସ ତଦନ୍ତରୁ ଜଣାପଡ଼ିଛି। ଏହି ଗହଣା ଚାଲାଣ ବେଳେ ଧରାପଡ଼ିଥିବା ଅଭିଯୁକ୍ତମାନେ ଯେଉଁ କାଗଜପତ୍ର ଦେଖାଇଛନ୍ତି ସେଗୁଡ଼ିକ ଜିଏସ୍‌ଟି ବିଭାଗ ଯାଞ୍ଚ କରୁଥିବା ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

## କାରରୁ ସୁନାଗହଣା ଜବତ ଘଟଣା

୧୬ ନମ୍ବର ଜାତୀୟ ରାଜପଥରେ ରବିବାର ବଡ଼ିଭୋରୁ ଗୋଳନ୍ଥରା ଥାନା ପୋଲିସ ନାକାବନ୍ଦୀ କରି ଗାଡ଼ି ଯାଞ୍ଚ କରୁଥିଲା। ଏହି ସମୟରେ ଏକ ସ୍କୋଡା କାର୍ (ନଂ.କେଏ ୦୧ ଏମ୍‌ଆର୍ ୧୫୪୫) ଆନ୍ଧ୍ରପ୍ରଦେଶରୁ ବ୍ରହ୍ମପୁର ଅଭିମୁଖେ ଆସୁଥିବା ଦେଖିବାକୁ ମିଳିଥିଲା। ପୋଲିସ ଟିମ୍‌ର ସନ୍ଦେହ ହେବାରୁ କାର୍ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ପରେ ପଛପଟ ସିଟ୍‌ରେ ଗୁପ୍ତ ଚାମ୍ବର କରାଯାଇଥିବା ବେଳେ ସେଥିରେ ବିପୁଳ ପରିମାଣର ସୁନା ଓ ରୁପା ଗହଣା ଥିବା ଜଣାପଡ଼ିଥିଲା। ଏହି ଘଟଣାରେ ପୋଲିସ କାରରେ ବସିଥିବା ତାମିଲନାଡୁର ସେଲମ୍ ସହରର ୪ ଜଣ ଯୁବକଙ୍କୁ ପଚରାଉଚରା କରିଥିଲା। ସେମାନେ ସୁନାଗହଣାର କାଗଜପତ୍ର ଦେଖାଇଥିଲେ। ହେଲେ ସେଥିରେ ତାଳମେଳ ନ ଥିଲା। ଏଣୁ ପୋଲିସ କାରରୁ ୪ କେଜି ୬୬୪ ଗ୍ରାମ୍ ସୁନାଅଳଙ୍କାର ଓ ୧୮୫ କେଜି ୫ଶହ ଗ୍ରାମ୍ ରୁପା ଅଳଙ୍କାର ଜବତ କରିଥିଲା।

# ଜଳପ୍ରପାତରେ ସେଲ୍‌ଫି ନେଲା ଜୀବନ
## ୨ ଦିନ ପରେ ମିଳିଲା ମୃତଦେହ

ପାରଳାଖେମୁଣ୍ଡି,୩।୧୦(ଡି.ଏନ୍.ଏ.) ରାୟଗଡ ବ୍ଲକ ଅନ୍ତର୍ଗତ ରଘୁନାଥପୁର ନିକଟରେ ଥିବା ଗୁଦ୍‌ଗୁଦା ଜଳପ୍ରପାତରେ ସେଲ୍‌ଫି ନେବା ବେଳେ ପୁଣି ଜଣେ ଯୁବକଙ୍କ ଜୀବନ ଯାଇଛି। ମାସକ ମଧ୍ୟରେ ଏହା ଦ୍ୱିତୀୟ ଘଟଣା। ଗତ ଶନିବାର ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା ପୁରୁଣାପାଟଣା ଗ୍ରାମାଞ୍ଚଳର ୪ ଜଣ ଗୁଦ୍‌ଗୁଦା ଜଳପ୍ରପାତ ବୁଲିବାକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ପି.ବଂଶୀ ନାମକ ଯୁବକ ଜଣକ ଜଳପ୍ରପାତର ଉପର ଭାଗରେ ବୁଲି ମୋବାଇଲ ଫୋନରେ ସେଲଫି ଉଠାଉଥିଲେ। ସେଠାରେ ଗୋଡ ଖସିଯିବାରୁ ପ୍ରାୟ ୧୦୦ଫୁଟ ତଳକୁ ଖସିପଡିଥିଲେ । ତାଙ୍କ ସହ ଯାଇଥିବା ଅନ୍ୟ ୩ ଯୁବକ ଓ ସ୍ଥାନୀୟ ଲୋକେ ବଂଶୀଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ପତ୍ତା ମିଳି ନ ଥିଲା । ଜିରାଙ୍ଗ ଫାଣ୍ଡି ଅଧିକାରୀ ପାଣ୍ଡୁ ମଲ୍ଲିକ, ରାୟଗଡ ଥାନା ପୋଲିସ ଓ ଅଗ୍ନିଶମବାହିନୀ ପହଞ୍ଚି ରବିବାର ସନ୍ଧ୍ୟା ପର୍ଯ୍ୟନ୍ତ ଖୋଜାଖୋଜି ଜାରି ରଖିଥିଲେ। ତଥାପି ସଫଳତା ମିଳିନଥିଲା। ସୋମବାର ଜଳପ୍ରପାତ ଅଞ୍ଚଳରୁ ପ୍ରାୟ ୧କିମି ଦୂରରୁ ବଂଶୀଙ୍କ ମୃତଦେହ ମିଳିଥିଲା। ରାୟଗଡ ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ରାୟଗଡ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଗାଡ଼ିରେ ପୋଲିସ ବୋର୍ଡ ଲଗାଇ ବୁଲିବା ମହଙ୍ଗା ପଡ଼ିଲା
# ଗିରଫ ଯୁବକଙ୍କୁ ଥାନାରୁ ମିଳିଲା ଜାମିନ

ବ୍ରହ୍ମପୁର ଅଫିସ,୩।୧୦

ପାର୍ବଣ ପାଇଁ ବ୍ରହ୍ମପୁର ପୋଲିସ ସହର ଭିତରକୁ ପ୍ରବେଶ କରୁଥିବା ସମସ୍ତ ଯାନବାହନ ଉପରେ କଟକଣା ଲଗାଇଛି। ଏପରିକି ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଜଣେ ଯୁବକ ଏକ ଦାମୀ କାରରେ ପୋଲିସ ବୋର୍ଡ ଲଗାଇ ବ୍ରହ୍ମପୁର ସହରରେ ବୁଲିବା ତାଙ୍କ ପାଇଁ ମହଙ୍ଗା ପଡ଼ିଛି। ଏନେଇ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ ଜିଲା କୋଟାବୋମଲି ଅଞ୍ଚଳର କେ. ସୁବ୍ରମଣ୍ୟମ୍। ଯୁବକଙ୍କୁ ଜେରା ବେଳେ ସେ ପୋଲିସ ବିଭାଗରେ କାମ କରୁ ନ ଥିବା ଜଣାପଡ଼ିଥିଲା। ଏପରିକି ଉକ୍ତ ଗାଡ଼ିଟି କୌଣସି ଥାନାର ହୋଇ ନ ଥିବା ମଧ ଜଣାପଡିଛି। ଯୁବକ ଜଣଙ୍କ ବେଆଇନ ଭାବେ ଏକ କାରରେ ପୋଲିସ ବୋର୍ଡ ଲଗାଇ ଆନ୍ଧ୍ରପ୍ରଦେଶରୁ ବ୍ରହ୍ମପୁର ଆସିଥିବା ପୋଲିସ ଜେରା ବେଳେ ଜାଣିବାକୁ ପାଇଛି। ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁକରି ତାଙ୍କୁ ଗିରଫ କରିଥିଲା। ପରେ ତାଙ୍କୁ ଧାରା ୪୧ ସିଆର୍‌ପିସିରେ ସୋମବାର ଜାମିନ ଦିଆଯାଇଥିବା ପୋଲିସ ସୂଚନା ଦେଇଛି।



ପୋଲିସ ବୋର୍ଡ ଲାଗିଥିବା କାର୍ ଅଟକାଇ ଯାଞ୍ଚ କରୁଛନ୍ତି ଏସ୍‌ପି ।

ପ୍ରକାଶ ଯେ, ରବିବାର ଆନ୍ଧ୍ରପ୍ରଦେଶ ନମ୍ବର ଥିବା ଏକ କାର୍ (ଏପି୩୯ ଏଲଡବ୍ଲ୍ୟୁ ୮୧୨୩) ଲାଞ୍ଜିପଲ୍ଲୀ ବାଇପାସ୍ ଦେଇ ବ୍ରହ୍ମପୁର ଭିତରକୁ ପ୍ରବେଶ କରିଥିଲା। ଏହି ସମୟରେ ସେହି ରାସ୍ତାଦେଇ ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ୍‌ଙ୍କ କାର୍ ଜାତୀୟ ରାଜପଥ ପଟକୁ ଯାଉଥିଲା। ପୋଲିସ ବୋର୍ଡ ଲାଗିଥିବା କାର୍‌ଟିକୁ ସେ ଦେଖିଥିଲେ। ତେବେ କାର୍ ଚଳାଉଥିବା ଯୁବକଙ୍କ ଡ୍ରେସ୍ ଓ ବେକରେ ସୁନା ଚେନ୍ ପକାଇଥିବା ଦେଖି ଏସ୍‌ପିଙ୍କ ସନ୍ଦେହ ହୋଇଥିଲା। ସେ ଉକ୍ତ କାରର ପିଛା କରିଥିଲେ। ଟାଟା ବେଞ୍ଚ ଛକ ଦେଇ ଯାଉଥିବା ଖବର ଟ୍ରାଫିକ ପୋଲିସକୁ ଦେଇ ଗାଡି ଅଟକାଇ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଟ୍ରାଫିକ ପୋଲିସ ଉକ୍ତ କାର୍‌ଟିକୁ ଅଟକାଇ ପଚରଉଚରା କରୁଥିବା ବେଳେ ଏସ୍‌ପି ସେଠାରେ ପହଞ୍ଚି କାର୍ ଚଳାଉଥିବା ଯୁବକ ଜଣକୁ ପରିଚୟପତ୍ର ଦେଖାଇବାକୁ କହିଥିଲେ। କାର ଚାଳକ ଜଣଙ୍କ ଜଣେ ପୋଲିସ କର୍ମଚାରୀ ହୋଇ ନ ଥିବା ଜଣାପଡ଼ିଥିଲା।

# ୧୬ରେ କବିତାଘର ଲିଟେରାରି ଟ୍ରଷ୍ଟ ସମ୍ମାନ

ବ୍ରହ୍ମପୁର ଅଫିସ,୩।୧୦

ଗଞ୍ଜାମ ଜିଲା କବିତାଘର ଲିଟେରାରି ଟ୍ରଷ୍ଟ ପକ୍ଷରୁ ଚଳିତ ବର୍ଷ ପାଇଁ ପ୍ରଦତ୍ତ ସାହିତ୍ୟ ସମ୍ମାନ ସୋମବାର ଘୋଷଣା କରାଯାଇଛି। ଆସନ୍ତା ୧୬ ତାରିଖରେ ଏହି ସମ୍ମାନ ପ୍ରଦାନ କରାଯିବ। ଏ ନେଇ ଟ୍ରଷ୍ଟ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଡ. ରାଜେନ୍ଦ୍ର କୁମାର ବେହେରା, ଉପଦେଷ୍ଟା ଗଦାଧର ପାତ୍ର, କବୟିତ୍ରୀ ଜୟନ୍ତୀ ବେହେରା, ସୁଦାମ ପାଣିଗ୍ରାହୀ, ତ୍ରିଲୋଚନ ଦାସ, ଧର୍ମାନନ୍ଦ ମହାରଣା, ଲଳିତ କୁମାର ସ୍ୱାଇଁ, ଟ୍ରଷ୍ଟି ଭାଗୀରଥି ପଣ୍ଡା ଓ ଲଛମନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମାନିତ ହେବାକୁ ଥିବା କବିଙ୍କ ମଧ୍ୟରେ କବିତା ଅସ୍ତ ସୂର୍ଯ୍ୟ ଓ ନଷ୍ଟ ନୀଡ ନିମନ୍ତେ ଦାରିଙ୍ଗବାଡିର କବି ବିଦେଶୀ ନାୟକ ରାଜ୍ୟସ୍ତରୀୟ କବିତା ସମ୍ମାନ, କିଏ ଅଛି ଏଠିର କବି ଡ.ମହେଶ୍ୱର ମହାରଣା ଗଞ୍ଜାମ ଜିଲାରୁ ଜିଲାସ୍ତରୀୟ ସମ୍ମାନରେ ସମ୍ମାନିତ ହେବେ। ସେହିପରି ସୀମାଞ୍ଚଳ ପଣ୍ଡାଙ୍କୁ ଏକ ହଜାର ଏକ ସଜଲ୍ ପୁସ୍ତକ ନିମନ୍ତେ ଦେବମଣି ସାହୁ ପୁସ୍ତକ ସ୍ମୃତି ସମ୍ମାନରେ ସମାନିତ କରାଯିବ। ଆସନ୍ତା ଉତ୍ସବରେ ଅନୁଷ୍ଠାନର ମୁଖପତ୍ର ଭାଗୀରଥି କବିତାର ଗଙ୍ଗା ସହ ଅନେକ ପୁସ୍ତକ ଉନ୍ମୋଚନ ହେବା ନେଇ ନିଷ୍ପତ୍ତି ହୋଇଥିଲା।

# ଗଞ୍ଜାମ ଜିଲାରେ ୧୦୬ ଡେଙ୍ଗୁ ରୋଗୀ ଚିହ୍ନଟ

ବ୍ରହ୍ମପୁର ଅଫିସ,୩।୧୦

ଗଞ୍ଜାମ ଜିଲାରେ ଡେଙ୍ଗୁ ସ୍ଥିତି ଏବେ ଦିନକୁ ଦିନ ବଢ଼ିବାରେ ଲାଗିଛି। ଗତ ବର୍ଷ ଜିଲାରେ କେବଳ ୯ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ଚଳିତ ବର୍ଷ ଏଯାବତ୍ ୧୦୬ ଜଣ ପଜିଟିଭ ଚିହ୍ନଟ ହୋଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ପୁଣିଥରେ ଦିନକରେ ୫ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ସୋମବାର ଛତ୍ରପୁର ବ୍ଲକ ଅନ୍ତର୍ଗତ ଆର୍ଜିପଲିର ୨୫ ବର୍ଷର ଜଣେ ଯୁବକଙ୍କ ରିପୋର୍ଟ ପଜିଟିଭ ଆସିଛି। ସେହିପରି କବିସୂର୍ଯ୍ୟନଗର ୨୩ ବର୍ଷୀୟା ଜଣେ ମହିଳା ଚେନ୍ନାଇରେ କାମ କରୁଥିବା ବେଳେ ସେ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ପରେ ସେ ଗାଁକୁ ଫେରିଥିଲେ। ତାଙ୍କର ଡେଙ୍ଗୁ ପରୀକ୍ଷା ପରେ ସେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ସେହିପରି ଖଲ୍ଲିକୋଟ ବ୍ଲକ କନକ ଗ୍ରାମର ୨୩ ବର୍ଷର ଜଣେ ମହିଳା ଭୁବନେଶ୍ୱରରେ ରହୁଥିବା ବେଳେ ସେଠାରେ ତାଙ୍କର ଜ୍ୱର ଲାଗି ରହିଥିଲା। ସେ ଗାଁକୁ ଫେରି ଡେଙ୍ଗୁ ପରୀକ୍ଷା କରିଥିଲେ। ତାଙ୍କର ରିପୋର୍ଟ ପଜିଟିଭ ଆସିଛି। ସେହିପରି ପାତ୍ରପୁର ୧୯ ବର୍ଷର ଜଣେ ଯୁବତୀ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ବେଳେ ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ଗ୍ରାମର ଜଣେ ୧୮ବର୍ଷର ଯୁବତୀ ମଧ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ବସ୍‌ରେ ଚାଲାଣ ପୂର୍ବରୁ ନକଲି ବିଦେଶୀ ମଦ ଜବତ
# ଫ୍ୟାକ୍ଟ୍ରିରେ ଚଢ଼ାଉ, ଜଣେ ଗିରଫ

ବ୍ରହ୍ମପୁର ଅଫିସ,୩।୧୦

ପାର୍ବଣ ପାଇଁ ବ୍ରହ୍ମପୁର ସହରରେ ଜନଗହଳି ବଢୁଛି। ଏହାକୁ ଦୃଷ୍ଟିରେ ରଖି ପୋଲିସ ସମସ୍ତ ଛକରେ ବ୍ଲକିଂ ଜୋର୍‌ଦାର କରୁଛି। ରବିବାର ରାତିରେ ହରିଡ଼ାଖଣ୍ଡି ଛକରେ ଜଣେ ଯୁବକ ବାଇକ୍‌ରେ ସନ୍ଦେହଜନକ ଭାବେ ଠିଆ ହୋଇଥିବା ବେଳେ ପୋଲିସ ଧରି ତାଙ୍କ ଗାଡ଼ି ଯାଞ୍ଚ କରିଥିଲା। ଗାଡ଼ିରୁ ଦୁଇ କାର୍ଟୁନ ନକଲି ବିଦେଶୀ ମଦ ଜବତ କରିଥିଲା। ଦିଗପହଣ୍ଡି ଉକ୍ତ ନକଲି ବିଦେଶୀ ମଦ ଚାଲାଣ ପାଇଁ ବସ୍‌କୁ ଅପେକ୍ଷା କରିଥିବା ବେଳେ ତାଙ୍କୁ କାବୁ କରିଥିଲା। ଅଭିଯୁକ୍ତ ଜଣଙ୍କ ପାଣିଗ୍ରାହୀ ପେଣ୍ଠର ମୂଳ ନିବାସୀ ବାସୁଦେବ ତ୍ରିପାଠୀ (୪୨)। ତାଙ୍କୁ ଜେରା ବେଳେ ସେ ସଦର ଥାନା ଅନ୍ତର୍ଗତ ଲାଠି ଗ୍ରାମରେ ଏକ ଘର ଭଡ଼ା ନେଇ ସେଠାରେ ଏହି ନକଲି ବିଦେଶୀ ମଦ ପ୍ରସ୍ତୁତ କରୁଥିଲେ ବୋଲି ସେ ପୋଲିସକୁ କହିଛି।



ଗିରଫ ଅଭିଯୁକ୍ତ ସହ ଜବତ ମଦ ।

ବାସୁଦେବଙ୍କୁ ନେଇ ପୋଲିସ ଟିମ୍ ଲାଠିରେ ଥିବା ନକଲି ମଦ ଫ୍ୟାକ୍ଟ୍ରିରେ ଚଢ଼ାଉ କରିଥିଲା। ସେଠାରୁ ବିପୁଳ ପରିମାଣର ବିଭିନ୍ନ ବ୍ରାଣ୍ଡ୍‌ର ନକଲି ବିଦେଶୀ ମଦ ଓ କଞ୍ଚାମାଲ ଜବତ କରିଥିଲା। ସୋମବାର ମାମଲା ନମ୍ବର ୨୫୫/୨୨ ରେ ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏହି ନକଲି ବିଦେଶୀ ମଦ କାରବାରର ମାଷ୍ଟର ମାଇଣ୍ଡ ସତ୍ୟନାରାୟଣ ମହାପାତ୍ର ଫେରାର ଥିବା ପୋଲିସ କହିଛି। ଘଟଣାରୁ ପ୍ରକାଶ ଯେ, ପୋଲିସ ଉକ୍ତ ଫ୍ୟାକ୍ଟ୍ରିରୁ ବିଭିନ୍ନ ବ୍ରାଣ୍ଡ୍‌ର ପ୍ରାୟ ୨୫ ଲିଟର ନକଲି ବିଦେଶୀ ମଦ, ୨ ଲିଟର ସ୍ପିରିଟ୍, ୧ଲିଟର ରାସାୟନିକ ରଙ୍ଗ(କଲର), ୩୦୦ ନକଲି ଅବକାରୀ ସିଲ୍, ପ୍ୟାକିଂ ମେଶିନ, ୫୫୦ ପ୍ଲାଷ୍ଟିକ କ୍ୟାପ୍, ୨୦ଲିଟରର ବିଶିଷ୍ଟ ୮ ଟି ବୋତଲ, ୩୫୦ଖାଲି ବୋତଲ, ଦୁଇଟି ବାଇକ୍ ଜବତ କରିଛି। ଜବତ ନକଲି ବିଦେଶୀ ମଦ ନମୁନା ସଂଗ୍ରହ କରି ପୋଲିସ ପରୀକ୍ଷା ପାଇଁ ପଠାଇଛି।

# ରେଳଧାରଣାରୁ ୩ ମୃତଦେହ ଜବତ

ବ୍ରହ୍ମପୁର ଅଫିସ,୩।୧୦

ଗୋଟିଏ ଦିନରେ ସରକାରୀ ରେଳବାଇ ପୋଲିସ (ଜିଆରପି) ଥାନା ପୋଲିସ ପୃଥକ୍ ପୃଥକ ରେଳ ଧାରଣାରୁ ୩ଜଣ ଯୁବକଙ୍କ ମୃତଦେହ ଜବତ କରିଛି। ଆଙ୍କୁଲି ନିକଟ ରେଳଧାରଣାରୁ ଦୁଇ ଜଣ ଏବଂ ଛତ୍ରପୁର ନିକଟ ଅଗସ୍ତିନୂଆଗାଁ ରେଳଧାରଣା ନିକଟ ଲଟାବୁଦାରୁ ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି। ତିନୋଟି ଯାକ ମୃତଦେହର ପରିଚୟ ମିଳିନଥିବା ଜଣାପଡିଛି। ପୋଲିସ ମୃତଦେହଗୁଡ଼ିକୁ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ତିନୋଟି ଅପମୃତ୍ୟୁ ମାମଲା (୭୭/୨୨, ୭୮/୨୨, ୭୯/୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ପ୍ରାଥମିକ ତଦନ୍ତରୁ ୩ ଜଣ ଯୁବକ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ସନ୍ଦେହ କରୁଛି।

# ଜୁଆ ଆଡ୍ଡାରୁ ୫ ଗିରଫ,୧୪ ହଜାର ଜବତ

ହିଞ୍ଜିଳିକାଟୁ,୩।୧୦(ଡି.ଏନ.ଏ):ହିଞ୍ଜିଳିକାଟୁ ପୋଲିସ ହିଞ୍ଜିଳି ମଠ ପଦର ସାହିରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ସୋମବାର ଚଢ଼ାଉ କରି ୫ ଜୁଆଡିଙ୍କୁ ଗିରଫ କରିଛି। ସେଠାରୁ ୧୪ ହଜାର ଟଙ୍କା ଓ ତାସ ମୁଠା ପୋଲିସ ଜବତ କରିଛି। ଏ ନେଇ ହିଞ୍ଜିଳି ଥାନା ରେ ନଂ. ୫୩୦/୨୨ରେ ମାମଲା ରୁଜୁ ହୋଇଛି। ଚଢ଼ାଉ ବେଳେ ଅନ୍ୟକେତେଜଣ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି।

# ସାମାନ୍ୟ ବର୍ଷାରେ ତ୍ରିବେଣୀ ନଗର ସ୍ଥିତି ବେହାଲ



ନିଷ୍କାସିତ ହୋଇପାରୁ ନ ଥିବା ତ୍ରିବେଣୀ ନଗର କେନାଲ ପାଣି।

ବ୍ରହ୍ମପୁର ଅଫିସ,୩।୧୦

ବର୍ଷାଦିନରେ ସହରବାସୀ ଯେଭଳି ଜଳବନ୍ଦୀ ନ ହେବେ ସେନେଇ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସମୂହ ସଫେଇ ଅଭିଯାନ ଆରମ୍ଭ ହୋଇଥିଲା। ଯେଉଁଥିରେ ବିଏମ୍‌ସି ପକ୍ଷରୁ ଶହେରୁ ଉର୍ଦ୍ଧ୍ୱ ସଫେଇ କର୍ମଚାରୀ ସାଙ୍ଗକୁ ଟ୍ରାକ୍ଟର ଓ ଜେସିବି ବ୍ୟବହୃତ କରାଯାଇଥିଲା। କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ବିଏମ୍‌ସିର ୧୮ନଂ. ୱାର୍ଡରେ ଥିବା ତ୍ରିବେଣୀ ନଗରରେ। ଏଠାକାର ଏକ କେନାଲରେ ନର୍ଦ୍ଦମାପାଣି ନିଷ୍କାସିତ ହୋଇ ନ ପାରି ରାସ୍ତାଉପରେ ଆଣ୍ଠୁଏ ଉଚ୍ଚର ଭାସୁଛି। ସାମାନ୍ୟ ବର୍ଷାରେ ସୋମବାର ଉକ୍ତ ରାସ୍ତାରେ ଯାତାୟାତ ନେଇ ସମସ୍ୟା ଦେଖାଦେଇଥିଲା। ଏପରି କି ନର୍ଦ୍ଦମା ପାଣି ପାଇପ୍ ଲାଇନ୍ ମଧ୍ୟରେ ପ୍ରବେଶ କରୁଥିବାରୁ ସେ ପାଣି ବ୍ୟବହାର ଉପଯୋଗୀ ହୋଇପାରୁ ନ ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।


## ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ
ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ., ବ୍ରହ୍ମପୁର, ଗଞ୍ଜାମ
ନୋଟିସ୍ ସଂଖ୍ୟା: ୧୬୧୬/୨୦୨୨-୨୩ ତା: ୦୩।୧୦।୨୦୨୨

**ବିଜ୍ଞାପନ**

ରାଜ୍ୟ ସମବାୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ଏବଂ ପ୍ରାଥମିକ ଭୋଟର ତାଲିକା ଉପରେ ହୋଇଥିବା ଆପତ୍ତି ଅଭିଯୋଗର ଶୁଣାଣି କରି ପ୍ରାଥମିକ ଭୋଟର ତାଲିକାରେ ଥିବା ନିର୍ବାଚନମଣ୍ଡଳୀଗୁଡିକର ସଂରକ୍ଷିତ ବର୍ଗଗୁଡିକ ନିମ୍ନପ୍ରକାରେ ସଂଶୋଧନ କରାଗଲା ।

ଅନୁସୂଚୀ (ଖ)

ପ୍ରତ୍ୟେକ ନିର୍ବାଚନମଣ୍ଡଳୀରୁ ଜଣେ ଲେଖାଏଁ ପ୍ରାର୍ଥୀ/ପ୍ରାର୍ଥିନୀ କମିଟିକୁ ନିର୍ବାଚିତ ହେବେ

| ନିର୍ବାଚନମଣ୍ଡଳୀ ସଂଖ୍ୟା | କେଉଁ ବର୍ଗ ପାଇଁ ଉଦ୍ଦିଷ୍ଟ |
|---|---|
| ୧ | ଅଣସଂରକ୍ଷିତ (Unreserved) |
| ୨ | ଅଣସଂରକ୍ଷିତ (Unreserved) |
| ୩ | ମହିଳା (Women) |
| ୪ | ଅନ୍ୟାନ୍ୟ ପଛୁଆବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୫ | ଅନ୍ୟାନ୍ୟ ପଛୁଆବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୬ | ଅନୁସୂଚିତ ଜାତି (Scheduled Caste) |
| ୭ | ଅନ୍ୟାନ୍ୟ ପଛୁଆବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) (Women) ମହିଳା |
| ୮ | ଅନ୍ୟାନ୍ୟ ପଛୁଆବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୯ | ଅନ୍ୟାନ୍ୟ ପଛୁଆବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) (Women) ମହିଳା |
| ୧୦ | ଅନ୍ୟାନ୍ୟ ପଛୁଆବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୧୧ | ଅନ୍ୟାନ୍ୟ ପଛୁଆବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୧୨ | ଅନ୍ୟାନ୍ୟ ପଛୁଆବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୧୩ | ଅଣସଂରକ୍ଷିତ (Unreserved) |
| ୧୪ | ଅନ୍ୟାନ୍ୟ ପଛୁଆବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୧୫ | ଅନ୍ୟାନ୍ୟ ପଛୁଆବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |

ସ୍ୱା./- ଶ୍ରୀ ପର୍ଶୁରାମ ପାତ୍ର
ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ, ବ୍ରହ୍ମପୁର ମଣ୍ଡଳ
ତଥା ନିର୍ବାଚନ ଅଧିକାରୀ, ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ.

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

M/S Vijaynagar Biotech Private Limited
WANTED
CIVIL ENGINEER
Qualifications : B.Tech (Civil)-Minimum 2 years experience
Site Supervisor:Minimum 2 years experience
Place of Work: IDCO, Plot No.1, Bamini, Kodinga Tahasil, Nabarangpur, Odisha
Interested may apply on or before 15.10.2022
E-mail: adm@vbtpl.com

WANTED

| Sr. No. | Post | Qualification | Sex | Experience | Salary | Nos |
|---|---|---|---|---|---|---|
| 1 | Electrician | ITI | M | 1 Year | 14,000 | 4 |
| 2 | Captain (Supervisor) | | M | 1 Year | 15,000 | 8 |
| 3 | Steward | | F | 1 Year | 15,000 | 20 |
| 4 | Store Keeper | | M | | 8,000 | 3 |
| 5 | Office Staff (Stock) | PGDCA & Tally | M/F | 1 Year | 10,000 | 1 |

Cont. Details: KM Convention (Wedding Hall), Bhubaneswar
Send your Resume by mail
Mail Id: khatamitha717@gmail.com
Cont. No.9556924496 (Cont. between 10.30 AM to 4 PM)

We are DEPL
Hiring
Project Coordinators (B.Tech/Diploma) (Having more than 7 years Exp. in utility business)
Circle Coordinators (B.Tech/Diploma) (Having more than 5 years Exp. in utility business)
DET/GET (Diploma/B.Tech.(Electrical) (Experience-0-1)
Divisional Coordinators (B.Tech/Diploma) (Having more than 3 years Exp. in utility business)
Data Analytics (Graduation and Above with Good command over Excel)
Technician (ITI,Electrician with Apprentice) (Experience 0-1)
For The Areas of (TPNODL, TPSODL, TPWODL)
Darubrahma Energy And Power Private Limited
Business Associate of TPNODL,TPSODL,TPWODL
(A TATA Power and Govt. of Odisha Joint Venture)
finance@darubrahmaenergy.co.in 70 08 122 008
ceo@darubrahmaenergy.co.in 91 78 700 880